୬ ଆଜି ଚେନ୍ନାଇ-ବେଙ୍ଗାଲୁରୁ ମ୍ୟାଚ୍

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୧୦ ● ୧୮ ମଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-110 ● 18th May 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24

ସମ୍ବଲପୁର ଓ ଢେଙ୍କାନାଳରେ ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୦୫
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶୁକ୍ରବାର ସମ୍ବଲପୁର ସହିତ ଢେଙ୍କାନାଳ, ଅନୁଗୋଳ ଓ ରେଢ଼ାଖୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର କରି ବିଜୁ ଜନତା ଦଳ ପାଇଁ ଭୋଟ ମାଗିଛନ୍ତି। ଏହି ସବୁ ସ୍ଥାନରେ ବିଶାଳ ଜନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଲୋକମାନେ ଭବ୍ୟ ସ୍ୱାଗତ କରିଥିଲେ । ବିଜୁ ଜନତା ଦଳର ସମ୍ବଲପୁର ଓ ଢେଙ୍କାନାଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ସଭାରେ ବିରୋଧୀ ଦଳକୁ ଆକ୍ରମଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସେମାନଙ୍କ ନେତାମାନେ ମିଛ କଥା କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ବି.ଏସ୍.କେ.ୱାଇ,

ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ଚାଷୀଙ୍କ କାଳିଆ, ମଧୁବାବୁ ପେନସନ ଯୋଜନା, ରାସନ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ଥିଲେ ଏସବୁ ଯୋଜନା ଭଲ କି ? ଜନତାଙ୍କ ସମୂହ ଉତ୍ତର ଥିଲା 'ହଁ' । ଯେତେବେଳେ ସେ ପଚାରିଲେ ନବୀନ ପଟ୍ଟନାୟକ ଭଲ କି ? 'ହଁ' ଧ୍ୱନିରେ ପ୍ରତିଧ୍ୱନିତ ହୋଇଥିଲା ସଭାସ୍ଥଳ । ସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଜୁଲାଇରୁ ଆଉ ବିଜୁଳି ବିଲ୍ ଆସିବ ନାହିଁ । ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ । ଆପଣମାନେ ଖୁସି ତ ? ତା'ପରେ ସେ ପୁଣି କହିଲେ ମା' ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ ? ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହେଇଛି ତ ? ବହୁତ ଭଲ ବୋଲି ଉଚ୍ଛ୍ୱସିତ ସ୍ୱରରେ ଜନତା ଉତ୍ତର ଦେଇଥିଲେ । କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପ୍ୟାକେଜ ଆସିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହାପରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଜନସଭାକୁ ସମ୍ବୋଧନ କରି କହିଥିଲେ ବିଜେପିର ସମସ୍ତେ କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ, ସେମାନେ ପ୍ରଥମେ ଆଗେ ତାଙ୍କ ପାର୍ଲାମେଣ୍ଟାରୀ ପାର୍ଟିର ବୈଠକ କରି ନିଷ୍ପତ୍ତି କରନ୍ତୁ – କେଉଁ ରାଜ୍ୟକୁ ଏକ ନମ୍ବର କରିବେ ? ତା'ପରେ ଓଡ଼ିଶା ଆସି ଆମର ଏକ ନମ୍ବର *(ପୃଷ୍ଠା ୭ରେ)*

ଓଡ଼ିଶାରେ ଏବେବି ୨୭ ଲକ୍ଷ ପରିବାରଙ୍କୁ ପକ୍କା ଘର ମିଳିପାରି ନାହିଁ: ଅମିତ ଶାହ

ରାଉରକେଲା, ୧୭/୦୫
ନ୍ୟୁଜ ବ୍ୟୁରୋ

ଆବାସ ଯୋଜନାରେ ମୋଦି ସରକାର ଦେଶର ୪ କୋଟି ପରିବାରଙ୍କୁ ପକ୍କା ଘର ଦେଇଛନ୍ତି। ଏହି ଯୋଜନା ଓଡ଼ିଶାରେ ଠିକ୍ ଭାବେ ବ୍ୟବହାର ହୋଇପାରି ନାହିଁ। ଓଡ଼ିଶାରେ ଏବେବି ୨୭ ଲକ୍ଷ ପରିବାରକୁ ପକ୍କା ଘର ମିଳିପାରି ନାହିଁ। ସେହିପରି ୨୪ ଲକ୍ଷ ପରିବାରଙ୍କ ଘରେ ପାଇପ୍ ପାଣି ବ୍ୟବସ୍ଥା କରାଯାଇ ପାରିନାହିଁ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଅପରାହ୍ଣରେ ଏହା କହିଛନ୍ତି। ଭାରତୀୟ ଜନତା ପାର୍ଟିର ବିଜୟ ସଂକଳ୍ପ ସମାବେଶରେ ଶାହ କଡ଼ାଭାଷାରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଜନସଭାକୁ ସମ୍ବୋଧିତ କରି ଶ୍ରୀ ଶାହ କହିଛନ୍ତି, ବର୍ଷବର୍ଷ ଧରି ଓଡ଼ିଶାର ଜନତା ରତ୍ନଭଣ୍ଡାର ଚାବି ନେଇ ପ୍ରଶ୍ନ କରୁଛନ୍ତି। ମହାପ୍ରଭୁଙ୍କ ରତ୍ନଭଣ୍ଡାରର ଚାବି ଗଲା କୁଆଡ଼େ ? ଡୁପ୍ଲିକେଟ ଚାବି କେମିତି ତିଆରି ହେଲା ? ଡୁପ୍ଲିକେଟ୍ ଚାବିରେ ରତ୍ନଭଣ୍ଡାର ଖୋଲାଯାଉଛି କି ? ପ୍ରଭୁ ଜଗନ୍ନାଥଙ୍କ ଚାରିଦ୍ୱାର ଖୋଲାଯାଉ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ଗୋଟିଏ ଦ୍ୱାର ଦେଇ ପ୍ରବେଶ କରୁଛନ୍ତି, ଯାହା ଦ୍ୱାରା ସମସ୍ୟା ହେଉଛି। ପ୍ରଭୁ ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରାଯାଉଛି। ପରିକ୍ରମା ପ୍ରକଳ୍ପ ନାମରେ ଶ୍ରୀମନ୍ଦିରକୁ ପର୍ଯ୍ୟଟନ କ୍ଷେତ୍ର କରାଯାଉଛି। ବିଜେପି ସରକାର ଆସିଲେ ମାସକ ମଧ୍ୟରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ। ଆମେ ରତ୍ନଭଣ୍ଡାର ଖୋଲିବୁ। ଓଡ଼ିଶାର ଶାସନ ବ୍ୟବସ୍ଥା ନେଇ ମଧ୍ୟ ଶ୍ରୀ ଶାହ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଆ, ଭାଷା, ସଂସ୍କୃତି ଓ ଗୌରବକୁ ପୁନଃ ପ୍ରତିଷ୍ଠା କରାଯିବ। ସେହିପରି ସେ କହିଛନ୍ତି, ପ୍ରଥମ ୪ଟି ପର୍ଯ୍ୟାୟରେ ୨୭୦ ଆସନ ଟପିସାରିଛି। ଏଥର ୪୦୦ ପାର ଅତିକ୍ରମ କରିବ। ଓଡ଼ିଶାରେ ୧୫ରୁ ଊର୍ଦ୍ଧ୍ୱ ଲୋକସଭା ଆସନରେ ବିଜେପି ଜିତିବ। ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପିକୁ ୭୫ ଆସନ ମିଳିବ। କେନ୍ଦ୍ରମନ୍ତ୍ରୀ *(ପୃଷ୍ଠା ୭ରେ)*

ପୁଣି ଫେରିଲା ତାତି

ଭୁବନେଶ୍ୱର, ୧୭/୦୫
ନ୍ୟୁଜ ବ୍ୟୁରୋ

ପୁଣି ଫେରିଲା ହିଟୱେଭ। ଅସମ୍ଭାଳ ହେବ ତାତି। ଆସନ୍ତା ୨୦ ଓ ୨୧ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୦ ତାରିଖରେ ୬ ଜିଲ୍ଲା ୨୧ ତାରିଖରେ ୧୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁସାରେ ଶନିବାର ଓ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ

ଜାମିନ ପାଇଁ ଟ୍ରାଏଲ କୋର୍ଟ ଯାଇପାରିବେ କେଜରିୱାଲ

ନୂଆଦିଲ୍ଲୀ, ୧୭/୦୫

ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ହୋଇଥିବା ଗିରଫଦାରୀ ବିରୋଧରେ ଅରବିନ୍ଦ କେଜରିୱାଲ କରିଥିବା ଆବେଦନର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ କେଜରିୱାଲଙ୍କ ଓକିଲ ଅଭିଷେକ ମନୁସିଙ୍ଘଭୀ ଦମଦାର ଯୁକ୍ତି ଉପସ୍ଥାପନ କରିଥିଲେ। ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତନ ଇଡିକୁ ନୂଆ ତଥ୍ୟ ସବୁ ଆଣିବାକୁ କହିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଛନ୍ତି ସତ କିନ୍ତୁ କେଜରିୱାଲଙ୍କୁ ତଳ କୋର୍ଟରେ ନିୟମିତ ଜାମିନ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ

ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଇଡି ଦେଇଥିବା ଲିଖିତ ତଥ୍ୟକୁ ପଢ଼ିଥିଲେ। ଏହାପରେ ଦିଲ୍ଲୀ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଗିରଫଦାରୀ ପରେ ଆଉ କ'ଣ ସବୁ ନୂଆ ପ୍ରମାଣ ମିଳିଛି, ସେସବୁ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ତଥ୍ୟ ଆଧାରରେ ଇଡି କେଜରିୱାଲଙ୍କୁ ଗିରଫ କରିଥିବା *(ପୃଷ୍ଠା ୭ରେ)*

ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୧୭/୦୫
ନ୍ୟୁଜ ବ୍ୟୁରୋ

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ କରିଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଓ ଏହା ଅଧିନରେ ଥିବା ୨୮ଟି ବିଧାନସଭା କ୍ଷେତ୍ରରେ ଉତ୍ସାହ ମଧ୍ୟରେ ହୋଇଥିବା ମତଦାନ ବିଷୟରେ ସୂଚିତ କରିଥିଲେ। ଏହି ପର୍ଯ୍ୟାୟରେ ହାରାହାରି ମତଦାନ ହାର ୭୫.୬୮ ପ୍ରତିଶତ ଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

ସ୍ୱାଭିମାନ ଅଞ୍ଚଳଠୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ କିପରି ସବୁବର୍ଗର ମତଦାତାମାନେ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିଲେ ଶ୍ରୀ ଧଳ ସେ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟଠାରେ ହୋଇଥିବା ପ୍ରାକନିର୍ବାଚନୀ ହିଂସା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତା ପ୍ରକଟ କରିଥିଲେ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ କୌଣସି ପ୍ରକାରର ଆଇନଶୃଙ୍ଖଳା ପରିସ୍ଥିତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଏହି ବିଷୟରେ ଭାରତ ନିର୍ବାଚନ ଆୟୋଗ ଉଦ୍‌ବେଗ ପ୍ରକାଶ କରିଥିବା ଜଣାଇଥିଲେ। ଏହି ଅବସରରେ ଶାନ୍ତିଶୃଙ୍ଖଳା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଗଣତନ୍ତ୍ରର ମହାପର୍ବରେ *(ପୃଷ୍ଠା ୭ରେ)*

ରାଏବରେଲୀକୁ ପୁଅଙ୍କୁ ସମର୍ପିଲେ ସୋନିଆ, କହିଲେ- ରାହୁଲ ନିରାଶ କରିବ ନାହିଁ

ରାଏବରେଲୀ, ୧୭/୦୫

ଉତ୍ତର ପ୍ରଦେଶର ରାଏବରେଲୀରେ ଶୁକ୍ରବାର ପ୍ରଚାର କରିଛନ୍ତି କଂଗ୍ରେସ ଭେଟରାନ ସୋନିଆ ଗାନ୍ଧି। ଏଠାରେ ପୁଅ ରାହୁଲ ଗାନ୍ଧି ପ୍ରାର୍ଥୀ ହୋଇଥିବାରୁ ସୋନିଆ ବେଶ ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ସେ ରାଏବରେଲୀ ଜନତାଙ୍କୁ ରାହୁଲ ଗାନ୍ଧିଙ୍କୁ ସମର୍ପିବା ସହ ପୁଅ କେବେ ନିରାଶ କରିବ ନାହିଁ ବୋଲି କହିଛନ୍ତି। ୭୭ ବର୍ଷୀୟ ସୋନିଆ ୨୦୦୪ରୁ ରାଏବରେଲୀରୁ ଜିତି ଆସୁଥିଲେ। କିନ୍ତୁ ସେ ଚଳିତ ବର୍ଷ ରାଜ୍ୟସଭାକୁ ଯାଇଥିବାରୁ ରାହୁଲ ଏଠାରେ ପ୍ରାର୍ଥୀ ହୋଇଛନ୍ତି। ରାହୁଲଙ୍କ ପାଇଁ ରାଏବରେଲୀରେ ସୋନିଆ ପ୍ରଚାର କରି କହିଛନ୍ତି, "ମୁଁ ଆପଣମାନଙ୍କୁ ମୋ ପୁଅକୁ ସମର୍ପିତ କରୁଛି। ଯେମିତି ଆପଣମାନେ ମୋତେ ଆପଣାଇଥିଲେ, ଠିକ୍ ସେହିପରି ରାହୁଲଙ୍କୁ ନିଜର ଭାବି ରଖିବେ। ଏ ରାହୁଲ ଆପଣମାନଙ୍କୁ ନିରାଶ କରିବ ନାହିଁ। ଇନ୍ଦିରା ଗାନ୍ଧି ଓ ରାଏବରେଲୀର *(ପୃଷ୍ଠା ୭ରେ)*

୧୯ ସନ୍ଧ୍ୟାରେ ଭୁବନେଶ୍ୱର ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର, ୧୭/୦୫
ନ୍ୟୁଜ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ପୁଣି ଓଡ଼ିଶା ଆସିବେ। ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୯ ତାରିଖ ସନ୍ଧ୍ୟାରେ ନରେନ୍ଦ୍ର ମୋଦି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କର୍ମକର୍ତ୍ତାଙ୍କ ସମୀକ୍ଷା ବୈଠକରେ ଯୋଗ ଦେବେ। ସେ ଭୁବନେଶ୍ୱରରେ ରାତ୍ରିଯାପନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ମୋଦି ୨୦ରେ ପୁରୀରେ ସକାଳୁ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବେ। ଦର୍ଶନ ସାରି ରୋଡ୍ ଶୋ' କରିବେ। ଏହି ରୋଡ୍ ଶୋ' ସମୟରେ ମୋଦିଙ୍କ ସୁସଜ୍ଜିତ ଗାଡ଼ିରେ ବିଜେପିର ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ *(ପୃଷ୍ଠା ୭ରେ)*

ଆମେରିକା-ଦକ୍ଷିଣ କୋରିଆ ସମରାଭ୍ୟାସ ଜବାବରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଉତ୍ତର କୋରିଆ

ସିଓଲ, ୧୭/୦୫

ଆମେରିକା ଓ ଦକ୍ଷିଣ କୋରିଆର ମିଳିତ ସାମରିକ ଅଭ୍ୟାସ ଦ୍ୱିତୀୟ ଦିନରେ ପହଞ୍ଚିଥିବାବେଳେ ଏହାର ଜବାବରେ ଉତ୍ତର କୋରିଆ ପୂର୍ବ ଉପକୂଳରେ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଦକ୍ଷିଣ କୋରିଆର ଯୁଗ୍ମ ଚିଫ୍ ଅଫ୍ ଷ୍ଟାଫ୍ କହିଛନ୍ତି ଯେ ପୂର୍ବ ଉପକୂଳ ୱାନସାନ ଅଞ୍ଚଳରୁ ପ୍ରକ୍ଷେପଣ କରାଯାଇଥିବା *(ପୃଷ୍ଠା ୭ରେ)*

ଏକାଳ ପଖାଳ

ରାଜନୀତି କଥା ଆଜି ପାଇଁ ଥାଉ
ଦେଖିବା ଟିକିଏ ଖେଳ
ସିଏସକେ, ଆର୍‌ସିବି ମ୍ୟାଚ୍‌ଟାପରା
ଉଡେଇଦେବ କି ଚାଳ
ପିନ୍ଧି ପ୍ଲେଅଫ୍ ମାଳ
ଧୋନୀ ନା କୋହଲି କିଏ ସେ ବୁଲିବ
ଦେଖିବାର ଇଏ ବେଳ

୬ ରାଜ୍ୟକୁ ହିଟୱେଭ, ୩ ରାଜ୍ୟକୁ ପ୍ରବଳ ବର୍ଷା ନେଇ ସତର୍କ କଲା ଆଇଏମଡି

ନୂଆଦିଲ୍ଲୀ, ୧୭/୦୫

ପାଣିପାଗରେ ଏବେ ଅଜବ ଲକ୍ଷଣ ଦେଖାଯାଇଛି। କିଛି ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଥିବା ବେଳେ ଆଉ କିଛି ରାଜ୍ୟରେ ମୁଣ୍ଡ ଫଟା ଖରା ହେଉଛି। ପାଣିପାଗର ଏପରି ବିଲକ୍ଷଣ ଦେଖି ସମସ୍ତେ ଆଶ୍ଚର୍ଯ୍ୟଚକିତ ମଧ୍ୟ ହେଉଛନ୍ତି। ଏହି ସବୁ ଭିତରେ ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ଦେଶର ୬ ରାଜ୍ୟକୁ ପ୍ରବଳ ଖରା ପାଇଁ ହିଟୱେଭ୍ ସତର୍କ ସୂଚନା ଜାରି କରିଛି। ସେହିପରି ୩ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ମଧ୍ୟ ଆଶଙ୍କା ରହିଥିବା ବିଭାଗ କହିଛି। ବିଭାଗ ପକ୍ଷରୁ ରାଜସ୍ଥାନ, ପଞ୍ଜାବ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରକୁ ଆସନ୍ତା ୪ ଦିନ ପାଇଁ ହିଟୱେଭ ସତର୍କ ସୂଚନା ଦିଆଯାଇଛି। ଏହି ସମୟରେ ତାମିଲନାଡୁ, କେରଳ ଓ ଦକ୍ଷିଣପୂର୍ବ କର୍ଣ୍ଣାଟକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମେ' ମାସରେ ତାତି ରେକର୍ଡ କରିଛି। ଦେଶର ଅଧିକାଂଶ ପ୍ରାନ୍ତରେ ପାରଦ ୪୫ କିମ୍ବା ତା' ଠାରୁ ଉପରେ ରେକର୍ଡ କରାଯାଇଥିବା ବିଭାଗ କହିଛି। ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ନରେଶ କୁମାର କହିଛନ୍ତି, "ଏପ୍ରିଲ ଠାରୁ ବିଗତ କିଛି ଦିନ ହେବ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମା ଝଡ଼ ପ୍ରଭାବିତ କରିବାରେ ଲାଗିଛି। ଏଥିପାଇଁ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ବିକ୍ଷିପ୍ତ ଅଞ୍ଚଳରେ ବର୍ଷା ହୋଇଛି। ତାପମାତ୍ରା ସେତେ ଉପରକୁ ଉଠିନାହିଁ। ମେ' ମାସରେ ଦେଶର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିଲା। ଶୁକ୍ରବାର ମଧ୍ୟ *(ପୃଷ୍ଠା ୭ରେ)*

କେରଳରେ ଦ୍ରୁତ ଗତିରେ ବ୍ୟାପୁଛି ହେପାଟାଇଟିସ୍ 'ଏ'

କୋଚି, ୧୭/୦୫

କେରଳରେ ଏବେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି ହେପାଟାଇଟିସ୍ 'ଏ' ରୋଗ । ଯକୃତ ସଂକ୍ରମଣ କାରଣରୁ କେରଳରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ବୃଦ୍ଧି ପାଉଥିବା ମାମଲାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି। ତଥାପି, ଏଥିରେ କୌଣସି ସୁଧାର ଆସିନଥିବା ଜଣାପଡିଛି। କେରଳର ମାଲାପୁରମ୍, ଏର୍ନାକୁଲମ୍, କୋଜିକୋଡେ ଏବଂ ଥ୍ରିସୁରରେ ହେପାଟାଇଟିସ୍ 'ଏ' ରୋଗ ବୃଦ୍ଧି ପାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଏହି ରୋଗର ୨ ହଜାର ରିପୋର୍ଟ ସାମନାକୁ ଆସିଛି । ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ରୋଗ କେରଳରେ ଏକ ସାଂଘାତିକ ରୂପ ନେଉଛି। ହେପାଟାଇଟିସ୍ ଏ ଖରାପ ପାଣି ଏବଂ ଦୂଷିତ ଖାଦ୍ୟ ଯୋଗୁଁ ସୃଷ୍ଟି ହୋଇଥାଏ। ପ୍ରତ୍ୟେକ ରୋଗୀ ଠାରେ ଗମ୍ଭୀର ଲକ୍ଷଣ ଦେଖା ଦିଏ ନାହିଁ । ଅଧିକାଂଶ କ୍ଷେତ୍ରରେ ରୋଗୀ ସୁସ୍ଥ ହୋଇଯାଏ, କିନ୍ତୁ କେତେକ କ୍ଷେତ୍ରରେ ଏହି ରୋଗ ଗୁରୁତର ହୋଇଯାଏ। ହେପାଟାଇଟିସ୍ ଯକୃତ *(ପୃଷ୍ଠା ୭ରେ)*

ସମ୍ ଫୁଲନଖରା ଓ ଶୀତଳାପଲ୍ଲୀ କ୍ୟାମ୍ପସରେ ଆନ୍ତର୍ଜାତିକ ସେବିକା ଦିବସ

ସେବିକା ମା'ର ଅନ୍ୟ ଏକ ରୂପ : ସୋଆ ଉପସଭାପତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମା'ର ଅନ୍ୟ ଏକ ରୂପ ହେଉଛି ସେବିକା। ମା ନିଜ ପିଲାର ଯତ୍ନ ନେବା ଭଳି ନର୍ସମାନେ ମଧ୍ୟ ସେବା ଯତ୍ନ ପ୍ରଦାନ କରି ରୋଗୀମାନଙ୍କୁ ସୁସ୍ଥ କରିଥାନ୍ତି। ତେଣୁ ନର୍ସ ମାନେ ମା ସହିତ ତୁଳନୀୟ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସ୍‌ରେ ହସ୍ପିଟାଲର ନର୍ସିଂ ବିଭାଗ ପକ୍ଷରୁ ମେ ୧୨ ତାରିଖ ଦିନ ଆନ୍ତର୍ଜାତିକ ସେବିକା ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ ବିଶ୍ୱ ମାତୃ ଦିବସ ଓ ଆନ୍ତର୍ଜାତିକ ସେବିକା ଦିବସ ଗୋଟିଏ ଦିନରେ ପଡୁଥିବା ବେଳେ ଉଭୟ ମା ଓ ନର୍ସମାନଙ୍କ ଭୂମିକା ଅତୁଳନୀୟ । ସେବା ଏକ ବ୍ରତ ଓ ଏହି ବ୍ରତରେ ଅନୁପ୍ରାଣିତ ହୋଇ ନର୍ସିଂ ଭଳି ଏକ ମହାନ ବୃତିକୁ ଗ୍ରହଣ କରିଥିବା ସମସ୍ତ ନର୍ସ ମାନଙ୍କୁ ଶ୍ରୀମତି ଦାସ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସେମାନେ କିଭଳି ସୂଚାରୁ ରୂପେ ରୋଗୀ ସେବା କରି ପାରିବେ ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ ଲେଙ୍କା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସମାନେ ପରସ୍ପରର କାର୍ଯ୍ୟକୁ ପ୍ରଶଂସା ଓ ପରସ୍ପର ସହ ସହଯୋଗ କଲେ ହିଁ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିପାରିବେ ବୋଲି କହିଥିଲେ । ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ (ଇନ୍‌ଚାର୍ଜ) ଶ୍ରୀମତି କମଳିନୀ ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଧୁନିକ ନର୍ସିଂର ପଥପ୍ରଦର୍ଶକ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କର ୨୦୪ ତମ ଜନ୍ମ ଦିବସ ଚଳିତ ବର୍ଷ ପାଳନ କରାଯାଉଥିବା ବେଳେ ଏଥରର ପ୍ରସଙ୍ଗ ନ୍‌ଆଓ୍ୱାର ନର୍ସେସ୍, ଆଓ୍ୱାର ଫ୍ୟୁଚର, ଦ ଇକୋନୋମିକ ପାଓ୍ୱାର ଅଫ୍ କେୟାରନ୍ତ ରହିଥିବା ଶ୍ରୀମତି ମଲ୍ଲିକ ଉଲ୍ଲେଖ କରିଥିଲେ। ଏହି ଅବସରରେ ଏଏନ୍‌ଏସ୍ ଶ୍ରୀମତି ପ୍ରଣତି ରାଣୀ ବେହେରା ନର୍ସମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ଶପଥ ପାଠ କରାଇଥିଲେ। ସେହିପରି ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଏକ କେକ୍ କଟାଯାଇ ଏହି ଦିବସ ପାଳନ କରାଯାଇଥିଲା। ନର୍ସିଂ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଶ୍ରୀମତି ଦାସ ଓ ଅନ୍ୟ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଏନ୍‌ଏସ୍ ଶ୍ରୀମତି ସୁଚିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଏନ୍ ଶ୍ରୀମତି ସୁଶ୍ରୀ ଶତରୂପା ପାଟଯୋଶୀ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ସୋଆର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଭୁବନେଶ୍ୱର ଓ ଫୁଲନଖରା କ୍ୟାମ୍ପସ୍‌ର ବରିଷ୍ଠ କର୍ମକର୍ତ୍ତା, ନର୍ସିଂ ଷ୍ଟାଫ୍ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ମଧ ରବିବାର ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନର୍ସମାନଙ୍କୁ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାଶଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଆନ୍ତର୍ଜାତିକ ସେବିକା ଦିବସର ବିଷୟ ବସ୍ତୁ 'ଆମର ନର୍ସେସ୍, ଆମର ଭବିଷ୍ୟତ: ସେବାର ଅର୍ଥନୈତିକ ଶକ୍ତି' ଉପରେ ଶ୍ରୀ ଦାଶ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସର୍ଜରୀ ବିଭାଗ କନସଲଟାଂଟ୍ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଶୁଭାଶିଷ ପାଣିଗ୍ରାହୀ, କନ୍‌ସଲଟାଂଟ୍ ଡାକ୍ତର ରିଷିକା ସେନ୍, ଅସ୍ଥିଶଲ୍ୟ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ରିତ୍ ପାତ୍ର, ସାଇକିଆଟ୍ରି ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ସାମଲ, ଶିଶୁରୋଗ ବିଭାଗର ଡାକ୍ତର ମିନାକ୍ଷୀ ସାହୁ ଓ ମେଡିସିନ୍ ବିଭାଗର ଡାକ୍ତର ଅମର ଦାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନର୍ସିଂ ଇନ୍‌ଚାର୍ଜ ଶ୍ରୀମତି ଇତି ଶ୍ରାବଣୀ ଉପସ୍ଥିତ ନର୍ସମାନଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ ଶୁଭମ୍ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଏନ୍‌ଏସ୍ ଶ୍ରୀମତି ଅର୍ଚ୍ଚନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାର୍ଥୀ ଆପଣାଉଛନ୍ତି ଡିଜିଟାଲ୍ ପ୍ଲାଟଫର୍ମ, ସୋସିଆଲ ମିଡ଼ିଆରେ ବୋହୁଛି ନିର୍ବାଚନ ହାଓ୍ୱା

ବାଲିଗୁଡା, ନ୍ୟୁଜ ବ୍ୟୁରୋ

ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ କନ୍ଧମାଳ ଲୋକସଭା ଏବଂ ଫୁଲବାଣୀ, ଜି. ଉଦୟଗିରି ଓ ବାଲିଗୁଡା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗ୍ରହଣ ଆସନ୍ତା ମେ' ୨୦ ତାରିଖରେ ହେବ। ଏଥି ପାଇଁ ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ବାତାବରଣ ଉଷ୍ମ ହୋଇଉଠିଛି । ଚଳିତ ନିର୍ବାଚନରେ ସୋସିଆଲ ମିଡିଆ ତଥା ଡିଜିଟାଲ୍ ପ୍ଲାଟଫର୍ମ ଉପରେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍‌ସଆପ ଆଦି ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସୁଛି ନିର୍ବାଚନୀ ହାଓ୍ୱା । ବିରୋଧାଭାସ ଠୁ ଆରମ୍ଭ କରି ପ୍ରଚାର, ଘନ ଘନ ମିଶ୍ରଣ ପର୍ବ ଏବଂ ଭୋଟର କାହାକୁ ଭୋଟ ଦେବେ, କେଉଁ ଦଳର ପ୍ରଭାବ କେମିତି ରହିଛି ତାହା ଦେଖିବାକୁ ମିଳୁଛି । ଏହିଥର ନିର୍ବାଚନରେ ଡିଜିଟାଲ ପ୍ଲାଟଫର୍ମ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଭଲ ମାଧ୍ୟମ ହୋଇଛି। ଏହା ଉପରେ ନେତାମାନେ ଭରସା କରି ଜନ ସମର୍ଥନ ହାତେଇବା ପାଇଁ ବ୍ୟଗ୍ର ହୋଇପଡିଛନ୍ତି । ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ ଗୁଡିକୁ ଡିଜିଟାଲ ପ୍ଲାଟଫର୍ମରେ ଛାଡ଼ିବା ପାଇଁ ବ୍ୟାକୁଳ ହେଉଛନ୍ତି। ଯୁବବର୍ଗ ଡିଜିଟାଲ ପ୍ଲାଟଫର୍ମରେ ଅଭ୍ୟସ୍ତ ହୋଇଥିବା ବେଳେ ସେମାନଙ୍କୁ ସବୁ ଦଳ ଆକୃଷ୍ଟ କରିବାକୁ ପ୍ରୟାସ କରୁଛନ୍ତି । ଏପରକି ବିଭିନ୍ନ ଦଳ ପକ୍ଷରୁ ଫୋନ କଲ ବି ଆସୁଛି । ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇ ଦଳୀୟ ପ୍ରାର୍ଥୀମାନେ ଭୋଟଭିକ୍ଷା କରୁଛନ୍ତି । ଯେ କୌଣସି କାର୍ଯ୍ୟକ୍ରମ ଦେଖିଲେ ସେଥିରେ ମାଳ ମାଳ ଦଳୀୟ ବିଜ୍ଞାପନ ଆସୁଛି । ନିର୍ବାଚନ ମୈଦାନରେ କାହାର କେତେ ଦମ୍ ଅଛି ତାହାକୁ ଦର୍ଶାଯାଉଛି । ଯୁବପିଢ଼ିଙ୍କୁ ଆଲୋଚନାର ଖୋରାକ ଯୋଗାଇବା ପାଇଁ ଏହା ଏକ ମାଧ୍ୟମ ପାଲଟିଛି । ସୋସିଆଲ ମିଡିଆରେ ଲୋକଙ୍କ ନିକଟତର ହେବା ସହଜ ହୋଇଥିବାରୁ ବିଭିନ୍ନ ଦଳର ନେତା ଏହାକୁ ଆପଣାଇ ନେଇ ଫେସବୁକ, ୟୁଟ୍ୟୁବ୍ ଚ୍ୟାନେଲ, ଟ୍ୱିଟର୍ ଆକାଉଣ୍ଟ୍ ମାଧ୍ୟମରେ ଲୋକଙ୍କ ସହ ଯୋଡି ହେଉଛନ୍ତି । ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ସହିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଦାରେ ପକାଇବା ପାଇଁ ଏହାକୁ ବ୍ୟବହାର କରୁଛନ୍ତ ମୋବାଇଲରେ ନିର୍ବାଚନୀ ଖବର ଲୋକେ ପାଇପାରୁଥିବା ବେଳେ ସମ୍ପ୍ରତି ଡିଜିଟାଲ୍ ପ୍ଲାଟଫର୍ମର ଗୁରୁତ୍ୱ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି ।

ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ

କଟକ ବିଜେପି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ କଟକ ସଦର ବିଜେପି ପ୍ରାର୍ଥୀ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ପରିକ୍ରମା କରିବା ସହ ଭୋଟ ଭିକ୍ଷା କରିଛନ୍ତି। ସାଂସଦ ପ୍ରାର୍ଥୀ ଶ୍ରୀମହତାବ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ସେଠୀ ଏକ ଖୋଲା ସୁସଜ୍ଜିତ ଜିପ ଗାଡିରେ ନିଜର ଶହ ଶହ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଦ୍ମଫୁଲ ସପକ୍ଷରେ ବିଭିନ୍ନ ନାରାବାଜୀ ଦେଇ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମପଂଚାୟତରୁ ବାହାରି କଳମିଶ୍ରୀ ,ସାନ୍ତପୁର, ବନ୍ଧୁପୁର, ନେମାଳ, ତିଳକଣା, ପାଳଦା,ବାବୁଜଙ୍ଗ ,ଉତରକୂଳ, ମଣିଜଙ୍ଗ, ମହମ୍ମଦପୁର, ଶିର୍ଲୋ, ଇଶାଣୀବରହମପୁର, ମାଣପୁର ପ୍ରଭୃତି ୧୪ ଟି ଗ୍ରାମପଂଚାୟତ ପରିକ୍ରମା କରିଥିଲେ । ଏହି ସମୟରେ ସାଂସଦ ପ୍ରାର୍ଥୀ ଶ୍ରୀ ମହତାବ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ସେଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଓଡିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ନିମନ୍ତେ ଆଗାମୀ ନିର୍ବାଚନରେ ସଚେତନ ଭୋଟରମାନେ ଡବଲ ପଦ୍ମଫୁଲ ଚିହ୍ନରେ ଭୋଟ ଦେବା ନିମନ୍ତେ ଭୋଟରଙ୍କୁ ନିବେଦନ କରିଥିଲେ। କଟକ ସଦର ନିର୍ବାଚନ ମଣ୍ଡଳୀ ଦୁର୍ନୀତିର ଗନ୍ତାଘର ପାଲଟିଥିଲା ବେଳେ ଲୋକଙ୍କ ମୌଳିକ ସମସ୍ୟା ସାମାଧନ କରିବାରେ ବିଜେଡି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାର ଦର୍ଶାଇଥିଲେ। କଟକ ସଦର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ମୌଳିକ ସମସ୍ୟାର ସମାଧାନ କରିବା ସହ ନିତ୍ୟ ନୂତନ ବୈପ୍ଳବିକ ପରିବର୍ତନ ଆଣିବା ନିମନ୍ତେ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଭୟ ପ୍ରାର୍ଥୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଟକ ସଦର ବିଜେପିର ଏହି ବିଶାଳ ମଟର ସାଇକେଲ ଶୋଭାଯାତ୍ରାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିଲା ବେଳେ ଲୋକଙ୍କ ଶାସକ ଦଳ ପ୍ରତି ପୁଞ୍ଜିଭୂତ ଅସନ୍ତୋଷ ସ୍ପଷ୍ଟଭାବେ ପରିଲକ୍ଷିତ ହୋଇଥିବାର ଦେଖିବାକୁ ମିଳିଥିଲା। ଏହି ଶୋଭାଯାତ୍ରାରେ ବିଜେପି ନେତା ଜ୍ଞାନ ରଞ୍ଜନ ଦାଶ, ରଞ୍ଜନ କୁମାର ନନ୍ଦଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ରାଜମିସ୍ତ୍ରୀ ପାଲଟିଲେ ରାଜନେତା

ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ

ଆଗାମୀ ସାଧାରଣ ନିର୍ବାଚନ ଯେତେ ନିକଟତର ହେଉଛି ସେତେ ରୋଚକ ତଥ୍ୟ ଲୋକ ଲୋଚନକୁ ଆସିବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମରେ। ଜଣେ ରାଜମିସ୍ତ୍ରୀ ରାଜନେତା ପାଲଟିବା ଘଟଣାଟି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ନା ଅଛି ରୋଡ ଶୋ ନା ଅଛି ବାଇକ ରାଲି କିନ୍ତୁ ସାଧା ସିଧା ବେଶ ପୋଷାକରେ ପ୍ରଚାର ପତ୍ର ଧରି କେତେକ ହାତ ଗଣତି ସମର୍ଥକଙ୍କୁ ନେଇ ହାତ ଯୋଡି ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । କଥାଟା ଆଶ୍ଚର୍ଯ୍ୟ ଜନକ ହେଲେ ମଧ ନିରାଟ ସତକଥା। ଆଜିର ବ୍ୟୟ ବହୁଳ ନିର୍ବାଚନରେ ଅଭିଜ୍ଞ ରାଜନିତିଜ୍ଞମାନେ ରାଜନୀତି କରୁଛନ୍ତି। ସେଠି ପୁଣି ରାଜମିସ୍ତ୍ରୀ ଆଗେଇ ଆସିଛନ୍ତି ରାଜନୀତିକୁ। କିନ୍ତୁ ଅନୁଭବ ଓ ପରିସ୍ଥିତି ପରିବର୍ତନ କଲା ତାଙ୍କ ନିଶାକୁ। ଗାଁ ଗଣ୍ଡାରେ ଜଣେ ଦିନ

ମଜୁରିଆ ରାଜମିସ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ନିଜେ ଅନୁଭବ କଲେ ସାଧାରଣ ଜନତା ସେମାନେ ପାଇପାରୁନାହାନ୍ତି ସେମାନଙ୍କ ହକ୍। ଏପରିକି ତାଙ୍କର ଥିବା ମୌଳିକ ସମସ୍ୟାର ମଧ୍ୟ ହୋଇପାରୁନି ସମାଧାନ। ଆଉ ସିଦ୍ଧାନ୍ତ ନେଲେ ସାଧାରଣ ଜନତାଙ୍କ ହୋଇପାରିନଥିବା ସମସ୍ତ ମୌଳିକ ସମସ୍ୟାର ସମାଧାନ ପାଇଁ ନିଜେ ବିଧାୟକ ପ୍ରାର୍ଥୀଭାବେ ନିର୍ବାଚିତ ହୋଇ ବିଧାନସଭାରେ ସାଧାରଣ ଜନତାଙ୍କ ପାଇଁ ସ୍ୱର ଉଠାଇବେ ବୋଲି। ତେଣୁ ସେ ନିଜ ନିର୍ବାଚନ ମଣ୍ଡଳୀ କଟକ ସଦର ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ବିଧାୟକ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି। ସେ ହେଉଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମପଂଚାୟତ ଜଣାଶୁଣା ରାଜମିସ୍ତ୍ରୀ ପରମାନନ୍ଦ ସେଠୀ। ହେଲେ ନିର୍ବାଚନରେ ଲଢିବା ପାଇଁ ତାଙ୍କ ନିକଟରେ କୌଣସି କଳାଟଙ୍କା ଅର୍ଥବଳ କିମ୍ବା ବାହୁବଳ ନାହିଁ। ତାଙ୍କ ନିକଟରେ ନିର୍ବାଚନ ଲଢିବା ପାଇଁ ଅର୍ଥ ସାଜିଛି ବାଧକ। କାରଣ ଆଜିର ନିର୍ବାଚନ ବ୍ୟୟ ବହୁଳ ଓ ଶିଳ୍ପପତି ତଥା ପୁଞ୍ଜିପତିଙ୍କ ନିମନ୍ତେ। କିନ୍ତୁ ଏଥିରେ ବିଚଳିତ ନହୋଇ ପରମାନନ୍ଦ ଜନତା ଜନାର୍ଦ୍ଦନଙ୍କୁ ହାତପାତି ମାଗି ଅର୍ଥ ସଂଗ୍ରହ କରି ନିର୍ବାଚନ ଲଢିବେ ବୋଲି ସ୍ଥିର କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ସଚେତନ ଭୋଟରଙ୍କୁ ଭେଟି ପରମାନନ୍ଦ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ନିଷ୍ପତି ନେଇଛନ୍ତି। ଏପଟେ ପୁଣି ନିର୍ବାଚନ ପ୍ରଚାର କରିବା ସମୟରେ ମଧ କିଛି ଭୋଟରଙ୍କୁ ପରମାନନ୍ଦ ନିଜର ପ୍ରଚାର ପତ୍ର ଦେଇ ଭୋଟ ଭିକ୍ଷା କରୁଥିଲା ବେଳେ ଭୋଟରମାନେ କିନ୍ତୁ ଅସନ୍ତୁଷ୍ଟ ହୋଇ ଶାସକ ଦଳ ଉପରେ ଭୀଷଣ ବର୍ଷୁଥିବାର ଦେଖିବାକୁ ମିଳିଛି। କାରଣ ନଦୀ ନାଳ ଘେରା ସମସ୍ୟା ବହୁଳ କଟକ ସଦର ନିର୍ବାଚନ ମଣ୍ଡଳୀର ତଥାକଥୀତ ବିଧାୟକଙ୍କ ମନମୁଖି ଓ ଏକଛତ୍ରବାଦୀ ଶାସନ ଉପରେ ସ୍ଥାନୀୟ ଲୋକେ ଭୀଷଣ ଅସନ୍ତୁଷ୍ଟ ଥିଲା ବେଳେ ବିଧାୟକ ସେମାନଙ୍କ ମୌଳିକ ସମସ୍ୟା ସମାଧାନ କରିବା ଦିଗରେ କୌଣସି ଆଗ୍ରହ ପ୍ରକାଶ କରନ୍ତି ନାହିଁ। ବରଂ କେତେକ ଚାଟୁକାର ଓ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି। ଏପରିସ୍ଥଳେ ସ୍ଥାନୀୟ ଅଂଚଳର ବାସିନ୍ଦାମାନେ ଯାହାହେଲେ ବି ପରମାନନ୍ଦଙ୍କୁ ଖଣ୍ଡେ ଭୋଟ ଦେବା ନିମନ୍ତେ ନିଷ୍ପତି କରିଥିବାର ବହୁ ଭୋଟଣ ପ୍ରକାଶ କରିଛନ୍ତି।

ନର୍ସିଂ କଲେଜର ବାର୍ଷିକ ଉତ୍ସବ

ବାରିପଦା, ନ୍ୟୁଜ ବ୍ୟୁରୋ

ବାରିପଦାରେ ପ୍ରମୋଦିନି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଘୁନାଥପୁର ଠାରେ ନର୍ସିଂ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ତଥା ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି ଯୋଗ ଦେଇଥିଲେ। କଲେଜର ଅଧକ୍ଷ ଆଶିଷ କୁମାର ପାତ୍ର କଲେଜର ଉନ୍ନତି ମୂଳକ କାର୍ଯ୍ୟଧାରା ବିଷୟରେ ନିଜର ବିବରଣୀ ଉପସ୍ଥାପନା କରିଥଲେ। ଏହି ଟ୍ରଷ୍ଟ ଓଡ଼ିଶାର ୬ଟି ସ୍ଥାନରେରେ କାର୍ଯ୍ୟ କରୁଥିବା ବେଳେ, ବାରିପଦା ସାରଦା ଦେବୀ ନର୍ସିଂ କଲେଜ ଅନ୍ୟତମ ବୋଲି ଜଣାଯାଇଛି। ତେବେ ଏହି ଅନୁଷ୍ଠାନ କିଭଳି ଉତ୍ତମ ସେବିକା ସୃଷ୍ଟି କରିବ ସେ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ସେଥି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ପଦ୍ମପୁରରେ ବିଜେପିର ବିରାଟ ମିଶ୍ରଣ ପର୍ବ

କେନ୍ଦୁଝର, ନ୍ୟୁଜ ବ୍ୟୁରୋ

କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇସୁଆଁ ମଣ୍ଡଳ ଦ୍ୱାରା ପଦ୍ମପୁର ଠାରେ ଆୟୋଜିତ ବିଜେପି ଦଳରର ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ବିଜେପିର କେନ୍ଦୁଝର ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଇସୁଆଁ ମଣ୍ଡଳ ସଭାପତି ବାବୁ ସେଠୀ, ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ବରିଷ୍ଠ ବିଜେପି ନେତା ତଥା ଦଳୀୟ ପ୍ରବକ୍ତା ବିରଜା ମିଶ୍ର, ସମାଜସେବୀ ଯୋଗେଶ୍ୱର ସାହୁ ଯୋଗଦେଇ ସମବେତ ଜନତାଙ୍କୁ କହିଥିଲେ ଜିଲ୍ଲାର ବିକାଶ ପାଇଁ ବିଜେପି ହିଁ ଏକମାତ୍ର ବିକଳ୍ପ। ମୋଦିଙ୍କ ଗ୍ୟାରେଣ୍ଟି ଜିଲ୍ଲାବାସୀଙ୍କୁ ସୁରକ୍ଷିତ କରିବା ସହିତ ସମୃଦ୍ଧ କରିପାରିବ। ଏହି ନିର୍ବାଚନରେ ବିଧାୟକ ପ୍ରାର୍ଥୀ ମୋହନ ମାଝୀ ତଥା ସାଂସଦୀୟ କ୍ଷେତ୍ରର ସମସ୍ତ ବିଜେପି ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀ ଅନନ୍ତଙ୍କୁ ବହୁମାତ୍ରାରେ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ଗଢିବାକୁ ଭୋଟର ମାନେ ମନ ସ୍ଥିର କରିଥିବା ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଦ୍ମପୁର ଠାରେ ଆୟୋଜିତ ହୋଇଥିବା ଏହି ମିଶ୍ରଣ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳ, କଂଗ୍ରେସ ଦଳ ଏବଂ ଅନ୍ୟ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ନେତା ଭାରତୀୟ ଜନତା ପାର୍ଟିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ଦଳରୁ ଅଂଶୁମାନ ପୃଷ୍ଟି, ଲେମ୍ବୁ ପାତ୍ର ଏବଂ ଯୋଗିମଠର ଫୁଲମଣ ମୁଣ୍ଡା, ସଂକୀର ପଞ୍ଚାୟତର ଲିପନ ମହାନ୍ତ, ଜିତେନ୍ଦ୍ର ବାରିକ ଏବଂ ତାଙ୍କ ଟିମ୍ ବିଜେପିରେ ସାମିଲ ହୋଇଥିବା ବେଳେ କଂଗ୍ରେସ ଦଳର ସ୍ଥାନୀୟ ବରିଷ୍ଠ ନେତା କିଶୋର ସାହୁ ଏବଂ ଶତାଧିକ ବିଭିନ୍ନ ଦଳୀୟ କର୍ମୀ ବିଜେପିରେ ସାମିଲ ହୋଇଥିବା ସୂଚନା ଦେଇଛନ୍ତି କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ସଂଯୋଜକ ବିବେକାନନ୍ଦ ମହାନ୍ତ। ଏହି ବିରାଟ ମିଶ୍ରଣ ପର୍ବ ଦ୍ୱାରା ନିର୍ବାଚନରେ ବିଜେପିକୁ ଆହୁରି ସମର୍ଥନ ମିଳିବା ସହିତ ସ୍ଥାନୀୟ ଅଞ୍ଚଳରେ ଦଳକୁ ବିପୁଳ ଜନ ସମର୍ଥନ ମିଳିବ ବୋଲି ମୋହନ ମାଝୀ କହିଛନ୍ତି।

ସିପିଆଇର ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ସିପିଆଇ ଶାଖା ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପାଟକୁରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏହି କର୍ମୀ ସମ୍ମିଳନୀରେ ଡ. ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ମହାକାଳପଡା ଓ ମାର୍ଶାଘାଇ ଅଞ୍ଚଳର ବହୁ କର୍ମୀଙ୍କ ସହିତ ଜୋନ ସଂପାଦକ ସାଥୀ ବିକାଶ ଚନ୍ଦ୍ର ବେଉରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ, ପ୍ରଫେସର ଅଜୟ କୁମାର ସାମଲ, ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ସୀତାକାନ୍ତ ନାୟକ, ନାରୀ ନେତ୍ରୀ ସୋହାନା ବେଗମ, ସଂଯୁକ୍ତା ରାଉତ, ପ୍ରଦୀପ ବେହେରା, ଅନନ୍ତ ଜେନା ପ୍ରମୁଖ ଯୋଗ ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନକୁ ରକ୍ଷା କରିବା ନିମନ୍ତେ ଚଳିତ ନିର୍ବାଚନରେ ମୋଦି ନେତୃତ୍ୱାଧୀନ ବିଜେପି ଓ ତାକୁ ପରୋକ୍ଷରେ ସହଯୋଗ ଯୋଗାଇ ଦେଉଥିବା ୨୫ ବର୍ଷର ବିଜେଡି ସରକାରକୁ ପରାସ୍ତ କରିବା ପାଇଁ ଜନମତ ତିଆରି କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥି ଲାଗି ଚଳିତ ନିର୍ବାଚନରେ ଯେଉଁଠି ଦଳୀୟ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇ ନାହାଁନ୍ତି ସେଠାରେ ଇଣ୍ଡିଆ ମେଣ୍ଟଭୁକ୍ତ ଦଳ ମାନଙ୍କର ପ୍ରାର୍ଥୀ ମାନଙ୍କୁ ନିର୍ବାଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଅକ୍ଷୟ ଦାସ ତିର୍ତ୍ତୋଲ ବ୍ଲକ ନିର୍ବାଚନ ପ୍ରଚାର କମିଟି ଅଧକ୍ଷ ନିଯୁକ୍ତ

ତିର୍ତ୍ତୋଲ, ନ୍ୟୁଜ ବ୍ୟୁରୋ

ଚଳିତ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନକୁ ତୀବ୍ରତର କରିବା ପାଇଁ ତିର୍ତ୍ତୋଲ ବ୍ଲକ କଂଗ୍ରେସର ପ୍ରଚାର କମିଟିକୁ ବିଧାୟକ ପ୍ରାର୍ଥୀ ଇଂ ହିମାଂଶୁ ଭୁଷଣ ମଲ୍ଲିକଙ୍କ ଅନୁରୋଧ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଘୋଷଣା କରିଛନ୍ତି। ଏହି ଆଠ ଜଣିଆ ପ୍ରଚାର କମିଟିର ଅଧକ୍ଷ ଭାବେ ବର୍ଷୀୟାନ ଶିକ୍ଷକ ନେତା ତଥା କଂଗ୍ରେସ ନେତା ଅକ୍ଷୟ ଦାସ ମନୋନୀତ ହୋଇଥିବା ବେଳେ, ଧନଞ୍ଜୟ ସୁତାରଙ୍କୁ ଉପାଧକ୍ଷ, ସୟଦ ଖଲିକୁଦ୍ ଜମ୍ମାଙ୍କୁ ସମ୍ପାଦକ ଭାବେ ଘୋଷଣା କରାଯାଇଛି। କମିଟିର ସଦସ୍ୟ ଭାବେ ନିରଞ୍ଜନ ମହାନ୍ତି, ବିଜୟ କୁମାର ମହାନ୍ତି, ପ୍ରଗତି ପରିଜା, ସଞ୍ଜୟ କୁମାର ମଲ୍ଲ, ନୃସିଂହ ସେନାପତି ସ୍ଥାନ ପାଇଛନ୍ତି। କମିଟିରେ ସ୍ଥାନ ପାଇଥିବା ସମସ୍ତ ସଦସ୍ୟଙ୍କୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ହିମାଂଶୁ ଭୂଷଣ ମଲ୍ଲିକ ଅଭିନନ୍ଦନ ଜଣାଇବା ସହ ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରଚାର କମିଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଦୃଢ ଆଶା ପ୍ରକଟ କରିଛନ୍ତି। ଚଳିତ ନିର୍ବାଚନରେ ଏହି କମିଟି ତିର୍ତ୍ତୋଲ ବ୍ଲକର ପ୍ରତ୍ୟେକଟି ପଞ୍ଚାୟତକୁ ଯାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ମଲ୍ଲିକ ଓ ସାସଂଦ ପ୍ରାର୍ଥୀ ରବିନ୍ଦ୍ର ସେଠୀଙ୍କର ପ୍ରଚାର କରିବା ସହିତ ବିଭିନ୍ନ ସଭା ସମିତି ଆୟୋଜନ କରିବେ ବୋଲି ସୂଚନା ମିଳିଛି।

ମହିପାଳ ଶନିମନ୍ଦିର ମହାଯଜ୍ଞ ଓ ଜଳାଭିଷେକ

କେନ୍ଦ୍ରାପଡ଼ା ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମହିପାଳ ସ୍ଥିତ ଶନି ମନ୍ଦିରରେ ଶ୍ରୀ ଶ୍ରୀ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ସହର ସଂଲଗ୍ନ କାଳୀ ମନ୍ଦିର ଠାରେ ଜଳଭିଷେକ ଅନୁଷ୍ଠିତ ହୋଇଯାଇଛି । ସକାଳୁ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ଛିଡା ହୋଇ ମାନସିକ ପୂରଣ ପାଇଁ ଗ୍ରହରାଜ ଶନିଦେବଙ୍କ ଉପରେ ଜଳ ଢାଳିଥିଲେ । ମହିପାଳ ଶନି ମନ୍ଦିରରେ ଶୁକ୍ରବାର ଦିନ ଅଧିବାସ ଓ ଅଙ୍କୁରାରୋପଣ ଓ ଶନିବାର ଦିନ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା । ଉଭୟ ଅନୁଷ୍ଠାନରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ ।

ଘରେ ପଶିଲା ବର୍ଷା ପାଣି : ରାସ୍ତା ତାଡି ଦେଲେ ଗାଁ ଲୋକେ

ଗ୍ରାମ୍ୟ ଉନ୍ନୟନ ବିଭାଗର ତ୍ରୁଟି

ରସୁଲପୁର, ନ୍ୟୁଜ ବ୍ୟୁରୋ

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଂଚାୟତ ହନୁମାନ ସାହିରେ ନବ ନିର୍ମିତ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଗାଁ ଲୋକେ ତାଡି ଦେଇଛନ୍ତି। ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁଁ ରାସ୍ତା କଡରେ ବସବାସ କରୁଥିବା ଲୋକଙ୍କ ଘର ସମ୍ମୁଖରେ ବର୍ଷା ପାଣି ଲହଡି ମାରିଥିଲା । ଏହାକୁ ନେଇ ଗାଁ ଲୋକେ ପ୍ରତିକ୍ରିୟାଶୀଳ ହୋଇ ରାସ୍ତା ତାଡି ଦେଇଛନ୍ତି। ରାସ୍ତା ନିର୍ମାଣରେ ତ୍ରୁଟି ଓ କୁଜି ନେତାଙ୍କ ଇସାରାରେ ଠିକାଦାରଙ୍କ ମନମାନି ଯୋଗୁଁ ଏଭଳି ସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଂଚ ସ୍ମୃତିରେଖା ରାଉତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣିଥିଲେ । ଏ ସବୁ ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଶନିବାର ରାତିରେ କାଳ ବୈଶାଖି ବର୍ଷା ପାଣି ଗାଁ ଦାଣ୍ଡରେ ଲହଡି ମାରିଲା। ଜନସାଧାରଣଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହେବାରୁ ଗାଁ ମିଳି ମିଶି ରାସ୍ତାକୁ ତାଡି ଦେଲେ। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଗାଁରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ସ୍ଥାପନ କରିବାକୁ ଦାବି କରିଛନ୍ତି। ବର୍ଷାଦିନ ପୂର୍ବରୁ ସମସ୍ୟା ସମାଧାନ ହୋଇନପାରିଲେ ଗାଁ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ ଜାରକା ଗ୍ରାମ୍ୟ ବିଭାଗ-୨ ଅଧିନସ୍ଥ କୁଆଖିଆ ଉପଖଣ୍ଡ ଅଂଚଳରେ ବାରବାଟୀ-ରସୁଲପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପ୍ରକଳ୍ପ ଅଧିନରେ ରସୁଲପୁର ବ୍ଲକ ପାର୍ଶ୍ୱସ୍ଥ ଚଣ୍ଡିପୁର ଭାୟା କୁଆଖିଆ ରାସ୍ତା, ବଣିଛକ ରୁ ଶାରଳା ଛକକୁ ରାସ୍ତା, ବିଲିପଡା ୫-ଟି ସ୍କୁଲ ଠାରୁ ସାନରମ୍ଭେଇ-ସାହାପୁରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କରାଯାଇଥିଲା। ଏହି ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଛି । ଯାହାର ଜ୍ୱଳନ୍ତ ପ୍ରମାଣ ବଣିଛକ ଠାରୁ ଶାରଳା ଛକକୁ ସଂଯୋଗ କରୁଥିବା ରାସ୍ତାର ହନୁମାନ ସାହିରେ ଦେଖାଯାଇଛି । ଏହି ରାସ୍ତାକୁ ଅଧପନ୍ତରିଆ କରି ଠିକାଦାର କାମ ସାରି ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ସରି ନାହିଁ। ଏହାକୁ ବିଭାଗ ପକ୍ଷରୁ ସଠିକ୍ ଭାବରେ ଯାଂଚ କରାନଯାଇ ଠିକାଦାରକୁ ବିଲ୍ ପୈଠ କରାଯାଇଛି ବୋଲି ଅଭିଯୋଗ ହେଉଛି। ଏହାଛଡା ରାସ୍ତା ନିର୍ମାଣ ବେଳେ ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ ଦିଆନଯାଇ ନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟ ଶାରଳା ଛକକୁ ସଂଯୋଗ କରାନଯାଇ ଅଧାବାଟରେ ଛାଡି ଦିଆଯାଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରତିକ୍ରିୟାଶୀଳ ହୋଇ ରାସ୍ତାକୁ ଭାଙ୍ଗିରୁଜି ଦେଇଛନ୍ତି। ରାସ୍ତା ଉପରେ ବିଛା ଯାଇଥିବା ଫେବର ବ୍ଲକ ଇଟା ଗୁଡିକୁ ତାଡି ଫୋପାଡି ଦେଇ ବର୍ଷା ଜଳ ନିଷ୍କାସନ ପାଇଁ ନାଳୁଆ ନିର୍ମାଣ କରିଛନ୍ତି । ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବାକୁ ଲୋକେ ଦାବି କରିଛନ୍ତି । ନଚେତ୍ ଏ ଦିଗରେ ଜିଲାପାଳଙ୍କୁ ଅବଗତ କରାଇବା ସହ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ଭୀମସେନ ମହାରଣାଙ୍କୁ ପଚାରିବାରୁ ସେ ରାସ୍ତା ତାଙ୍କ ଅଧିନରେ ଆସୁନାହିଁ । ମାତ୍ର ଏ ନେଇ ଅଭିଯୋଗ ପାଇବା ପରେ ସେ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ । କାମ ଅଧପନ୍ତରିଆ ହୋଇଛି ବୋଲି ସେ ସ୍ୱୀକାର କରିଥିଲେ । ଲୋକେ ରାସ୍ତା ଛଡା ନିଜସ୍ୱ ଜାଗରେ ଇଟା ବିଛାଇ ଦେଇଛନ୍ତି । ପ୍ରକଳ୍ପ ଅଧିନରେ ଆବଶ୍ୟକୀୟ ମାପ ଅନୁସାରେ କାମ ଅଧାରେ ସରିଯାଇଛି । ରାସ୍ତା ପୁର୍ଣ୍ଣାଗିକରଣ ପାଇଁ ଅର୍ଥ ନାହିଁ। ରାସ୍ତା ଡିଜାଇନ ହେବା ସମୟରେ ଡ୍ରେନର ବ୍ୟବସ୍ଥା ନଥିଲା। ସେଥିପାଇଁ ଡ୍ରେନ କରାଯାଇନାହିଁ ବୋଲି ପ୍ରକାଶ କରିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ମଇ ୨୦୨୪ ଶନିବାର

ଜଗତସିଂହପୁର ଲୋକସଭା ସମେତ ୪ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥିପତ୍ର ଯାଞ୍ଚ ଶେଷ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲାର ୧୬-ଲୋକସଭା (ସଂ) ନିର୍ବାଚନ ମଣ୍ଡଳୀ ସମେତ ୧୦୧-ପାରାଦ୍ୱୀପ, ୧୦୨-ତିର୍ତ୍ତୋଲ (ସଂ), ୧୦୩-ବାଲିକୁଦା -ଏରସମା ଓ ୧୦୪-ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଗତ ତା ୭/୫/୨୪ ରିଖରେ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇ ୧୪/୫/୨୪ ରିଖରେ ଶେଷ ହୋଇଛି । ୧୫ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଯାଇଛି । ଜଗତସିଂହପୁର ଲୋକସଭା ମଣ୍ଡଳୀ ନିମନ୍ତେ ବିଜୁ ଜନତା ଦଳର ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ, ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ରବୀନ୍ଦ୍ର କୁମାର ସେଠୀ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆର ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ବିଭୁତି ଭୂଷଣ ମାଝୀ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ଏପିଆଇ ପାର୍ଟିର ପ୍ରାର୍ଥୀ ପିୟୁଷ ଦାସ, ଉତ୍କଳ ସମାଜର ପ୍ରାର୍ଥୀ ଭାନୁମତି ଦାସ, ସୋସିଆଲିଷ୍ଟ ୟୁନିଟ ସେଣ୍ଟ୍ରାଲ ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)(ଏସ.ୟୁ.ସି.ଆଇ)(ସି)ର ପ୍ରାର୍ଥୀ ମହେଶ୍ୱର ଦାସ, ସ୍ୱାଧୀନ ପ୍ରାର୍ଥୀ ଶଙ୍କର ଦାସ, ସମୃଦ୍ଧ ଓଡ଼ିଶାର ପ୍ରାର୍ଥୀ ସିଲି ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଅର୍ଜୁନ ଚରଣ ବେହେରାଙ୍କର ପ୍ରାର୍ଥୀ ପତ୍ର କାଏମ ରହିଛି । ସେହିପରି ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ଭାରତ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ସୁଜାତା ମଲ୍ଲିକ, ସିପିଆଇର ଜିନ୍ମୟୀ ସାହାଣୀ, ଭାରତୀୟ ଜନତା ପାର୍ଟିର ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସର ନିରଞ୍ଜନ ନାୟକ ଓ ବିଜୁ ଜନତା ଦଳ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ, ସ୍ୱାଧୀନ ପ୍ରାର୍ଥୀ ଅନୋଜ କୁମାର ରାଉତ, ସ୍ୱାଧୀନ ପ୍ରାର୍ଥୀ କୃପାସିନ୍ଧୁ ଦାସ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜୁ ଜନତାଦଳର ପ୍ରାର୍ଥୀ ରମାକାନ୍ତ ଭୋଇ, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ନାଥ ସେଠୀ, ବହୁଜନ ସମାଜ ପାର୍ଟିର ସମୀର ସାମଲ, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ରାଜକିଶୋର ବେହେରା, ଓଡ଼ିଶା ଜନତା ପାର୍ଟିର ପ୍ରାର୍ଥୀ ଏସ. ଗିରିଜା ପ୍ରସାଦ, ସ୍ୱାଧୀନ ପ୍ରାର୍ଥୀ ଗଗନ ବେହେରା, ସମୃଦ୍ଧ ଓଡ଼ିଶାର ପ୍ରାର୍ଥୀ ରମେଶ ଚନ୍ଦ୍ର ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆମ ଆଦମୀ ପାର୍ଟି ପ୍ରାର୍ଥୀ ବରଦା ପ୍ରସନ୍ନ ସାହୁ, ସ୍ୱାଧୀନ ପ୍ରାର୍ଥୀ ଶେଷଦେବ ନନ୍ଦ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ରାକେଶ କୁମାର ବେହେରା, ସ୍ୱାଧୀନ ପ୍ରାର୍ଥୀ ସୁବାଷ ଚନ୍ଦ୍ର ପରିଡା, ଶ୍ରୀୟା ବିଶ୍ୱାଳ, ସଞ୍ଜୀବ ବିଶ୍ୱାଳ, ସସ୍ମିତା ଦାସ, ବିଜୁ ଜନତାଦଳର ସାରଦା ପ୍ରସନ୍ନ ଜେନା, ଭାରତୀୟ ଜାତୀୟ କଂଗ୍ରେସର ନଳିନୀ କୁମାର ସ୍ୱାଇଁ, ବହୁଜନ ସମାଜ ପାର୍ଟିର ଅମ୍ବିକା ପ୍ରସାଦ ଭୋଇ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ଦିଲ୍ଲିପ କୁମାର ତ୍ରିପାଠୀ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ କୈଳାସ ମଲ୍ଲିକ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଅମରେନ୍ଦ୍ର ଦାସ, ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ପ୍ରତିମା ମଲ୍ଲିକ ଓ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ପ୍ରାର୍ଥୀ ବସନ୍ତ ମଲ୍ଲିକ, ସମୃଦ୍ଧ ଓଡ଼ିଶାର ପ୍ରାର୍ଥୀ ଯୁଧିଷ୍ଠିର ମଲ୍ଲିକ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ପ୍ରାର୍ଥୀ ପ୍ରଣବ କୁମାର ରାୟ, ନବ ଭାରତ ନିର୍ମାଣ ସେବା ପାର୍ଟିର ପ୍ରାର୍ଥୀ ଗୀତାଞ୍ଜଳି ବାରିକ୍, ସ୍ୱାଧୀନ ପ୍ରାର୍ଥୀ ନାରାୟଣ ପ୍ରସାଦ ନନ୍ଦଙ୍କର ପ୍ରାର୍ଥୀ ପତ୍ର କାଏମ ରହିଛି ।

ନବୀନ ନିବାସରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ପ୍ରତିନିଧି ଦଳ

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ନିଜେ ମୁଖ୍ୟମନ୍ତ୍ରୀ ଏଥର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତେଣୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭଜିତ ସିଂ ସାଲୁଜାଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ପ୍ରତିନିଧି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ଆଲୋଚନା କରିବା ସହ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଥିବା ଅନନ୍ୟ ପ୍ରାଚୀନ କୀର୍ତ୍ତିରାଜି ତଥା ଐତିହାସିକ ଧରୋହର ରାଣୀପୁର ଝରିଆଲର ଉନ୍ନତି ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତ କଥା ଶୁଣିବା ପରେ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ସମୟରେ ବରିଷ୍ଠ ବିଜେଡି ନେତା ଭି କେ ପାଣ୍ଡିଆନ ମଧ୍ୟ ଆଲୋଚନାରେ ସାମିଲ ହୋଇ ବିଜେଡିର ବିକାଶ ଟାର୍ଗେଟ୍‌ରେ ରାଣୀପୁର ଝରିଆଲ ରହିଥିବା କହିଥିଲେ । ଏହି ସାକ୍ଷାତକାର ସମୟରେ ଡାକ୍ତର ଅମଜଦ ଖାନ୍, ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ସୁରଦାସ ବାଗ, କୋଷାଧ୍ୟକ୍ଷ କମଳଜିତ ସିଂ ମାଜା, ଉପସଭାପତି ମନୋଜ ଶର୍ମା, ମୁରିବାହାଲ ସାମ୍ବାଦିକ ସଂଘର ଆଇନ୍ ପରାମର୍ଶଦାତା ଜୟଦୀପ ପୁରୋହିତ, ପ୍ରେସ୍‌କ୍ଲବ ପରାମର୍ଶ ଦାତା ଆଶିଷ ଖୈତାନ, ବଣ୍ଟି ଗୁପ୍ତା, ଆନନ୍ଦ ମୋଟେ, ସଦସ୍ୟ ଅନିଲ ତ୍ରିପାଠୀ, ବିଶିକେସନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

ଡଙ୍କାରୀରେ କଳାପଥର ଧସି ଜଣେ ଶ୍ରମିକ ମୃତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅନ୍ତର୍ଗତ ଡଙ୍କାରୀ କଳାପଥର ଖଦାନରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩/୪ ଜଣ ଶ୍ରମିକ ଚାପିହୋଇ ରହିଛନ୍ତି । ବୁଧବାର ରାତିରେ ବେଆଇନ୍ ବ୍ଲାଷ୍ଟିଂ ସମୟରେ ବଡ ଥର ଧସି ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ପଥରତଳୁ ଜଣେ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ଓ ପଥର ତଳେ ଆଉ କିଛି ଶ୍ରମିକ ଚାପି ହୋଇ ରହିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ମୃତ ଶ୍ରମିକଙ୍କ ପରିଚୟ ମିଳିନାହିଁ । ଏଠାରେ ରାଜ୍ୟ ବାହାରୁ ଆସି ଶହ ଶହ ଶ୍ରମିକ କାର୍ଯ୍ୟ କରୁଛନ୍ତି । ଧର୍ମଶାଳା ତହସିଲଦାର ଶୁଭଙ୍କର ଦାସ ଓ ଜେନାପୁରଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ, ଜଙ୍ଗଲ ବିଭାଗ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତରହି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ସଙ୍ଗେ ସଙ୍ଗେ ଘଟଣାର ତଦନ୍ତ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ୪୦ଜଣିଆ ଏନଡିଏଫଆର ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଛନ୍ତି । ଡଙ୍କାରୀର ବିଏସକ୍ୟୁ ୫/୨୦ନଂ ପଥରଖଣି ଅଞ୍ଚଳ ନିରଞ୍ଜନ ରାଉତଙ୍କ ନାମରେ ଲିଜ୍ ରହିଥିବା ବେଳେ ଲିଜ୍ ବାହାରୁ ବେଆଇନ୍ ଭାବେ ପଥର ଲୁଟ୍ ହେଉଛି । ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏହି ବେଆଇନ୍ କାର୍ଯ୍ୟକୁ ତୀବ୍ର ବିରୋଧ କରାଯାଇଛି । ଗଭୀର ମାଟି ତଳେ ପ୍ରୋକ୍ଲିନ୍ ମେସିନ୍ ଓ ଶ୍ରମିକ ରହିଥିବା ସନ୍ଦେହ କରାଯାଉଛି । ଗୁରୁବାର ପୂର୍ବାହ୍ନରେ କଂଗ୍ରେସ ନେତା କିଶାନ ପଣ୍ଡା, ବିଜେପି ନେତ୍ରୀ ସ୍ମୃତିରେଖା ପହି, ଶ୍ରମିକନେତା ସ୍ୱାଧୀନପ୍ରାର୍ଥୀ ସତିଶ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏହି ବେଆଇନ୍ ଲୁଟ୍‌ର ଘୋର ବିରୋଧ କରିଛନ୍ତି ।

ଶାନ୍ତି ଶୃଙ୍ଖଳାର ସହ ରମ୍ଭା ଚନ୍ଦନ ଯାତ୍ରା ସମ୍ପନ୍ନ ପାଇଁ ନିଷ୍ପତ୍ତି

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ରୀତିନୀତି ଅନୁସାରେ ଶୃଙ୍ଖଳାର ସହ ପାଳିତ ହେବାପାଇଁ କରଣ ବାଡ଼ ଅଧିକାରୀ ପଣ୍ଡିତ ଜଗନ୍ନାଥ ଦାଶ ଓ ଓଡ଼ିଆ ବାଡ଼ ଅଧିକାରୀ ନାରାୟଣ ଦାଶଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯାତ୍ରାର ରୀତିନୀତି, ନିୟମକୁ ଆଖି ଆଗରେ ରଖି ଉଭୟ ପକ୍ଷ ଜଗନ୍ନାଥଙ୍କ ପ୍ରସାଦ ଧରି ପ୍ରମାଣ କରିଥିଲେ । ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇଛି । ଏଥିରେ ପୂର୍ବତନ ନଗରପାଳ ବିଜୟ ଚନ୍ଦ୍ର ବିଶ୍ୱାଳଙ୍କୁ ସଭାପତି ରୂପେ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ମୁନା ସ୍ୱାଇଁ ଏବଂ ବୁଲୁ ବେହେରାଙ୍କୁ ଚୟନ କରାଯାଇଥିଲା । ପ୍ରଭୁ ମଦନ ମୋହନଙ୍କ ଯାତ୍ରା ୭ ଦିନ ମଧ୍ୟରେ ଉଭୟପକ୍ଷ ୩ ଦିନ ଧରି ପାଳନ କରି ଶେଷ ଦିନ ଭଉଁରୀ ଯାତ୍ରା ମିଳିତ ଭାବେ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ପାଇଁ ସ୍ଥିରୀକୃତ କରାଗଲା । କୌଣସି ପ୍ରକାର ବିଶୃଙ୍ଖଳା ହେଲେ ପୋଲିସ ପ୍ରଶାସନକୁ ନିୟନ୍ତ୍ରଣ କରିବାପାଇଁ ଦରଖାସ୍ତ ଦିଆଯାଇଛି । ଉକ୍ତ ବୈଠକରେ ଅଧ୍ୟକ୍ଷ ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ବନବାସୀ ନାହାକ, ଉମେଶ ମହାନ୍ତି, ଯୋଗୀନ୍ଦ୍ର ସ୍ୱାଇଁ, ସୁରେଶ ତରେଇ, ରାଘବ ବେହେରା, ସୁଦର୍ଶନ ସେନାପତି, ବାନାମ୍ବର ସେଠ, ରାମଚନ୍ଦ୍ର ଆଚାରୀ, ଦୀନବନ୍ଧୁ ବେହେରା, ଚିତ୍ରସେନ ବେହେରା, ଜଗନ ପରିଡା, କ୍ଷେତ୍ରମୋହନ ବେହେରା, ସିଲୁ, ସଦାନନ୍ଦ, ନିରାକାର ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

ଦିବ୍ୟଦର୍ଶନ ପରିବାର ପକ୍ଷରୁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପୁସ୍ତକ ପ୍ରଦାନ

ବାଲେଶ୍ୱର, ନ୍ୟୁଜ୍

ଦିବ୍ୟଦର୍ଶନ ସଂଘ ପରିବାର ତରଫରୁ ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ପୁସ୍ତକ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସ୍ଥିତ ଦିବ୍ୟଦର୍ଶନ ଆଶ୍ରମ ଶାଖାରୁ ବଂଶୀଧର ମହାରଣା ଓ ତାଙ୍କର ସହଧର୍ମିଣୀ ଟୁନି ମହାରଣା, ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଭେଟି ସଦ୍‌ଗୁରୁ ଅର୍ଜୁନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକମାନ ଯଥା 'ଅମୃତ ଧାରା', 'ଦିବ୍ୟଦର୍ଶନ', 'ଇଗ୍ନୋରାନ୍ସ ସିନ୍ ଆଣ୍ଡ ସଫରିଙ୍ଗସ', 'ଟ୍ରୁଥ ନଲେଜ୍ ଆଣ୍ଡ ବ୍ଲିସ୍', 'ଅମୃତ ବିନ୍ଦୁ' ଆଦି ପୁସ୍ତକ ପ୍ରଦାନ କରିଥିଲେ । ଏହାକୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଠାଗାରରେ ସ୍ଥାନ ଦେବାକୁ ଅନୁରୋଧ କରି ଶ୍ରୀ ମହାରଣା କୁଳପତି ପ୍ରଫେସର ତ୍ରିପାଠୀଙ୍କୁ ପୁସ୍ତକ ଗ୍ରହଣ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ ।

କେନ୍ଦ୍ରାପଡା ବିଜେପିର ମିଶ୍ରଣ ପର୍ବ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥିନୀ ଗୀତାଞ୍ଜଳୀ ସେଠୀ, ଉପ ସଭାପତି ଅଭିମନ୍ୟୁ ଗୋଛାୟତ ମଣ୍ଡଳ ସଭାପତି ଶଶାଙ୍କ ଶେଖର ଓଝାଙ୍କ ଉପସ୍ଥିତିରେ ଚାରିଗାଁରେ ବିଜେପିର ମିଶ୍ରଣ ପର୍ବ ସୁଧୀରକୁମାର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ପ୍ରାର୍ଥୀ ରମାକାନ୍ତ ଥାଟୋଇ, ଗୟାଧର ମଳିକ, ରଞ୍ଜନକୁମାର ମଳିକ, ବିଜୟ ମହାରଣା, ବୈଷ୍ଣବ ମଳିକ, ଭାବଗ୍ରାହୀ ଜେନା, ହେମନ୍ତ ଦାସ, ବିକାଶ ସାମଲ ପ୍ରମୁଖ ବିଜେଡି ଦଳ ଛାଡି ବିଜେପିରେ ମିଶିଥିବା ଜଣାପଡିଛି । ଏସମସ୍ତଙ୍କ ମିଶ୍ରଣ ଫଳରେ ବିଜେପି ସଂଗଠନ ଆହୁରି ସୁଦୃଢ ହେବ ବୋଲି ଗୀତାଞ୍ଜଳୀ ସେଠୀ ପ୍ରକାଶ କରିଛନ୍ତି ।

କେନ୍ଦୁଝରରେ ସିଇଓଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର/କେନ୍ଦୁଝର, ନ୍ୟୁଜ୍

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ନିକୁଞ୍ଜ ବିହାରୀ ଧଳ କେନ୍ଦୁଝର ଗସ୍ତ କରି ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଆୟୋଜିତ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ ଓ ପ୍ରବର୍ତ୍ତନ ସଂସ୍ଥାର ଅଧିକାରୀମାନଙ୍କ ଉପସ୍ଥିତିରେ ଶ୍ରୀ ଧଳ କେନ୍ଦୁଝର ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ସମସ୍ତ ଛଅଟି ବିଧାନସଭା କ୍ଷେତ୍ରର ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ସବିଶେଷ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ସେ ଜିଲ୍ଲା ମତଦାନ କେନ୍ଦ୍ରଗୁଡିକରେ ପାନୀୟଜଳ, ବିଦ୍ୟୁତ, ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ଶୌଚାଳୟ ଏବଂ ଖରାରୁ ବର୍ତ୍ତିବା ପାଇଁ ଶେଡ ନିର୍ମାଣ ଆଦିକୁ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ପିଙ୍କ ବୁଥ୍, ହୋମ୍ ଭୋଟିଂ, ପୋଷ୍ଟାଲ ବାଲାଟ, ଆଦିମ ଜନଜାତିଙ୍କ ଭୋଟ ହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସି-ଭିଜିଲ ଆପ, ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ବିବରଣୀ ଟିମ୍ ଆଦି ଟିମ୍‌ଗୁଡିକର କାର୍ଯ୍ୟ ପଦ୍ଧତି ମଧ୍ୟ ସମୀକ୍ଷା କରି ଆହୁରି ତତ୍ପରତା ଦେଖାଇବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଏମଡିଡି ଅନ୍ତର୍ଗତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସନ୍ତୋଷବ୍ୟକ୍ତ କରିବା ସହ ଚଳିତ ନିର୍ବାଚନରେ ସମସ୍ତ ବର୍ଗର ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଉଥିବା ପଦକ୍ଷେପର ପ୍ରଶଂସା କରିଥିଲେ । ପୋଲିଂ ପାର୍ଟି ନିର୍ବାଚନ କରିବା ପାଇଁ ବୁଥ୍‌କୁ ଯିବା ପୂର୍ବରୁ ଏବଂ ନିର୍ବାଚନ ସାରି ଇଭିଏମ୍ ମେସିନ୍ ଗ୍ରହଣ ଓ ଦାଖଲ କଲାବେଳେ ସୁବିଧା ପାଇଁ ଆବଶ୍ୟକୀୟ କାଉଣ୍ଟର କରିବା ପାଇଁ କହିଥିଲେ । ସମ୍ଭାବ୍ୟ କାଳବୈଶାଖୀ ଝଡ଼ ବର୍ଷାର ଆଶଙ୍କା ରହିଲେ ଟେଣ୍ଟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ଦିନ ୱେବକାଷ୍ଟିଂ ମାଧ୍ୟମରେ ଜିଲ୍ଲାର ପ୍ରାୟ ୬୦ ପ୍ରତିଶତ ବୁଥ୍‌ର ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟଧାରା ଜିଲ୍ଲା ଏବଂ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟ ସ୍ତରରେ ନିରୀକ୍ଷଣ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଜିଲ୍ଲାରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ଉଭୟ ରେଗୁଲାର ଓ ଠିକା କର୍ମଚାରୀଙ୍କୁ ଯେପରି ନିର୍ବାଚନ ଦିନ ଭୋଟ ଦେବା ଲାଗି ପ୍ରାପ୍ୟ ଛୁଟି ମିଳେ । ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଟଙ୍କା ଓ ଅବକାରୀ ଦ୍ରବ୍ୟର ଅବାଧ ପ୍ରଚଳନକୁ ଅଟକାଇବା ପାଇଁ ଗଠିତ ସ୍କ୍ୱାର୍ଡ଼ର ଧରପଗଡ଼କୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକ୍‌ପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ । ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଷୟରେ ସମୀକ୍ଷା କରି ମୁଖ୍ୟ ନିର୍ବାଚନ ଅଧିକାରୀ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଲୋକସଭା କ୍ଷେତ୍ରରେ ଯେପରି ସଂପୂର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସମ୍ପାଦିତ ହେବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଆଦର୍ଶ ଆଚରଣ ବିଧିର ଉଚିତ୍ ପାଳନ ଦିଗରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଭିନ୍ନ ପ୍ରବର୍ତ୍ତନ ବିଭାଗ ଯଥା- ଅବକାରୀ, ଜିଏସ୍‌ଟି, ପରିବହନ ଓ ଜଙ୍ଗଲ ବିଭାଗ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିଟି ବୁଥ୍ ଯେପରି ସୁରକ୍ଷା ବଳୟ ଭିତରେ ରହିବ ଓ ଇଭିଏମ୍, ଭିଭିପାଟ୍ ମତଗଣନା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିବ ସେଥିପାଇଁ ପୂର୍ଣ୍ଣ ରୂପେ ସଜାଗ ରହିବାକୁ ଶ୍ରୀ ଧଳ କହିଥିଲେ । ଏହା ସହ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଯେପରି ଆଗାମୀ ମଇ ୨୫ରେ ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ, ତ୍ରୁଟିଶୂନ୍ୟ ତଥା ସମସ୍ତଙ୍କ ଅଂଶଗ୍ରହଣରେ ଭାରତୀୟ ଗଣତନ୍ତ୍ରର ମହାପର୍ବ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ସମ୍ପାନିତ ହେବ । ସେଥିପାଇଁ ସର୍ବସମ୍ମିଳିତ ପ୍ରୟାସ କରିବା ପାଇଁ ସେ ସଭିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ସିଏପିଏଫ୍ ମୁତୟନ ପାଇଁ ନିର୍ଦ୍ଦେଶ ଦେବା ସହ ଓ ବୁଥ୍‌ରେ ମହିଳା ପୋଲିଂ ଏଜେଣ୍ଟ ଦବାକୁ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ । ନିର୍ବାଚନ ସମୀକ୍ଷାର ଏହି ସମସ୍ତ ଦିଗ ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକଟର ଏନ୍. ତିରୁମାଲା ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଆଇଏଏସ ପ୍ରୋବେସନର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓ ନିର୍ବାଚନ ସମ୍ବନ୍ଧୀୟ ନୋଡ଼ାଲ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷାରେ ସାମିଲ ହୋଇଥିଲେ । ଏହାପରେ ଶ୍ରୀ ଧଳ ସ୍ଥାନୀୟ ଡିଏନ୍ ହାଇସ୍କୁଲରେ ଚାଲିଥିବା ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନରେ ଯାଇ ପ୍ରଶିକ୍ଷାର୍ଥୀଙ୍କ ସହ ପ୍ରଶ୍ନୋତ୍ତରମୂଳକ ଭାବବିନିମୟ କରିବା ସହ ପୋଷ୍ଟାଲ ବାଲାଟ ଗୃହର ନିରୀକ୍ଷଣ କରିଥିଲେ । ଆହୁରି ମଧ୍ୟ କେଉଁଝରେ ମାଇନିଙ୍ଗ କଲେଜ ଠାରେ ୨୦-ତେଲକୋଇ (ଏସ୍.ଟି.) ଏବଂ ୨୪-କେନ୍ଦୁଝର (ଏସ୍.ଟି.) ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ୍ ବୁଲି ଦେଖିବା ସହ ଇଭିଏମ୍ କମିଶନିଂର ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ ।

ବାରିପଦାରେ ରୋଡ଼ସୋ କଲେ ବିଜେଡ଼ି ପ୍ରାର୍ଥୀ ସୁଦାମ ଓ ସାନନ୍ଦ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ପାଇଁ ନମିନେସନ ସରିଥିଲା ବେଳେ ଦିନକୁ ଦିନ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଉଛି । ସମଗ୍ର ମୟୂରଭଞ୍ଜ ଜିଲ୍ଲା ତଥା ବାରିପଦାରେ ବିଜେଡି ଏବଂ ବିଜେପି ମଧ୍ୟରେ ମୁଖ୍ୟତଃ ଲଢେଇ ହେବ ବୋଲି ଆକଳନ କରାଯାଉଥିବା ବେଳେ, ଉଭୟ ଦଳ ନିଜ ନିଜର ପ୍ରଚାର ପ୍ରସାରକୁ ବ୍ୟାପକ କରିଛନ୍ତି । ତେବେ ପ୍ରଚାର ପ୍ରସାରରେ ବିଜେଡି ଆଗୁଆ ଥିବାର ପରିଲକ୍ଷିତ ହେଉଛି । ସନ୍ଧ୍ୟାରେ ବିଜେଡିର ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି ବାରିପଦା ସହରରେ ରୋଡ଼ ସୋ କରି ଲୋକଙ୍କର ବ୍ୟାପକ ସମର୍ଥନ ସାଉଁଟି ଥିବାର ଦେଖାଯାଇଛି । ପଦଯାତ୍ରାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଜେଡି ଜିଲ୍ଲା ମହିଳା ସଭାପତି ଦିପ୍ତୀଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ବିଭିନ୍ନ ୱାର୍ଡର କାଉନ୍‌ସିଲର ତଥା ଯୁବ, ଛାତ୍ର ଏବଂ ମହିଳା ବିଜେଡିର ବହୁ ସଂଖ୍ୟାରେ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା କୃଷ୍ଣଚନ୍ଦ୍ର ଗୋଲେଇ ନିକଟରୁ ବାହାରି ମୁଖ୍ୟ ମାର୍କେଟ ଦେଇ ବିଜୁଭବନ ନିକଟକୁ ଆସିଥିଲା । ବାଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲୋକେ ବିଜେଡିର ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଇଥିଲେ । ବିଶାଳ ଶୋଭାଯାତ୍ରା ବିଜୁ ଗୋଲେଇ ନିକଟରେ ପହଞ୍ଚିବା ପରେ ପ୍ରାର୍ଥୀ ମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ତେବେ ବାରିପଦା ସହରରେ ବିଜେଡିର ଏହି ବିଶାଳ ଶୋଭାଯାତ୍ରାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ, କର୍ମୀ ମହଲରେ ଉତ୍ସାହ ଖେଳିଯାଇଛି ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୨ ଲଗ୍ନ ରବି	୧ ୨ ଶୁକ୍ର ବୁଧ	ରାହୁ ୧୧ ଗୁରୁ ୧୦
୩	୧୨ / ୬	୯
୪ କେତୁ ୫	୬	୭ ୮

ମେଷ: ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଅର୍ଥାତ୍ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।

ବୃଷ: ଘାତଚନ୍ଦ୍ର ହେତୁ ସାବଧାନ ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସମସ୍ୟା ଦେଖାଦେଇପାରେ ।

ମିଥୁନ: ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।

କର୍କଟ: ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।

ସିଂହ: ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବର ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।

କନ୍ୟା: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ । ଗୃହେ ଆନନ୍ଦ ଦେଖାଦେବ ।

ତୁଳା: ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।

ବିଛା: ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।

ଧନୁ: କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ । ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।

ମକର: ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।

କୁମ୍ଭ: ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

ମୀନ: ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୧୮।୫।୨୦୨୪, ଜ୍ୟେଷ୍ଠ ଦି୫ନ, ଶନିବାର

ସୂର୍ଯ୍ୟୋଦୟ- ଘ୦୫।୧୦।୩୦ ଚନ୍ଦ୍ରୋଦୟ- ଦିଘ ୧୫।୭।୧୭

ଦଶମୀ- ଦିଘ ୧୧।୨୩ ପର୍ଯ୍ୟନ୍ତ । ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର- ରାଘ ୧୧।୨୨ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୧।୨୩ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୦୯ ମଧ୍ୟେ ଦିଘ ୨।୫୯ ଗତେ ଘ ୩।୩୬ ମଧ୍ୟେ ।

୧୦ ବର୍ଷ ହେଲା ଗ୍ରାମକୁ ହୋଇପାରୁନି ରାସ୍ତା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁର ଗ୍ରାମ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପଛପଟକୁ ସଂଯୋଗ ଥିବା ଶୋଭନୀୟ ଶିକ୍ଷା ଅନୁଷ୍ଠାନର ରାସ୍ତାଟି ଅତି ଦୟନୀୟ ଅବସ୍ଥାରେ ରହିଛି । ଏଠାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ରହି ଆସୁଛନ୍ତି । ଗ୍ରାମରେ ରାସ୍ତା ନଥିବାରୁ ମାଟି କାଦୁଅରେ ପଶି ଗ୍ରାମବାସୀ ମାନେ ଯାତାୟାତ କରୁଛନ୍ତି । ବର୍ଷାଦିନେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଫଳରେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାତାୟାତ କରିପାରୁନାହାଁନ୍ତି । ତୁରନ୍ତ ଏହି ରସ୍ତାଟିକୁ ପକ୍କା ବା ଢଳାଇ କରିବା ପାଇଁ ଗ୍ରାମର ମୁଲତା ଧଳ, ବାପୁନି ଲେଙ୍କା, ରଶ୍ମିରେଖା ରାଉତ, ବିଦ୍ୟୁତ୍‌ପ୍ରଭା ବିଶ୍ୱାଳ, ସୋୟା ବିଶ୍ୱାଳ, ସବିତା ଜେନା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୧୯।୫।୨୦୨୪, ଜ୍ୟେଷ୍ଠ ଦି୬ନ, ରବିବାର

ସୂର୍ଯ୍ୟୋଦୟ- ଘ୦୫।୧୦।୧୧ ଚନ୍ଦ୍ରୋଦୟ- ଦିଘ ୨।୪୫।୦୮

ଏକାଦଶୀ- ଦିଘ ୧।୫୧ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର- ରାଘ ୩।୧୬ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧।୫୧ ପରେ ପୋଇଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୭ ଗତେ ଦିଘ ୯।୩୩ ମଧ୍ୟେ ଦିଘ ୧।୨୧ ଗତେ ଘ ୨।୪୬ ମଧ୍ୟେ । **ପର୍ବୋତ୍ସବ-** ମୋହିନୀ ଏକାଦଶୀ, ରବିନାରାୟଣ ବ୍ରତ ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

୪୦ ପ୍ରତିଶତ ଚାକିରି ପଡ଼ିବ ବିପଦରେ

ଏଆଇକୁ ନେଇ ପ୍ରତିଦିନ କିଛି ନା କିଛି ଖବର ସାମ୍ନାକୁ ଆସୁଛି । କାମକୁ ଅତି ସହଜରେ କରିବାକୁ ପାଇଁ ଲକ୍ଷ୍ୟ ରଖାଯାଇଛି ଏହି ଏଆଇ ଦ୍ୱାରା । ପୁଣି ଦ୍ରୁତ ଭାବରେ ବଢ଼ୁଥିବା ଆଧୁନିକ ଜ୍ଞାନକୌଶଳ ଆଡ଼କୁ ବଢ଼ୁଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିଭାଇବ । ଯାହା ଆରମ୍ଭ ମଧ୍ୟ ହୋଇସାରିଛି । ଏମିତିରେ ତ ସବୁ ଆଧୁନିକ ଜ୍ଞାନକୌଶଳର ଲାଭ ଏବଂ କ୍ଷତି ଉଭୟ ରହିଥାଏ । ଏହା ଏଆଇ ସହ ମଧ୍ୟ ହେଉଛି । ଏହାର କିଛି ଫାଇଦା ଅଛି ତ ପୁଣି କିଛି କ୍ଷତି ମଧ୍ୟ । ଆଉ ଏହିଭଳି ଏଆଇର ଏକ କ୍ଷତି ବିଷୟରେ ଏହାର ଏକ ସଦ୍ୟ ରିପୋର୍ଟରେ ଖୁଲାସା କରିଛି ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ଅର୍ଥାତ ଆଇଏମଏଫ ।

ପ୍ରକୃତରେ ଆଇଏମଏଫର ଏକ ନୂଆ ବିଶ୍ଳେଷଣ ଅନୁଯାୟୀ, ଏଆଇ ଅର୍ଥାତ ଦୁନିଆର ପ୍ରାୟ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିପାରେ । ବିବିସିର ଏକ ରିପୋର୍ଟ ଅନୁଯାୟୀ ଆଇଏମଏଫର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ଅଧିକାଂଶ ପରିସ୍ଥିତିରେ ଏଆଇ ହୁଏତ ସମଗ୍ର ବିଶ୍ୱର ଅସମାନତାକୁ ଆହୁରି ଖରାପ କରିପାରେ । ଜର୍ଜିଭା କହିଛନ୍ତି ପଲିସିମେକର୍ସଙ୍କୁ ଏହିଭଳି ଭାବରେ ପରିସ୍ଥିତି ଉପରେ ଧ୍ୟାନ ଦେବା ଦରକାର ଫଳରେ ଟେକ୍ନୋଲୋଜି ଦ୍ୱାରା ସାମାଜିକ ସ୍ଥିତିକୁ ଆହୁରି ଅଧିକ ଉସ୍‌କେଇବାରୁ ରୋକାଯାଇପାରିବ ।

ଏହି ରିପୋର୍ଟ ଅନୁଯାୟୀ, ଆଇଏମଏଫ କହିଛି ଏଆଇ ଆଡଭାନ୍ସ ଇକୋନୋମିଜ୍‌ରେ ଚାକିରିର ପ୍ରାୟ ୬୦ ପ୍ରତିଶତ ପ୍ରଭାବିତ କରିଛି । ଏଥିରୁ ଅଧା କର୍ମଚାରୀ ଏଭଳି ରହିବେ ଯେଉଁମାନେ ଏଆଇରୁ ଫାଇଦା ମିଳିବା ନେଇ ଆଶା କରିପାରନ୍ତି, ଯାହାଦ୍ୱାରା ସେମାନଙ୍କ ଉତ୍ପାଦକତା ବଢ଼ିବ । ଏହା ବ୍ୟତୀତ ଏଆଇ ସେହି କାମକୁ ମଧ୍ୟ କରାଯାଇପାରିବ, ଯାହାକୁ କରିବା ପାଇଁ ବର୍ତ୍ତମାନ କର୍ମଚାରୀଙ୍କୁ ଆବଶ୍ୟକ ପଡ଼ିବ । ଏଥିରେ ଶ୍ରମ ଅର୍ଥାତ କର୍ମଚାରୀଙ୍କ ଆବଶ୍ୟକ କମ୍ ହୋଇପାରିବ । ଦରମା ପ୍ରଭାବିତ ହୋଇପାରେ ଏବଂ ଏମିତିକି ଚାକିରି ମଧ୍ୟ ହରାଇପାରନ୍ତି । ଅବଶ୍ୟ ଆଇଏମଏଫର ଅନୁମାନ ରହିଛି ଯେ, ଏଆଇ ଟେକ୍ନୋଲୋଜି କମ୍ ଆୟ ଥିବା ଦେଶରେ କେବଳ ୨୬ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ ।

ଆଇଏମଏଫର ପରିଚାଳନା ଡାଇରେକ୍ଟର କହିଛନ୍ତି ଅନେକ ଦେଶ ପାଖରେ ଏଆଇର ଫାଇଦା ନେବା ପାଇଁ ଆବଶ୍ୟକ ଭିତ୍ତିଭୂମି ତଥା କାର୍ଯ୍ୟବଳ ନାହିଁ, ଯାହାଦ୍ୱାରା ଏହାର ବିପଦ ବଢ଼ିଛି । ଆଉ ସମୟ ସହ ଏହି ଟେକ୍ନୋଲୋଜି ବିଶ୍ୱର ଅନେକ ଦେଶ ମଧ୍ୟରେ ଅସମାନତା ବଢ଼ାଇପାରେ । ଆଇଏମଏଫର କହିବା ଅନୁଯାୟୀ କମ୍ ଆୟ ଏବଂ ଅଧିକ ବୟସର କର୍ମଚାରୀ ପଛରେ ପଡ଼ିପାରନ୍ତି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ ନାମ ମହାତ୍ମ୍ୟ

ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କାଳାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

ଏଣୁ ତେଣୁ

ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

କାବ୍ୟ କୌଣ୍ଡିନ୍ୟ–୪୫

କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

ସୋମା-କୌଣ୍ଡିନ୍ୟଙ୍କ କମ୍ବୁଜ ଆଗମନ

ପାତାଳପୁରରୁ ବିଦାୟ ନେଇ ନାବ ଯୋଗେ କୌଣ୍ଡିନ୍ୟ ଓ ସୋମା ଆସି କମ୍ବୁଜ ଉପକୂଳରେ ପହଞ୍ଚିବା ଓ ସେଠାରେ ସେମାନଙ୍କ ବନ୍ଦାପନା ଓ ସ୍ୱାଗତ କିପରି ହେଲା ତାହା ହେଉଛି ଚଳିତ ଗୀତର ବିଷୟ ବସ୍ତୁ। ଏ ଗୀତଗୁଡ଼ିକର ସୌନ୍ଦର୍ଯ୍ୟବୋଧତା ଏହି ଯେ ଏହାର ପ୍ରତ୍ୟେକ ପଦର ସମସ୍ତ ଚାରିଧାଡ଼ି 'କ' ଅକ୍ଷରରେ ଆରମ୍ଭ ହୋଇଛି। ତା' ସଙ୍ଗେ ସଙ୍ଗେ ପଦର ପ୍ରଥମ ଓ ତୃତୀୟ ଧାଡ଼ିର ଦ୍ୱିତୀୟ ଅର୍ଦ୍ଧାଂଶର ପ୍ରଥମ ଅକ୍ଷର ମଧ୍ୟ 'ବ' ରଖାଯାଇଛି।

କୌଣ୍ଡିନ୍ୟ ସୋମାଙ୍କ   ବିବାହ ସଂଦେଶ
କରିଥିଲେ ନୃପ ପ୍ରେରିତ
କମ୍ବୁଜବାସୀଏଁ   ବାରତା ପାଇଣ
କଲେ ଆନନ୍ଦେ ପ୍ରଚାରିତ ।।୧।।

କେବେ ଯେ ଆସିବେ   ବାସଗୃହ ନିଜ
କଥା ସେ ହେବାରୁ ଜ୍ଞାତ
କୋଣାଣ୍ଡକୋଣରୁ   ବହୁତ ସଂଖ୍ୟାରେ
କମ୍ବୁଜବାସୀ ଏକତ୍ରିତ ।।୨।।

କୋଳାହଳ ଶବ୍ଦେ   ବେଳାଭୂମି ସ୍ଥଳ
କମ୍ପମାନ ସେହିଦିନ
କଥାବାର୍ତ୍ତା ହୋଇ   ବିତାନ୍ତି ସମୟ
କରି ପ୍ରତୀକ୍ଷା ଜନଗଣ ।।୩।।

କାଳ ବହୁ ଅନ୍ତେ   ବହୁତ ଦୂରରୁ
କିଛି ନାବ ଦୃଷ୍ଟିଗୋଚର
କିଞ୍ଚିତ ଆଶା ଯେ   ବହୁ ବିଳମ୍ବରେ
କରିଲା ମନରେ ସଂଚାର ।।୪।।

କ୍ରମଶଃ ନିକଟ   ବୋଇତମାନଙ୍କୁ
କରି ଜନତା ସଂଦର୍ଶନ
କହିଲେ ନିଶ୍ଚୟ   ବରକନ୍ୟା ଆଦି
କରୁଅଛନ୍ତି ଆଗମନ ।।୫।।

କିଛି କାଳ ପରେ   ବୋଇତ ମଧ୍ୟରେ
କୌଣ୍ଡିନ୍ୟ ଯେ ଦଣ୍ଡାୟମାନ
କର ଉତ୍ତୋଳନ   ବୀର କରି ହର୍ଷେ
କଲେ ସବୁଙ୍କୁ ସଂବର୍ଦ୍ଧନ ।।୬।।

କ୍ଲାନ୍ତ ଦେହେ ଯେହ୍ନେ   ବଳ ସଂଚାରଇ
କୌଣସି ଶକ୍ତିର ପ୍ରଭାବ
କୌଣ୍ଡିନ୍ୟ ସୋମାଙ୍କୁ   ବିଲୋକି ସକଳେ
କଲେ ତେସନ ଅନୁଭବ ।।୭।।

କୂଳକୁ ଲାଗିଲା   ବହିତ୍ର ଅନେକ
କିଛି ଲୋକ କଲେ ପ୍ରବେଶ
କୁଳଗୁରୁ ମନ୍ତ୍ରେ   ବରକନ୍ୟାଙ୍କୁ ଯେ
କଲ୍ୟାଣ କରନ୍ତି ଅଶେଷ ।।୮।।

କୁଳ ପୁରୋହିତ   ବିଧି ଅନୁଯାୟୀ
କନ୍ୟା ପିତାମାତା ଅନ୍ୟଙ୍କୁ
କର୍ମକାର୍ଯ୍ୟ କରି   ବଚନ ମଧୁରେ
କହନ୍ତି ବୋଇତୁଁ ଯିବାକୁ ।।୯।।

କୌଣ୍ଡିନ୍ୟେ ଉଠାଇ   ବୀର ସୈନ୍ୟଗଣ
କନ୍ଧପର ଦର୍ପେ ବସାଇ
କଲେ ସଂବର୍ଦ୍ଧନ   ବୋଇତୁଁ ଓହ୍ଲାଇ
କୂଳକୁ ସସମ୍ମାନେ ନେଇ ।।୧୦।।

କାମିନୀଗଣ ଯେ   ବନ୍ଦାଇଲେ ହର୍ଷେ
କନ୍ୟାବରଙ୍କୁ ଉପଯୁକ୍ତ
କନ୍ୟାଙ୍କୁ ଉଠାଇ   ବୋଇତରୁ ନେଲେ
କୌଣ୍ଡିନ୍ୟ ବୀରଙ୍କ ସହିତ ।।୧୧।।

କମନୀୟ ଦୃଶ୍ୟ   ବେଶେ ଅପରୂପ
କନ୍ୟାବରଙ୍କର ଦର୍ଶନ
କମ୍ବୁଜ ଜନତା   ବିମୁଗ୍ଧ ମୁଖର
କରି ପ୍ରଶଂସା ଘନଘନ ।।୧୨।।

କଥିତ ସେ ବେଶ   ବଡ ଲୋକପ୍ରିୟ
କଳ୍ପନାତୀତ ଭାବେ ହେଲା
କାଳ ଆଜି ଯାଏଁ   ବିଭା ବସ୍ତ୍ର ବୋଲି
କଳ୍ପ ଆସନ ଲାଭ କଲା ।।୧୩।।

କୂଳେ ପାରାବାର   ବାଜେ ବହୁ ବାଦ୍ୟ
କରନ୍ତି ଜନେ ଜୟକାର
କେତେ ରମ୍ୟ ନୃତ୍ୟେ   ବିରାଜେ ଉତ୍ସବ
କାହିଁ ନାହିଁ ତା' ପଟାନ୍ତର ।।୧୪।।

କୁସୁମ ଅର୍ପିତ   ବିଛୁରିତ ପଥେ
କି ସୁନ୍ଦର ଦିଶେ ଭୂ-ରାଣୀ
କି ଅବା ସେଠାରେ   ବିଛାଇଛି ବିଧି
କମନୀୟ ଶଯ୍ୟାକୁ ଆଣି ।।୧୫।।

କାର୍ଯ୍ୟକ୍ରମ ଶେଷେ   ବୀରବୀରା ସର୍ବେ
କଲେ ଗମନ ବାସ ସ୍ଥାନ
କୁଶଳେ ପାତାଳ   ବିଷୟର କଥା
କରେ ଅନ୍ତ ଦୁର୍ଗାଚରଣ ।।୧୬।।

ଶବ୍ଦାର୍ଥ :
ନୃପ-ପାତାଳପୁରର ରାଜା। କିଞ୍ଚିତ-ଅଳ୍ପ। ସଂଦର୍ଶନ-ଦେଖିବା। ଦଣ୍ଡାୟମାନ-ଠିଆହେବା। ସଂଚାରଇ-ଆଣିଦିଏ। ମୁଖର-ବହୁତ କହିବା। କଳ୍ପ- ପାରମ୍ପାରିକ ଆବଶ୍ୟକତା। ପାରାବାର-ସମୁଦ୍ର। ବିଛୁରିତ-ବିଛେଇ ହୋଇ ରହିବା।

ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ। ଯେଉଁଠାରେ ବିଜ୍ଞାନ ଅଛି ସେଠାରେ ପ୍ରଗତି ଅଛି ଓ ଯେଉଁଠାରେ ପ୍ରଗତି ଅଛି ସେଠାରେ ବିଜ୍ଞାନ ଅଛି। ବିଜ୍ଞାନ କେବଳ ଆର୍ଥିକ ପ୍ରଗତି ଆଣିଛି ତାହା ନୁହେଁ ଏହା ସହିତ ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଯେଉଁ ରାଷ୍ଟ୍ରମାନେ ଆଜି ବିକଶିତ, ସେମାନଙ୍କ ବିକାଶ ପଛରେ ରହିଛି ବିଜ୍ଞାନ। ଯେଉଁ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଡେଇଁ ଏକ ନୈତିକତାପୂର୍ଣ୍ଣ ବୌଦ୍ଧିକ ସମାଜ ଆଡକୁ ଅଗ୍ରସର ହୋଇଛି ତା ପଛରେ ବୈଜ୍ଞାନିକ ବିଚାରଧାରାର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧରିନେବାକୁ ହେବ। ଅନେକେ ବିଜ୍ଞାନ କହିଲେ କୌଣସି ନୂତନ ଉଦ୍ଭାବନକୁ ବୁଝନ୍ତି। ଏହା କୌଣସି ନୂତନ ଉପାଦେୟ ବସ୍ତୁର ଉଦ୍ଭାବନ ଅଥବା କୌଣସି ବସ୍ତୁ ପ୍ରତିକ୍ରିୟା ସୂତ୍ରର ଆବିଷ୍କାରକୁ ବୁଝିଥାନ୍ତି। ପ୍ରକୃତରେ ଏହା ବିଜ୍ଞାନର ଏକ ଆଂଶିକ ପ୍ରତିଫଳନ। ପ୍ରକୃତ ବିଜ୍ଞାନ ହେଉଛି ସେହି ମାନସିକତା ଯାହା ମାଧ୍ୟମରେ ଜଣେ ନୂତନ ଉଦ୍ଭାବନ ବା ସୂତ୍ରଗତ ଆବିଷ୍କାର ପାଇଁ ପ୍ରେରିତ ହୁଏ। ସମାଜ ବ୍ୟବସ୍ଥା କ୍ଷେତ୍ରରେ ଯାହା ଉତ୍କୃଷ୍ଟତାର ଭାବନାକୁ ଅଙ୍କୁରିତ କରେ।

ଆମ ସମ୍ବିଧାନର ପ୍ରଣେତାମାନେ ଏକ ବିକଶିତ ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା କରିଥିଲେ। ସେମାନେ ଜାଣିଥିଲେ ଏଦିଗରେ ବିଜ୍ଞାନର ଅବଦାନକୁ ଅଣଦେଖା କରିହେବ ନାହିଁ। ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ପ୍ରଗତିଶୀଳ ଭାବନାକୁ ପ୍ରତିଫଳିତ କାରିବାକୁ ଚାହିଁଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଭାରତ ମଧ୍ୟ କିପରି କ୍ଷୀପ୍ରଭାବେ ଆଗକୁ ବଢ଼ିପାରିବ ସେ ବିଷୟରେ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କରିଥିଲେ। ସେମାନେ ସମ୍ବିଧାନର ପ୍ରସ୍ତାବନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି ତାହା ବୈଜ୍ଞାନିକ ବିଚାରରେ ଆସ୍ଥା ସ୍ଥାପନ ବିନା ପ୍ରାପ୍ତ ହେବା ସମ୍ଭବପର ନୁହେଁ। ପ୍ରସ୍ତାବନା ଅନୁଯାୟୀ ଭାରତୀୟ ଗଣରାଜ୍ୟରେ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱଭାବ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପ୍ରଗତିଶୀଳ ଭାବନା ବିନା ସମ୍ଭବ ନୁହେଁ ଓ ପ୍ରଗତିଶୀଳ ଭାବନା ବିଜ୍ଞାନ ବିନା ସମ୍ଭବପର ନୁହେଁ। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ବୈଜ୍ଞାନିକ ବିଚାରର ଅନୁଗାମୀ ଥିଲେ। ସେମାନଙ୍କ ଉଚ୍ଚଶିକ୍ଷା ବିଦେଶରେ ହୋଇଥିଲା। ବିଶ୍ୱ ଜନସମୁଦାୟ ଓ ବିଶ୍ୱ ରାଜନୈତିକ ପରିସ୍ଥିତି ସମ୍ବନ୍ଧରେ ତାଙ୍କ ନିକଟରେ ଯଥେଷ୍ଟ ଜ୍ଞାନ ଥିଲା।

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ) ରୂପରେ। ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚୀତ ହୋଇଛି। ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା। ଏହା ସହିତ ଆନୁସାଙ୍ଗିକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ। ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନ୍ୟ ଯେଉଁ ଆନୁସାଙ୍ଗିକ ବିଷୟଗୁଡ଼ିକ ଜଡ଼ିତ ହୋଇ ରହିଛି। ସେଗୁଡ଼ିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ। ବିଜ୍ଞାନ ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ସଂସ୍ଥାପନ କରେ। ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା। ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନକରି ତା ଭିତରର ଗୁଢ ରହସ୍ୟକୁ ଭେଦ କରିବା ଉଚିତ୍। ଏଥିପାଇଁ ତା ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଉଚିତ୍। ଏହାହିଁ ବୈଜ୍ଞାନିକ ଅନୁସନ୍ଧାନ। ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ। ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ। ଏହାହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର।

ଭାରତୀୟ ସମାଜ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ଏବେବି ଗାଁ ଗହଳିରେ ଗୁଣି-ଗାରେଡ଼ି, ଡାହାଣୀ-ଚିରଗୁଣୀ, ତୁଟକା-ଛଡାଣ ପରି ଅନେକ ପ୍ରକାରର ଅନ୍ଧବିଶ୍ୱାସ ପରିବ୍ୟାପ୍ତ। ଦୈନନ୍ଦିନ ଖବର କାଗଜରେ ଡାହାଣୀ ସନ୍ଦେହରେ ହତ୍ୟା, ଗୁଣିଆ ସନ୍ଦେହରେ ହତ୍ୟା, ଝଡାଫୁଙ୍କା ଉପରେ ବିଶ୍ୱାସ କରି ମୃତ୍ୟୁବରଣ କରିବା ପରି ବିଷୟ ପ୍ରସାରିତ ହେଉଛି। ସେହିପରି ଅନେକ ପ୍ରକାର କୁସଂସ୍କାର ସମାଜରେ ରହିଛି। ବାଲ୍ୟବିବାହ, ଅନର କିଲିଙ୍ଗ, ପଶୁବଳି ଏପରିକି ନରବଳି ପରି ଅନେକ କୁସଂସ୍କାର ସମାଜରେ ରହିଛି। ଅନେକ ଉଚ୍ଚଶିକ୍ଷିତ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ନୁହଁନ୍ତି। ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କିଛି ଏଗୁଡ଼ିକର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢନ୍ତି। ଭାରତୀୟ ସମାଜରେ ଥିବା ଜାତିବ୍ୟବସ୍ଥା ଉଭୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ମିଳିତ ପରିପ୍ରକାଶ। ବୈଜ୍ଞାନିକ ଚେତନାର ବିକାଶ ଓ ମାନବୀୟ ମୂଲ୍ୟବୋଧର ପ୍ରସାର ମାଧ୍ୟମରେ ଏହାକୁ ହଟାଯାଇ ପାରିବ। ସେହିପରି ଧାର୍ମିକ ମୌଳବାଦ ବାରମ୍ବାର ଆତ୍ମପ୍ରକାଶ କରୁଛି। ସାମଗ୍ରିକ ଭାବେ ସମାଜ ବିଜ୍ଞାନର ଅନୁଗାମୀ ହେଲେ ଓ ବୈଜ୍ଞାନିକ ଚେତନାର ବଶବର୍ତ୍ତୀ ହେଲେ ଯେଉଁ ସଂକୀର୍ଣ୍ଣତାରୁ ମୌଳବାଦ ଜାତହୁଏ, ତାହା ଆପେ ଦୂରେଇଯିବ।

ସମ୍ବିଧାନରେ ସଂଯୋଜିତ ଏହି ମୌଳିକ କର୍ତ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚୀତ କରେ। ଏହାର ପାଳନ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାର୍ଗକୁ ଉନ୍ମୁକ୍ତ କରେ। ଦେଶକୁ ତଥା ସମାଜକୁ ମଧ୍ୟଯୁଗୀୟ ସଂକୀର୍ଣ୍ଣ ଭାବନାରୁ ବାହାର କରି ଆଧୁନିକତା ଆଡକୁ ନେଇ ଯିବାର ଅଭିପ୍ରାୟ ରଖେ। ଏକ ଐକ୍ୟବଦ୍ଧ, ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ ଓ ଭ୍ରାତୃତ୍ୱଭାବ ଉପରେ ପ୍ରତିଷ୍ଠିତ ଏକ ନୂଆ ସମାଜର ପରିକଳ୍ପନା କରେ। ଉଚ୍ଚତର ବୈଜ୍ଞାନିକ ଚେତନାର ସ୍ଥାପନ ଦ୍ୱାରା ଏହା ସମ୍ଭବପର। ଏ ମୌଳିକ କର୍ତ୍ତବ୍ୟ କେବଳ ନାମକୁ ନୁହେଁ, ଏହା କାମକୁ। ସମ୍ବିଧାନରେ ସ୍ଥାନିତ ଏହି ନିର୍ଦ୍ଦେଶନାକୁ ପ୍ରତ୍ୟେକ ନାଗରିକ ଆନ୍ତରିକତାର ସହିତ ପାଳନ କରିବା ଉଚିତ୍ ଓ ଦେଶକୁ ଏକ ଉନ୍ନତ ଶିଖରକୁ ନେଇଯିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍। ଧାରା ୫୧-କ(ଏଚ)ର ବ୍ୟାପକ ପ୍ରଚାର ଓ ପ୍ରସାର ସମୟର ଆବଶ୍ୟକତା ଅଟେ।

ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

କନ୍ୟା ଏକ ଉଜ୍ଜ୍ୱଳ ତାରକା

ଗୋଟିଏ ନାରୀ ଶିକ୍ଷିତ ହୋଇ ପାରିଲେ ସେ ସମଗ୍ର ପରିବାରକୁ ଶିକ୍ଷିତ କରିପାରିବ। କିନ୍ତୁ ଆଜିର ସଭ୍ୟ ସମାଜରେ କନ୍ୟାଟିଏ ଆଜି ଅବଳା, ଦୁର୍ବଳା ଆଉ ଅଲୋଡା । ବର୍ତ୍ତମାନ ପରିସ୍ଥିତିରେ ପୁଅଟିଏ ଜନ୍ମ ହେଲେ ଲୋକମାନଙ୍କ ଖୁସି କହିଲେ ନସରେ , କିନ୍ତୁ କନ୍ୟାଟିଏ ଜନ୍ମ ହେଲେ ସତେ ଯେମିତି ପାଦ ତଳୁ ମାଟି ଖସିଯାଏ । ପୁଅ ଝିଅ ମଧ୍ୟରେ ଭେଦଭାବ ସତେ ଯେମିତି ମଣିଷ ମନରେ ବସା ବାନ୍ଧି ରହିଛି । ଆଦ୍ୟଶକ୍ତି ମାଆ ଠାରୁ ଆମେ ସୃଷ୍ଟି ।ମାଆ ଗର୍ଭରେ ଭ୍ରୁଣ ସଞ୍ଚାର ହୋଇ ୧୦ ମାସ ୧୦ ଦିନ ରହିବା ପରେ ଭୂମିଷ୍ଠ ହୁଏ ସନ୍ତାନ । କନ୍ୟା ସନ୍ତାନ ପରିବାର ପାଇଁ ବୋଝ ବୋଲି ଜନ୍ମଦାତା ମାଆ ମଧ୍ୟ ଭାବିଥାଏ । ସେ ନିଜେ ମହିଳା ହୋଇ ମଧ୍ୟ ଆଗ୍ରହ ଥାଏ ପୁତ୍ର ସନ୍ତାନ ପାଇଁ । ଯାହା ଫଳରେ ବିଶ୍ୱରେ ମହିଳା ଅନୁପାତ କମିବାରେ ଲାଗିଛି । ସ୍ୱାଧୀନତାର ଏତେ ବର୍ଷ ପରେ ଆଜି ବି ଥମିନି କନ୍ୟାଭ୍ରୁଣ ହତ୍ୟା ପରି ଜଘନ୍ୟ ଅପରାଧ । କଅଁଳ ଫୁଲ କଢ଼ିଟେ ଫୁଟିବା ଆଗରୁ ଛିଣ୍ଡେଇ ଦେବା ଭଳି , ମା ଗର୍ଭରୁ ଲିଙ୍ଗ ନିରୂପଣ କରାଯାଏ। କନ୍ୟାଭ୍ରୁଣକୁ ମାରିଦିଆଯାଏ । ସମାଜ ଏତେ ସଭ୍ୟ ଶିକ୍ଷିତ ହେବାପରେ ବି ନାରୀ ଆଜି ବି ହୁଏ ହୀନ ମନ୍ୟତାର ଶିକାର । ଲୋକ ଆଧୁନିକତା ଆଡ଼କୁ ଗତି କରୁଥିଲେ ମଧ୍ୟ ଆଜି ବି ସମାଜରେ ଝିଅ ଓ ପୁଅ ମାନଙ୍କ ଭିତରେ ପ୍ରଭେଦ ପରି ଘଟଣା ମାନ ନଜର ଆସୁଛି । ସମାଜରେ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସିଛି। ଶିକ୍ଷା ହେଉ କି ଅଧିକାର,ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମନା କରି ଆସିଛି ଝିଅ। ଏପରିକି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବାର ମଧ୍ୟ ଦେଖିବାକୁ ମିଳିଛି।

ନାରୀ ଓ ପୁରୁଷ ଉଭୟ ସମାଜର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଜଣଙ୍କ ବିନା ଆଉ ଜଣଙ୍କ ଅସ୍ତିତ୍ୱ ଅଦୃଶ୍ୟ । ଗୋଟିଏ ସୁସ୍ଥ ସମାଜ ଗଠନରେ ପୁରୁଷର ଭୂମିକା ଯେତିକି ରହିଛି ଗୋଟିଏ ନାରୀର ଭୂମିକା ମଧ୍ୟ ସେତିକି ରହିଛି । କଥାରେ ଅଛି ଗୋଟିଏ ନାରୀ ଶିକ୍ଷିତ ହୋଇ ପାରିଲେ ସେ ସମଗ୍ର ପରିବାରକୁ ଶିକ୍ଷିତ କରିପାରିବ। କିନ୍ତୁ ଆଜିର ସଭ୍ୟ ସମାଜରେ କନ୍ୟାଟିଏ ଆଜି ଅବଳା, ଦୁର୍ବଳା ଆଉ ଅଲୋଡା । ବର୍ତ୍ତମାନ ପରିସ୍ଥିତିରେ ପୁଅଟିଏ ଜନ୍ମ ହେଲେ ଲୋକମାନଙ୍କ ଖୁସି କହିଲେ ନସରେ, କିନ୍ତୁ କନ୍ୟାଟିଏ ଜନ୍ମ ହେଲେ ସତେ ଯେମିତି ପାଦ ତଳୁ ମାଟି ଖସିଯାଏ । ପୁଅ ଝିଅ ମଧ୍ୟରେ ଭେଦଭାବ ସତେ ଯେମିତି ମଣିଷ ମନରେ ବସା ବାନ୍ଧି ରହିଛି । ଆଦ୍ୟଶକ୍ତି ମାଆ ଠାରୁ ଆମେ ସୃଷ୍ଟି । ମାଆ ଗର୍ଭରେ ଭ୍ରୁଣ ସଞ୍ଚାର ହୋଇ ୧୦ ମାସ ୧୦ ଦିନ ରହିବା ପରେ ଭୂମିଷ୍ଠ ହୁଏ ସନ୍ତାନ । କନ୍ୟା ସନ୍ତାନ ପରିବାର ପାଇଁ ବୋଝ ବୋଲି ଜନ୍ମଦାତା ମାଆ ମଧ୍ୟ ଭାବିଥାଏ । ସେ ନିଜେ ମହିଳା ହୋଇ ମଧ୍ୟ ଆଗ୍ରହ ଥାଏ ପୁତ୍ର ସନ୍ତାନ ପାଇଁ । ଯାହା ଫଳରେ ବିଶ୍ୱରେ ମହିଳା ଅନୁପାତ କମିବାରେ ଲାଗିଛି । ସ୍ୱାଧୀନତାର ଏତେ ବର୍ଷ ପରେ ଆଜି ବି ଥମିନି କନ୍ୟାଭ୍ରୁଣ ହତ୍ୟା ପରି ଜଘନ୍ୟ ଅପରାଧ । କଅଁଳ ଫୁଲ କଢ଼ିଟେ ଫୁଟିବା ଆଗରୁ ଛିଣ୍ଡେଇ ଦେବା ଭଳି, ମା ଗର୍ଭରୁ ଲିଙ୍ଗ ନିରୂପଣ କରାଯାଏ। କନ୍ୟାଭ୍ରୁଣକୁ ମାରିଦିଆଯାଏ । ସମାଜ ଏତେ ସଭ୍ୟ ଶିକ୍ଷିତ ହେବାପରେ ବି ନାରୀ ଆଜି ବି ହୁଏ ହୀନ ମନ୍ୟତାର ଶିକାର । ଲୋକ ଆଧୁନିକତା ଆଡ଼କୁ ଗତି କରୁଥିଲେ ମଧ୍ୟ ଆଜି ବି ସମାଜରେ ଝିଅ ଓ ପୁଅ ମାନଙ୍କ ଭିତରେ ପ୍ରଭେଦ ପରି ଘଟଣା ମାନ ନଜର ଆସୁଛି । ସମାଜରେ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସିଛି। ଶିକ୍ଷା ହେଉ କି ଅଧିକାର,ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମନା କରି ଆସିଛି ଝିଅ। ଏପରିକି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବାର ମଧ୍ୟ ଦେଖିବାକୁ ମିଳିଛି। ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ଦେଖା ଦେଇଛି ଝିଅମାନଙ୍କ କ୍ଷେତ୍ରରେ ।

ଲିଙ୍ଗଗତ ବୈଷମ୍ୟତାକୁ ଦୂର କରି କନ୍ୟା ସନ୍ତାନମାନଙ୍କୁ ସବୁ କ୍ଷେତ୍ରରେ ସମାନ ଗୁରୁତ୍ୱ ପ୍ରଦାନ କରି ଏକ ସମୃଦ୍ଧ ଏବଂ ଉଜ୍ଜଳ ସମାଜ ଗଠନ କରିବା ଦିଗରେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ । ଝିଅମାନେ ଦକ୍ଷତା ସମ୍ପନ୍ନ ହେଲେ ଦେଶ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ଭାବେ ପରିଗଣିତ ହୋଇପାରିବେ । ଏଥିପାଇଁ ପ୍ରଥମେ ମାନସିକତାକୁ ପରିବର୍ତ୍ତନ କରିବାକୁ ପଡିବ । ମନରୁ ପ୍ରଥମେ ପୁଅ ଓ ଝିଅର ତୁଳନାକୁ ଦୂର କରିବାକୁ ପଡିବ । ଉଭୟଙ୍କର ଆବଶ୍ୟକତା ସମାଜକୁ ସମାନ ଭାବରେ ରହିଛି, ପୁଅକୁ ଝିଅ ସହ ତୁଳନା କିମ୍ବା ଝିଅକୁ ପୁଅ ସହ ତୁଳନା କରିବାର ଆବଶ୍ୟକତା ନାହିଁ । ନଚେତ୍ ସୁସ୍ଥ ସମାଜ ଗଠନ କରିବା ଅସମ୍ଭବ ହୋଇପଡିବ । ଯଦି ଆମେ ଆମ ଘରୁ ପରିବର୍ତ୍ତନ ଆରମ୍ଭ କରିବା, ତେବେ ନିଶ୍ଚିତ ରୂପେ ସମାଜରେ ପରିବର୍ତ୍ତନ ଆସିପାରିବ ।

ପୁଅଟିଏ ଜନ୍ମହେଲେ ରୋଜଗାର କରି ପୋଷିବ ଓ ବଂଶ ରକ୍ଷା କରିବ । କନ୍ୟା ସନ୍ତାନ ଜନ୍ମ ହେଲେ ପରଘରକୁ ଚାଲିଯିବ ଏବଂ ବିବାହ ବେଳେ ଯୌତୁକ ପାଇଁ ମା'ବାପାଙ୍କ ଲାଗି ବୋଝ ସାଜିବ। ଏଭଳି ହୀନ ମାନସିକତା ଯୋଗୁ ସମାଜରେ ଦିନକୁ ଦିନ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ୨୦୦୮ରୁ ପ୍ରତିବର୍ଷ ଜାନୁୟାରୀ ୨୪ ତାରିଖକୁ ଜାତୀୟ କନ୍ୟାସନ୍ତାନ ଦିବସ ରୂପେ ପାଳନ କରାଯାଉଛି । ଏହାକୁ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପୁରା ସମାଜରେ ଲିଙ୍ଗୀୟ ଭେଦଭାବ ଓ ତାଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହା ବ୍ୟତିତ ଶିକ୍ଷା, ପୋଷଣ, କାନୁନ କ୍ଷେତ୍ରରେ ଅଧିକାର, ଚିକିତ୍ସା, ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ବାଲ୍ୟ ବିବାହ ରୋକିବା ଏହାର ଉଦ୍ଦେଶ୍ୟ। ନାରୀକୁ ସମାଜରେ ସେତିକି ସମ୍ମାନ ମିଳିନଥାଏ, ଯେତିକି ପାଇବାକୁ ସେ ହକ୍‌ଦାର। ବର୍ତ୍ତମାନର ଆଧୁନିକ ଯୁଗରେ ବି କନ୍ୟା ଭ୍ରୁଣ ହତ୍ୟା ହେଉଛି। ସେହିପରି ଆଉ କେଉଁଠି ନବବିବାହିତା ବଧୂକୁ ସାମାନ୍ୟ କେଇଟା ଟଙ୍କା ପାଇଁ ମାରି ଦିଆଯାଉଛି । ଆଜିର ଦିନରେ ସାରା ଦେଶରେ ଝିଅମାନଙ୍କ ସମ୍ମାନ ଓ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ସମାଜରେ ବହୁଳ ଭାବେ ହେଉଥିବା କନ୍ୟାଭ୍ରୁଣ ହତ୍ୟା, ଯୌତୁକ ନିର୍ଯାତନା, ଦୁଷ୍କର୍ମ ଆଦି ସାମାଜିକ ବ୍ୟାଧିକୁ ରୋକିବା ଓ କନ୍ୟାମାନଙ୍କୁ ସମ୍ମାନର ସହ ସମାଜରେ ବଞ୍ଚିବାକୁ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁକନ୍ୟାମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ସହ ସେମାନଙ୍କର ପାରଦର୍ଶିତାକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ 'ଜାତୀୟ କନ୍ୟା ସନ୍ତାନ ଦିବସ' ପାଳିତ ହେଉଛି । ଏହି ଦିବସରେ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ ଏହା ସହିତ କନ୍ୟାମାନଙ୍କର ଅସୁବିଧାର ସମାଧାନ କିପରି ହୋଇପାରିବ ତାହାକୁ ମଧ୍ୟ ଧ୍ୟାନ ଦିଆଯାଏ ।

କନ୍ୟା ସନ୍ତାନ ପ୍ରତି ସୁରକ୍ଷା ଓ ଆଗ୍ରହ ପାଇଁ ଆମ ଦେଶ ଓ ରାଜ୍ୟରେ ବହୁ ଯୋଜନା ଓ ଆଇନ କାର୍ଯ୍ୟକାରୀ ହେଉଅଛି । କନ୍ୟା ଶିଶୁ ଅନୁପାତ ହ୍ରାସ ହେବାର ସମସ୍ୟାର ସମାଧାନ ପାଇଁ ଭାରତ ସରକାର ଜାନୁୟାରୀ ୨୦୧୫ ରୁ ବେଟି ବଚାଓ ବେଟି ପଢ଼ାଓ (ବିବିବିପି) ଯୋଜନା ଆରମ୍ଭ କରିଛନ୍ତି ଯାହା ୧୦୦ ଟି ଲିଙ୍ଗଗତ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରେ ବହୁ ବିଭାଗୀୟ କାର୍ଯ୍ୟ ଉପରେ ପର୍ଯ୍ୟବେସିତ। ଏହା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ମିଳିତ ପଦକ୍ଷେପ। ଏହି ଯୋଜନାର ସାମଗ୍ରିକ ଲକ୍ଷ୍ୟ ହେଉଛି ବାଳିକା ଶିଶୁ ପାଳନ କରିବା ଏବଂ ତାଙ୍କ ଶିକ୍ଷାକୁ ସକ୍ଷମ କରିବା । ସେହିଭଳି ରାଜ୍ୟ ସରକାର ୨୦୧୬ରେ ବିଜୁ କନ୍ୟା ରତ୍ନ(ଆମ କନ୍ୟା ଆମ ରତ୍ନ) ଯୋଜନା ଆରମ୍ଭ କରିଥିଲେ। କନ୍ୟାଭ୍ରୁଣ ହତ୍ୟା ରୋକିବା, ଶିଶୁ କନ୍ୟା ଜନ୍ମ ହେବା ପରେ ସେମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଅନ୍ୟମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା, କନ୍ୟା ଶିଶୁ ସୁରକ୍ଷା ରହିବା, ଲିଙ୍ଗ ନିରୂପଣ ରୋକିବା, କନ୍ୟା ସନ୍ତାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, ନିରାପତ୍ତା ଆଦି ସୁନିଶ୍ଚିତ କରିବା। ସବୁ ଯୋଜନା ସତ୍ତ୍ୱେ କନ୍ୟା ସନ୍ତାନ ଆଜି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହନ୍ତି । ଆଜି ମଧ୍ୟ ଲିଙ୍ଗ ନିରୂପଣ ଚାଲିଛି । ଯୌତୁକ ନିର୍ଯାତନା, ଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଯେଉଁ ଦିନ ଆମେ ନିଜେ ନିଜର ମାନସିକତାକୁ ବଦଳାଇପାରିବା ତେବେ ସେହିଦିନ ସମାଜରେ ଏକ ବଡ଼ ପରିବର୍ତ୍ତନ ନିଶ୍ଚୟ ହେବ ।ସମାଜ ପ୍ରଗତି ପଥରେ ଆଗେଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy   E-mail : sambadkalikanews@gmail.com   City Office : Qtr No.-4R-12, Unit-IX (Flat), Bhubaneswar, Pin-751022   ସମ୍ପାଦକ : ଜୟାଶୀଷ ରାୟ

ସପ୍ତାହାନ୍ତ ସାହିତ୍ୟ

30 YEARS
ସମ୍ବାଦ କଳିକା
ପୃଷ୍ଠା-୪
ଭୁବନେଶ୍ୱର, ୧୮ ମଇ ୨୦୨୪ ଶନିବାର

ଝିଅକୁ ଚିହ୍ନାପଡୁନଥିବା ଗାଁ

ଅରୁଣ କୁମାର ତ୍ରିପାଠୀ

ଝିଅଟେ ପାଇଁ ବାପ ଘର ବହୁତ ଆପଣାର ହୋଇଥାଏ । ଆଜି କାଲି ଗମନାଗମନର ଉନ୍ନତିରେ ବାଟ ଏତେ ଜଣାପଡୁନାହିଁ । ହେଲେ ଆଗକାଳ ତ ନୁହଁ ଏଇ ନବେ ଦଶକ କଥା । ସେତେବେଳକୁ ଚିଠି ହିଁ ଭାବ ଦିଆନିଆର ମାଧ୍ୟମ ହେଉଥିଲା । ଏବେ ଆମେ ସବୁ ରାଗିରଷି ଗଲେ ହ୍ୱାଟ୍ସଅପ୍‌ରେ ଯେମିତି ବ୍ଲକ କରି ଦେଉଛେ, ସେହି ସମୟରେ ଛ' ମାସ ବର୍ଷେ ପର୍ଯ୍ୟନ୍ତ ଚିଠି ଦିଆ ନିଆ ହେଉନଥିଲା । ପୁଣି କାହାର ବିବାହ ବ୍ରତରେ ଦେଖାସାକ୍ଷାତ ହେଲେ କୋଳାକୋଳି କୁଣ୍ଢାକୁଣ୍ଢି ହେଇ ରାଗ ଅଭିମାନ ସବୁ ଉତୁରୁଥିଲା । ଆମର ଆଜି ଯେମିତି ସ୍ୱାମୀମାନେ ରାଗିଲେ ଫୋନ୍ ନକରିବାକୁ ଶକ୍ତ ବାରଣ କରୁଛନ୍ତି, ସେହି ସମୟରେ ଚିଠି ଦେବାକୁ ମଧ୍ୟ ସାମୟିକ ବାରଣ କରେଇ ନିଜର ଗେରସ୍ତ ପଣିଆ ଜାହିର କରୁଥିଲେ । ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଫୋନ୍‌ର ବହୁଳ ବ୍ୟବହାର ଚିଠି ସଂସ୍କୃତିକୁ ଗଳାଚିପି ହତ୍ୟା କରିଦେଲା । ହେଲେ ତାପରେ ମୋବାଇଲ୍ ଫୋନ୍ ଆସି ତାରଲଗା ବଡ଼ ବଡ଼ ଫୋନ୍ ସବୁ ଲୁଚେଇଦେଲା । ଏହିସବୁ ବିବର୍ତ୍ତନ ଭିତରେ ଯଦି କିଛି ପରିବର୍ତ୍ତନ ହେଇନାହିଁ ତାହା ହେଉଛି ଝିଅମାନଙ୍କ ବିବାହ ପରେ ନିଜ ବାପଘର ସହ ସଂଯୋଗିତ ହେବାର ଅଦମ୍ୟ ଉତ୍ସାହ, ଶ୍ରଦ୍ଧା ଏବଂ ଅଭିପ୍ସା । ଆଜି କାଲିର ଝିଅ ବିବାହ ପର ମେଲାଣିରେ ଏତେଟା କାନ୍ଦିପାରୁ ନାହାନ୍ତି, ପୂର୍ବେ କିନ୍ତୁ ବୁଢ଼ି ମା' ଜଣେ ମାସକ ଆଗରୁ ରିତିମତ ଆସୁଥିଲେ କାନ୍ଦଣା ଗୀତ ଶିଖେଇବାକୁ । ବାପକୁ ବାହୁନି କିମିତି କାନ୍ଦିବ, ବୋଉକୁ ଭିଡ଼ିକି ଧରି କ'ଣ ସବୁ କହିକି କାନ୍ଦିବ ଆଉ ସାହି ପରିଜନ, ସାଙ୍ଗସାଥି, କୁଣିଆ ମଇତ୍ର ଆଦିଙ୍କୁ କଣ ସବୁ ସମ୍ବୋଧନ ସହକାରେ କାନ୍ଦିବ । ଝିଅ ବାହାରିବ ମାନେ କମ୍‌ରୁ କମ୍ ଚାରିଘଣ୍ଟା ଲାଗୁଥିଲା । ଦ୍ୱିପାଳିଅର ପରେ ପୁଣି ଫେରିଲା ବେଳକୁ ବର୍ଷଟେ ଲାଗି ଯାଉଥିଲା ନତୁବା ଯାନି ଯାତ୍ରାରେ ଡାକହାକ ହବାର ପାଲିଙ୍କିରେ ଭାରବୁହା ପରମ୍ପରାର ସ୍ଥାନ କେବେ ଯେ ସତୁରି ଦଶକରେ ଶଗଡ଼ ନେଇଗଲା, ତାହାର ହିସାବ ଆଉ କେହି ରଖିପାରିଲେ ନାହିଁ । ଶଗଡ଼ ପରେ ମୁଖ୍ୟ ସହର ମାନଙ୍କୁ ଗାଁ ସହ ଯିଏ ଯୋଗ କରିଲା, ତାହା ହେଉଛି ଟେମ୍ପୁ । ଆମେ ଆଜି ଯାହାକୁ ଅଟୋ ବୋଲି କହୁଛେ, ତାହାର ପ୍ରକୃତ ଶବ୍ଦ ଟେମ୍ପୁ, ଲୋକାଚାରରେ ସେୟା ପରିବର୍ତ୍ତିତ ହେଇଯାଇଅଛି । ଆଜି ଟେମ୍ପୁ କହିଲେ ଗାଁ ଅବା ସହର ଲୋକ ସମସ୍ତଙ୍କୁ ଲାଜ ମାଡୁଛି । ସେ ଯାହଉ ଆଗ ବାପା ଅବା ଭାଇ ଯାଉଥିଲେ ଝିଅ ସହ ଆସିବାକୁ କିନ୍ତୁ ତା ପରେ ପରେ ଟେମ୍ପୁ ସାଜିଲା ଗମନାଗମନର ମାଧ୍ୟମ । ଝିଅଘରକୁ ଟେମ୍ପୁଟେ ପଠେଇଦେଲେ ସେ ଅନାୟସରେ ଆସ ଯା' କରିପାରିବାର ପରମ୍ପରା ବହୁତ ଦିନ ଧରି ଚାଲିଲା । ଏବେ ପ୍ରାୟ ସମସ୍ତ ମାଧ୍ୟମକୁ ଅତିକ୍ରମ କରିଦେଇଛି ସୁଦୃଶ୍ୟ ଚାରିଚକିଆ ଗାଡ଼ି । ଏମିତି ଚାରିଚକିଆ ଗାଡ଼ିରେ ଝିଅଟେ ଫେରିଛି ତା ପୈତୃକ ଗାଁକୁ । ସାଙ୍ଗରେ ଅଛନ୍ତି ସ୍ୱାମୀ ଓ ଦୁଇ ପୁଅ । ଗାଁରୁ ଝିଅର ଶାଶୁ ଘର ପ୍ରାୟ ଚାଳିଶ କିମି ହବ, କିନ୍ତୁ ତା ବର ଦୂର ଅଞ୍ଚଳରେ ଚାକିରି କରୁଛନ୍ତି ବୋଲି ସେମାନେ ସେହି ଥାନରୁ ପ୍ରାୟତଃ ସାଢେ ତିନିଶ ମାଇଲ ଦୂରରେ ଅବସ୍ଥାନ କରୁଥିଲେ । ଗାଁକୁ ସଂଯୋଗ କରୁଥିବା କାଦୁଅ ରାସ୍ତା ସବୁ ପିଚୁ ରାସ୍ତାରେ ପରିବର୍ତ୍ତନ ହେଲାଣି । ବାଟଗୁଡ଼ିକ ଏବେ ଅଚିହ୍ନା ଲାଗିଲେଣି । ପାଖ ବାଟକୁ ସେମାନେ ଆଉ ଚିହ୍ନି ପାରିଲେନାହିଁ । ଗାଡ଼ି ଦୁଇ ତିନି ଗାଁ ଛକ ପାର ହେଇ କରି ସବୁଠୁ ଦୂରବାଟରେ ଯାଇ ଗାଁ ମୁଣ୍ଡରେ ପହଞ୍ଚିଲା । ଗାଁ ରାସ୍ତା ସାରା ମୁଗ ଉପୁଡ଼ା କୁଡ଼ା ହେଇଛି । ଲୋକ ଖଳାରେ ଧାନ ଅମଳ କରନ୍ତି, କିନ୍ତୁ ବିରି ମୁଗ ବେଳକୁ ଜାଗା ଅଭାବ ଥାଏ । ରାସ୍ତାରେ ହିଁ କୁଟେଇ ଦିଅନ୍ତି । ହେଲେ ବ୍ରାହ୍ମଣ ଶାସନ ମାନଙ୍କରେ ସେହିଭଳି ହୁଏନାହିଁ । ଆଜି ଗାଁରୁ ବ୍ରାହ୍ମଣ ସବୁ ସହର ମୁହାଁ ହେଇ ନିଜ ଜାଗା ସବୁ ଶୁଦ୍ରକୁଳକୁ ବିକି ଦେଲେଣି । ଯେଉଁମାନେ ଦିନେ ଗାଁ ବାରିପଟେ ଯିବା ଆସିବା କରୁଥିଲେ, ସେମାନେ ସାଆଁନ୍ତ ମାନଙ୍କ କାନ୍ଥ ଆଉ କିଣି ଥିବା ନୂଆଁ ଘର କାନ୍ଥ ଗୋଟିଏ କଲେଣି । ବ୍ରାହ୍ମଣ ମାନଙ୍କୁ ବି ଆଉ ଫରକ ପଡୁନି ନା ପଡୁଛି । ତଥାକଥିତ ଇତର ଜନଙ୍କୁ କେହି କେହି କହୁଛନ୍ତି ଆମ ଗାଁକୁ ଶନିଦଶା ପଡ଼ିଲା ବୋଲି ଆଉ କେହି ରହିପାରିଲେନାହିଁ । ଯିଏ ରହିଲା କାହାର କଣ ଅସୁବିଧା ହିଁ ହେଲା । ଆଉ ସହରର ଚାକଚକ୍ୟ ଭିତରେ ଚାକିରି କରୁଥିବା ପୁଅ ତିରିଶି ବର୍ଷ ସେଠି ବିତେଇ ଅବସର ନେବ ନା ଗାଁକୁ ଆସିବ ଯେ । ଆଗରେ ନଥିବା ରୋଗ ବଇରାଗ ସବୁ ଗଳାର ହାର ହେଲେଣି । ଭଲମନ୍ଦ ସବୁ ଅଛି । ଗାଁରେ ଥୋଡ଼ିନା ଚିକିତ୍ସା ସୁବିଧା ମିଳିବ । ଏମିତିରେ ଝିଅର ଦୁଇ ଭାଇଘର ସବୁ ପାଖ ସହରରେ ରହିଗଲେଣି । ନନା ତ ଚାଲିଗଲେଣି ଦୁଇ ବର୍ଷ ଧରି, ବୋଉ ଗତ ମଗୁଶୀରରେ ଶୀତ କାକରରେ ଛାଡ଼ି ଚାଲିଗଲା । ବାଟରେ ଆସୁ ଆସୁ ପ୍ରଥମେ ପଡ଼ିଲା ସେ ପଢିଥିବା ପ୍ରାଥମିକ ବିଦ୍ୟାଳୟର ନାମଫଳକ । ଗାଡ଼ିକୁ ସେଠି ହିଁ ରହିବାର ଇସାରା ଦେଇ ଶତସିଂହର ବଳଧରି ସେ ଆଗେଇ ଚାଲୁଥିଲା, ନିଜ ଜନ୍ମଭୂଇଁକି ଆବୋରିନେବାକୁ । ସବୁବେଳେ ସ୍ୱାମୀଙ୍କ ସାହାରା ଖୋଜୁଥିବା ପ୍ରାଣଟି ଆଜି ଆତ୍ମନିର୍ଭରଶୀଳ ହେଇଯାଇଥାଏ । ମୁଗ ଉପୁଡ଼ାରେ ଭର୍ତ୍ତି ରାସ୍ତା । ଚାଲିବାକୁ ଅଳ୍ପ କଷ୍ଟ ହେଉଥିଲେ ବି ଚାରିପ୍ରାଣୀ ବାଟ କଡେଇ ଆଗକୁ ବଢୁଥିଲେ । ଟିକିଏ ଆଗକୁ ଖାଇବା ହାତକାନି ଗ୍ରାମଦେବତୀ ମନ୍ଦିର ପଡ଼ିଲା । ଗାଁ ପିଲା ସେହି ଛାଇରେ ବସି କଣ ସବୁ ଖେଳୁଥିଲେ । କିନ୍ତୁ ଇଏ କ'ଣ ? ଗ୍ରାମ ଦେବତୀଙ୍କ ଯେଉଁମୂର୍ତ୍ତି ମାଟିକି ଲାଗିକି ଥିଲା, ଆଜି ତାହା ତିନିଫୁଟ ଉଚ୍ଚ ସ୍ଥାନରେ ଆସିତ ! ପିଲାଏ କହିଲେ ଉଜାଣି ଏବଂ ପ୍ରାଣପ୍ରତିଷ୍ଠା କରି ଦେବୀଙ୍କ ଉପରକୁ ଉଠାଗଲା । ସରକାର ଏହିଥର ମନ୍ଦିର ପାଇଁ ବହୁତ ପଇସା ଦେଇଛନ୍ତି । ଆମ ଗାଁ କେମିତି ସେଥିରୁ ବାଦ୍ ପଡ଼ନ୍ତା ଯେ । ଦେବୀଙ୍କ ମନ୍ଦିର ଦୀପ ଲଗେଇବ ବୋଲି ପଚାଶ ଟଙ୍କା ଗାଁ ପିଲାଙ୍କୁ ଦେଇ ସେମାନେ ପୁଣି ଗ୍ରାମାଭିମୁଖୀ ହେଲେ । ବାଟରେ ଗଲାବେଳକୁ ଝିଅ ନିଜର ପୁଅ ଦୁଇଙ୍କୁ ତାଙ୍କ ଗୁହାଳ ଦେଖଉଥାଏ । ଗୁହାଳ ଖାଲି ନା କୁ, ସେ ଆଜି ଗୋରୁଶୂନ୍ୟ । ଭଲ ଅଛୁ କିଲୋ ଝିଅ ବୋଲି ଡେବିରି ହାତକାନି ସାହିରୁ ଧୋବୁଣି ପଚାରିଲା । ପ୍ରତ୍ୟୁତ୍ତରରେ ହଁ କହି ତୁ ଭଲ ଅଛୁକି କହି ପାଦକୁ ଜମା ବିରାମ ନଦେଇ ସେମାନେ ଆଗକୁ ବଢୁଥିଲେ । ଗାଁର ଉଚ୍ଚାପିଣ୍ଡା ସବୁ ସାନ ଜଣାପଡୁଥିଲେ । କଂକ୍ରିଟରେ ପୂରିତ ଗାଁ ଦାଣ୍ଡ ଶାସନିଆ ସଂସ୍କୃତିକି କେବେଠୁ ଲୁଚେଇ ଦେଲାଣି । ନରପତିଗଣ ଏହି ବାଟେ ହାତି ପିଠିରେ ବସି ଗଲେ ବ୍ରାହ୍ମଣଙ୍କୁ ଜୁହାର ହେବା ସମୟରେ ତାଙ୍କ ଉଚ୍ଚତା ଏବଂ ରଜାଙ୍କ ଉଚ୍ଚତା ସମାନ ହେବାର ଥିବା ବିଧି ଆଜି ଆଉ କାହାର ମାନସରେ ଉଙ୍କିବି ମାରୁନାହିଁ । ଚାଲୁ ଚାଲୁ ବଡ଼ ନଡ଼ିଆ ଗଛ ଦ୍ୱୟ ସ୍ୱାଗତ କଲେ ଝିଅର ଦାଣ୍ଡପିଣ୍ଡାରେ । ଧୂଳିମଳି ବେଶି ପଡ଼ିନଥିଲେ ବି ପଡ଼ିଶା ଦୁଇଘର ସେଠି କାମ କରୁନଥିବା ସାଇକେଲ ଯୋଡ଼େ ରଖିଦେଇଥିଲେ । ତା' ପୁଅ ଗୋଟେକୁ ଅଳ୍ପ ପାଖେଇଦେଲା । ସେତକରେ ଯାହାର ସାଇକେଲ ସେମାନେ ଆସି ନିଜ ଜାଗାକୁ ନେଇଗଲେ । ଏଥର ଝିଅର ଆବେଗ ଆଉ ସମ୍ଭାଳିପାରିଲା ନାହିଁ । ହସ ଖୁସିରେ ଖେଳି ଉଠୁଥିବା ତାଙ୍କ ଦାଣ୍ଡରେ ଆଜି ଚାବି ପଡ଼ିଛି । ଯେଉଁ ପିଣ୍ଡାରେ ତା' ନନା ନିତ୍ୟକର୍ମସାରି ତିଳକ ଓ ମହାପୁରୁ ଅର୍ଚ୍ଚନା କରିବେ ବୋଲି ଚିକ୍କଣ କରି ଧୂଆ ହେଉଥିଲା, ତାହା ଆଜି ଧୂଳିମଳି ଭର୍ତ୍ତି । ଘର ଭିତରକୁ ବି ଯିବାକୁ ତା'କୁ ଅନୁମତି ନାହିଁ । ଏହି ପରିସ୍ଥିତିରେ ସେ ଦୁଇ ହାତ ବିସ୍ତାରି ଦୁଆରକୁ ଭିଡ଼ିଧରି ଦଣ୍ଡେ କାନ୍ଦିଲା । ଯେଉଁ ଦୁଆରକୁ ସେ ଅଗଣାକାନି ବନ୍ଧରୁ ପାଣି ଆଣି ଧୋଉଥିଲା, ଆଜି ଆଖି ଲୁହରେ ତାକୁ ଭିଜେଇଦେଲା । ନନା ହେ, ବୋଉ ଲୋ ବୋଲି ଏତେ ଜୋର୍‌ରେ କାନ୍ଦିଲା, ସେତିକି କାନ୍ଦ ସେମାନଙ୍କ ମଲାଦିନ ବି ଶୁଭିନଥିଲା କ'ଣ କରିବ ଆଉ ! ଟିକିଏ ସମୟ ପରେ ତଳେ ବସିପଡ଼ିଲା । ତା' ବୋଉ ଯେଉଁ ଜାଗାରେ ଚିତା ଦେଉଥିଲା, ସେଠି ସେ ପିନ୍ଧିଥିବା ପାଟ କାନିରେ ପୋଛିଦେଲା । ନନା ନଥିଲେ କ'ଣ ହେଲା, ସେ ତା ପାଇଁ ସେଠି ଉପହାର ଛାଡ଼ିଦେଇ ଯାଇଥିଲେ । ହୁଣ୍ଡୁମ ପୁଞ୍ଜେ ନବୁ କିଲୋ ଝିଅ, ମୁଗ ନଉତିଟେ ନେ କହି ତାଗିଦ କରୁଥିବା ନନା ଆଜି ନୀରବରେ ଦାଣ୍ଡରେ ତା' ପାଇଁ ରଖିଦେଇଯାଇଥିଲେ । ଶେଷ ସନ୍ତକ । ସେ ବସୁଥିବା ସିମେଣ୍ଟ ଚୌକି । ସେଠି ବସି ସେ ନନାଙ୍କୁ ବାହୁନି ବାହୁନି କାନ୍ଦି ଆଖିରୁ ଲୁହ ଶୁଖେଇଦେଲା । ପିଲାଦିନରୁ ମନେ ପଡୁଥିବା କଥାରୁ ବିବାହ ପର ମେଳାଣି ଆଉ ବୋଉ ପାଖରେ ତା' ପିଲାମାନେ ଜନ୍ମହବାର ସବୁତକ ସ୍ମୃତି ସିନେମାର ଦୃଶ୍ୟଭଳି ତା ଆଖି ଆଗରେ ନାଚିଉଠୁଥିଲା । ଦାଣ୍ଡରେ କୋଠିଶାଳ ଯାତ୍ରା ଅବା ଦଣ୍ଡନାଟ ହେବା ସମୟର ଦୃଶ୍ୟର ଅଭାବ ତାକୁ ବହୁତ ବିକଳ କରେଇଦେଉଥିଲା । ସ୍ମୃତିସବୁ କାହାର ପ୍ରାଣ ହେଇ ସାତତାଳ ପଙ୍କ ଭିତରେ ଥିବା ସିନ୍ଦୁର ଫରୁଆରେ ରହିଯାଇଥିଲେ । ଆଜି ସେମାନେ ଲୁହ ସହ ଷଡଯନ୍ତ୍ର କରି ମୁକ୍ତି ପାଇଛନ୍ତି ଯେତେବେଳେ, ସାଷ୍ଟାମ ହେବାକୁ ସମୟ ନେବେ । ଦଣ୍ଡେ ସେଠି ସେ ସେମିତି ବସିଗଲା । କିଛି ସମୟ ପରେ ଆଉ ଲୁହ ବାହାରୁ ନଥିଲା । ପାଟି ଶୁଖିଯାଉଥିଲା ତା'ର । ଟିକିଏ ସମୟ ପରେ ସେମାନେ ଫେରିବାର ପ୍ରୟାସ କଲେ । ଝିଅର ଅଜାଣତରେ ସ୍ୱାମୀ ପିଲାମାନେ ବି ସମପରିମାଣରେ ନହେଲେ ବି ଅଳ୍ପ ଅଳ୍ପ ଲୁହରେ ଭିଜୁଥିଲେ । ଝିଅର କୋହ ସମ୍ବରଣ କରିନପାରି ସେମାନେ ସେହି ମୁଗ ଶୁଖା ହେଇଥିବା ଦାଣ୍ଡରେ ଚାଲିଚାଲି ଗାଡ଼ି ଅଭିମୁଖେ ବାହାରିଲେ । ଝିଅ ତା ସ୍ୱାମୀଙ୍କି ଅଗଣାକାନି ଯିବାକୁ ସଫଳ ଅଳି କରେଇଦେଲା । ସେହିବାଟରେ ମାଇପିଗଣ ସବୁ ପାଣି ଆଣନ୍ତି । ଦାଣ୍ଡପଟେ ସେତେ ବାହରନ୍ତିନାହିଁ । ଦିନେ ସେ ବିବାହ ପରେ ଦାଣ୍ଡ କାନି ଯାଇ ଢିଙ୍କିଆ କଳରୁ ପାଣି ଆଣିବ ବୋଲି କହିବାରୁ ନନା ତା'ର ତାଗିଦ୍ କରିଥିଲେ । ମିଛ କହିଲି । ତା' ନିର୍ବନ୍ଧ ପରର କଥା ସେହି ସମୟରେ କହିଥିଲେ, ଝିଅ ଲୋ, ତୋ ଶ୍ୱଶୁର ଏହି ବାଟରେ ଯଦି ଆସିଯିବେ, ମୁଁ ତାଙ୍କୁ କ'ଣ ମୁହଁ ଦେଖେଇବି । ଯା'ରେ ମା' ଅଗଣାକାନି ନେଇ ଆସିବୁ । ପାଞ୍ଚ ଭଉଣୀ ଭିତରେ ଝିଅ ସବୁଠୁ ପରିଶ୍ରମୀ ଥିଲା । ସେ ଜନ୍ମହେଲା ପରେ ତାଙ୍କର ଯଶ ବଢିଥିଲା ବୋଲି ଗୋସେଇଁ ମା' ତାକୁ ସମ୍ପତ୍ତି ବୋଲି ଡାକୁଥିଲା । ତା ବୋଉକୁ ଆଉ ତାକୁ ଗୋସେଇଁ ମା' ବହୁତ ନିର୍ଯାତନା ଦେଉଥିଲା । ଲୋକ କହନ୍ତି, କମ୍ ବୟସରେ କଷ୍ଟ ସବୁ ସହି ତା ଜେଜେମା'ର ଟିକିଏ ଚେଷ୍ଟା ଟେକୁଥିଲା । କିନ୍ତୁ ସେ ମରିବା ଦିନ ଝିଅ ଆଉ ତା ବୋଉ ସବୁଠୁ ଅଧିକ କାନ୍ଦିବାର ଦେଖି ପରିବାର ଜନ କାନରେ ହାତ ଦେଇଥିଲେ । କଞ୍ଚା ପାଚିଲା ସ୍ମୃତି ସବୁ ରୋମନ୍ଥନ କରି ଝିଅଘର ପରିବାର ଅଗଣା ପଟେ ଅଗ୍ରସର ହେଉଥିଲେ । ଦାଣ୍ଡପଟେ ଗାଡ଼ି ଯିବାକୁ ବାଟଥିଲା ବେଳେ ଅଗଣାକାନି ଗାଡ଼ି ଯିବାର ଓସାର ନଥିଲା । ଏମତିରେ ସେମାନେ ଚାଲି ଚାଲି କିଛିବାଟ ଗଲେଣି । ଲଟାବୁଦାରେ ଘେରି ହେଇ ରହିଥିବା ଘର ରାସ୍ତା ସେମାନେ ପାଉନଥିଲେ । କିଛିବାଟ ଆଗକୁ ଚାଲିଗଲେଣି । ଏମିତିରେ ଝିଅକୁ ଅଲଗା ଲାଗିଲା । ତା' ନନାଙ୍କ ହଳିଆ ତାଙ୍କୁ ଆଜି ଟୁରିଷ୍ଟ ଗାଇଡ଼ ଭଳି ମାର୍ଗଦର୍ଶନ କଲା । ହେଟି ତମ ଘରଟା ବୋଲି ପଛକୁ ହାତ ଦେଖେଇଲା । ଜଣଙ୍କ ଘର ଯଦି ଅଳିଆ ଆସ୍କରା ହେଇ ସଂକୀର୍ଣ୍ଣ ପଡ଼ିଥାନ୍ତା ତେବେ ହୁଅନ୍ତା ଅଧିକାଂଶ ଲୋକତ ଗାଁ ଛାଡ଼ିଲେଣି, ସମସ୍ତଙ୍କ ଘର ଅବସ୍ଥା ସେୟା । ଟ୍ରେନ୍ ଲାଇନ୍ ଭଳି ଥିବା କ୍ଷୁଦ୍ରତମ ଅବସ୍ଥାନ ମାନ ଗାଁ ପୁଞ୍ଜା ଭଳି ସମାନ ଲାଗୁଥିଲେ । ମଝିରେ ସାପଟେ ବାହାରି ଥିଲା ବୋଲି କେଶବ ତାଗିଦ କରି ବାଟ କଢେଇ ନେଉଥାଏ । ଗୁରୁବାର କରିବେ ବୋଲି ତା ଭାଉଜ ମଗୁଶୀର ମାସରେ ଆସି ଫେରିଯାଉଥା'ନ୍ତି । ଏମିତିରେ ସହରରେ ପୁଅ ବୋହୂ ସହ ରହୁଥିବା ଭାଉଜଙ୍କ ପକ୍ଷେ ଘରର ଯତ୍ନନେବା ସହଜ ହେଉନଥାଏ । ସେମାନେ କିଛି ଲଟା ମାନଙ୍କୁ ଆଡ଼େଇ ଘରେ ପହଞ୍ଚି ଗଲେ । ତାଙ୍କ କୁଅର ପାଣି ଦେଲେ ଦିନଥିଲା ତା' ବୋଉ ଅରଟ ଧରି ସେଠୁ ଠେକାରେ ପାଣି କାଢୁଥିଲା । ଅଗଣାରେ ଚାରିଘର ସବୁ ଦୁଃଖ ସୁଖ ହୁଅନ୍ତି । ବେଭାର ମହତ ସବୁ ଦିଆନିଆ ବି ବହୁତ ହେଉଥିଲା । ଝଗଡ଼ା କଲେ ବି ସମସ୍ତେ ମିଶି ଯାଉଥିଲେ । ତାଙ୍କ ଘର ଜାମୁ ଗଛରେ ବହୁତ ଭଲ ଫଳ ଧରୁଥିଲା । ଗାଁ ଯାକ ଲୋକ ନେଇ ଖାଇଲେ ବି ସରୁନଥିଲା । ଟିକିଏ ଦୂରରେ ପଇଡ଼ ଓ ତାଳ ଗଛ ନିଜର ସତ୍ତା ଜାହିର କରୁଥିଲେ, ଡାଳରେ ବସିଥିବା ଶଙ୍ଖଚିଲ କଣ୍ଠରେ ରାବ ଦେଇ । ଝିଅ ବଡ଼ ବଡ଼ ପାହୁଣ୍ଡ ପକେଇ ଅଗଣା ପିଣ୍ଡା ଆଡ଼କୁ ଅଗ୍ରସର ହେଉଥାଏ । ସେଠି ଉଠିଥିବା ଚାରାଗଛ ମାନଙ୍କୁ ନିଜ ହାତରେ ସଫା କରିଦେଲା । କୁଅ ମୂଳେ ଫୁଟିଥିବା ମଲ୍ଲୀରୁ କଢିଟେ ଆଣି ପୁଅ ତା ହାତରେ ଦେଲାବେଳକୁ ଝିଅ ଭାବୁଥିଲା, ସତେକି ତା ବୋଉ ନାତି ହାତରେ ଏହି ଉପହାର ଦେଉଅଛି ତାକୁ । ବୋଉ ଲୋ କହି ସେ ଜୋର୍‌ରେ ଡାକ ପକେଇଲା !

ସମ୍ପତ୍ତିର ଅଭାବ ନଥିଲେ ବି ଝିଅମାନଙ୍କ ମେଲାଣିରେ ବାପଘରୁ ଛୋଟ ଜିନିଷଟେ ବି ନେବାର ଲୋଭ ଥାଏ । ନିଜ ପରିଜନଙ୍କ ଦ୍ରବ୍ୟ ଟିକିଏ ନେଇ ସମ୍ପତ୍ତି ବଢେଇବାର ଅଭିଳାସା କେଉଁ ଝିଅର କେବେ ନଥାଏ । କେବଳ ଆଶାକରେ ଯେ, ଯେଉଁମାନଙ୍କ ସହ ସେ ଶୈଶବ ଏବଂ ଯୌବନ କାଟିଛି ସେଠୁ କିଛି ଦ୍ରବ୍ୟ ଆଣିଲେ, ତା'କୁ ଆଉ ସେମାନଙ୍କ ଅଭାବ ଅନୁଭବ ହେବନାହିଁ । ସେତକ ଦେଖିଲେ ଲାଗେ ଯେ, ଘର ଲୋକ ପାଖେ ପାଖେ ଅଛନ୍ତି । ସେମାନେ ଫେରିଲା ବେଳକୁ କେଶବକୁ ଶହେଟଙ୍କା ବଢେଇଦେଲେ । ଅନେକ ଦିନରୁ ହଜିଥିବା ମୁରୁକୁଦିଆ ହସ ଖେଳିଗଲା ତା ନନାଙ୍କ ହଳିଆ ମୁହଁରେ । ସେ ଭାବିଲା ସତେକି ସାହୁକାର ତାକୁ ବକ୍‌ସିସ୍ ଦେଉଛନ୍ତି । ଅଗଣା ଦୁଆର କାନ୍ଥରୁ ତା ବୋଉ କବାଟ କୋଣରୁ ମୁହଁ କାଢ଼ି ଅନଉଥିବାର ଚେହେରାକୁ ସେମାନେ ଯିବା ସମୟରେ ହେଜୁଥିଲେ । ଗାଡ଼ିରେ ବସି ଏକମୁଖା ସେମାନେ ସହର ଅଭିମୁଖେ ଫେରୁଥିଲେ, ତାଙ୍କ ଇଷ୍ଟ ଦେବୀ ମହୁରୀ କାଳୁଆଙ୍କ ଦର୍ଶନ ସାରି ।

ପାରାବେଡ଼ା, ଜୟପୁର- ୭୬୪୦୦୧
ମୋ- ୯୦୭୮୮୩୮୬୨୭

ପାଇଛୁ... ପଢ଼ିଛୁ...



ନୂଆ ତୂଳୀର ମୋହ

ପ୍ରକାଶ ପାଇଛି ବିଶିଷ୍ଟ ଅନୁବାଦିକା ସୁପ୍ରଭା ରାୟଙ୍କ ଅନୁବାଦିତ ପୁସ୍ତକ 'ନୂଆ ତୂଳିର ମୋହ' । ବଙ୍ଗଳା ଲେଖକ ଆଶୁତୋଷ ମୁଖୋପାଧ୍ୟାୟଙ୍କ ଏହି ଉପନ୍ୟାସକୁ ଓଡ଼ିଆରେ ଅନୁବାଦ କରି ସୁପ୍ରଭା ରାୟ ପାଠକଙ୍କୁ ଏକ ନୂତନ ସ୍ୱାଦ ଦେଇଛନ୍ତି । ଏଯାବତ ସୁପ୍ରଭା ରାୟ ୫୦ରୁ ଅଧିକ ବଙ୍ଗଳା ପୁସ୍ତକ ଅନୁବାଦ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଅନୁବାଦ ଏକ ସେତୁ ସଦୃଶ । ଅନୁବାଦ ଦ୍ୱାରା ଦୁଇଟି ଭାଷା ମଧ୍ୟରେ ସମନ୍ୱୟ ଘଟି ପାଠକଙ୍କୁ ଏକ ନୂତନ ସ୍ୱାଦ ମିଳିଥାଏ । 'ନୂଆ ତୂଳୀର ମୋହ'କୁ ସୁପ୍ରଭା ରାୟ କେବଳ ଅନୁବାଦ କରିନାହାନ୍ତି ବରଂ ନିଜର ମୌଳିକତା ରକ୍ଷା କରି ତାକୁ ଏକ ନୂତନ ରୂପ ଦେଇଛନ୍ତି । ଅନୁବାଦ ପୁସ୍ତକ ପଢିବାକୁ ଭଲ ପାଉଥିବା ପାଠକଙ୍କୁ ଏହା ଏକ ଅନବଦ୍ୟ ଉପହାର କହିଲେ ଅତ୍ୟୁକ୍ତି ହେବନାହିଁ । ଅନୁବାଦ କଳାବେଳେ ଉଭୟ ଭାଷାକୁ ନ୍ୟାୟ ଦେବାକୁ ହୋଇଥାଏ । ମନନଶୀଳ ଭାବେ ଅଧ୍ୟୟନ ଏବଂ ରଚନା ଉଭୟ ମଧ୍ୟରେ ସମାନତା ରହିଲେ ତାହା ପାଠକଙ୍କୁ ଆକର୍ଷିତ କରେ । ସୁପ୍ରଭା ରାୟଙ୍କ ଅନୁବାଦିତ ପୁସ୍ତକ ଗୁଡ଼ିକରେ ଏହି ଧାରା ଅବ୍ୟାହତ ରହିଥିବାରୁ ପାଠକମାନେ ତାଙ୍କ ଲେଖା ପଢିବାକୁ ଭଲପାଆନ୍ତି । ତାଙ୍କ ମତରେ ଅନୁବାଦ ଏକ ମହତ୍ କାମ । ଏହା କରୁଥିବାରୁ ସେ ଗର୍ବ ଅନୁଭବ କରନ୍ତି । ପାଠକଙ୍କୁ ନିଶ୍ଚୟ 'ନୂଆ ତୂଳିର ମୋହ'ପସନ୍ଦ ହେବ ଏଥିରେ ସନ୍ଦେହ ନାହିଁ । ବର୍ଷା ପବ୍ଲିକେସନ ଦ୍ୱାରା ପ୍ରକାଶିତ ୨୧୪ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ୨୦୦ ଟଙ୍କା ।

ତଥାପି ଫଗୁଣ ଏବଂ ରେ ଆତ୍ମନ...

ପ୍ରକାଶ ପାଇଛି ଗାଳ୍ପିକା ମଧୁମିତା ମହାନ୍ତିଙ୍କ ଦୁଇଟି ଗଳ୍ପ ସଂକଳନ 'ତଥାପି ଫଗୁଣ' ଏବଂ 'ରେ ଆତ୍ମନ...' । ବର୍ତ୍ତମାନ ସମୟର ଜଣେ ପ୍ରଖର କଥାଶିଳ୍ପୀ ହେଲେ ମଧୁମିତା ମହାନ୍ତି । ତାଙ୍କ ଗଳ୍ପରେ ମାନବିକତାର ଭାଷା ଯେପରି ପ୍ରକଟିତ କଳାର କଳାକାରିତା ସେହିପରି ସୁଦୃଶ । ମଣିଷର ବେଦନାକୁ ବୁଝି ତା ପ୍ରତି ସମବେଦନା ଦେଖାଉଥିବା ଲେଖକ ପ୍ରକୃତ ଲେଖକ । ସ୍ପର୍ଶକାତର ଘଟଣାସବୁ ଲେଖକର ଅନ୍ତର୍ମନକୁ ବିଚଳିତ କରିପକାଏ । ତାହାର ପ୍ରତିବାଦ ସେ ନିଜ କଲମରେ କରିଥାଏ । ମଧୁମିତା ତାଙ୍କର ପ୍ରତିଟି ଗଳ୍ପରେ ଚରିତ୍ରର ସମ୍ବେଦନଶୀଳତାକୁ ଯଥେଷ୍ଟ ମହତ୍ତ୍ୱ ଦେଇଥାନ୍ତି । କାଳ୍ପନିକ ହେଉ ବାସ୍ତବିକ ହେଉ ପ୍ରତିଟି ଘଟଣାକୁ ସେ ଯେମିତି ଅଙ୍ଗେ ନିଭାଇଥାନ୍ତି । ଶବ୍ଦ ଏବଂ ବାକ୍ୟ ପ୍ରୟୋଗରେ ସେ ଯେମିତି କୋମଳ ହୋଇପାରନ୍ତି ଆବଶ୍ୟକ ପଡିଲେ ଠିକ ସେମିତି କଠୋର ମଧ ହୋଇପାରନ୍ତି । ମଧୁମିତାଙ୍କ ୧୧୨ ପୃଷ୍ଠାର'ତଥାପି ଫଗୁଣ'କୁ ପଶ୍ଚିମା ପବ୍ଲିକେସନ ପ୍ରକାଶ କରିଛନ୍ତି ଯାହାର ମୂଲ୍ୟ ରହିଛି ୧୨୯ଟଙ୍କା । ସେହିପରି ୧୮୦ ପୃଷ୍ଠାର 'ରେ ଆତ୍ମନ'କୁ ଏଥେନା ବୁକ୍ସ ପ୍ରକାଶ କରିଛନ୍ତି ଯାହାର ମୂଲ୍ୟ ରହିଛି ୨୨୦ଟଙ୍କା । ନିଜକୁ ପ୍ରତିଟି ଗଳ୍ପର ଚରିତ୍ରରେ ଢାଳି ମଧୁମିତା ଗପ ଗଢିଛନ୍ତି । ଗପସବୁ ଧୀରେ ଧୀରେ ସାଧାରଣ ସ୍ତରରୁ ଉତ୍ତରଣ ଘଟି ଏକ ଅନନ୍ୟ ସ୍ତରରେ ପହଞ୍ଚିଛି । ଏହା ହିଁ ମଧୁମମିତାଙ୍କ ସ୍ୱତନ୍ତ୍ର ପରିଚୟ । 'ତଥାପି ଫଗୁଣ'ରେ 'ଏମିତି ଏ ଅପତ୍ୟ', ତୃଷ୍ଣା ନଈରେ ବନ୍ୟା, ସେଇ ଅଗଣା, ଝିଅର ମା', ଶୂନ୍ୟ ସ୍ୱପ୍ନ, ଇସ୍...ସ୍...ସ୍, ଦୃଶ୍ୟାନ୍ତର ଇତ ପ୍ରଭୃତି ୧୬ଟି ଗପ ଥିଲାବେଳେ 'ରେ ଆତ୍ମନ... ରେ ମାନିନୀ ତୁ, ମହାକାଳ ଫଳର ଆତ୍ମକଥା, ଋଣ ଶୁଝିବା ଦିନ..., ଜେନେରେସନ ଗ୍ୟାପ, ମୃଗନାଭି କସ୍ତୁରୀ ପ୍ରଭୃତି ୨୦ଟି ଗଳ୍ପ ସ୍ଥାନ ପାଇଛି । ଆଶା କରାଯାଏ ଉଭୟ ଗଳ୍ପ ସଂକଳନକୁ ପାଠକ ପସନ୍ଦ କରିବେ ।

ଆତ୍ମସାତ

ଶରତ ଦାଶ

ଆରକ୍ତ ପୂରୁବ ଦିଶା
ଦିଶେ ଯେବେ ଉଜ୍ଜ୍ୱଳ ଧବଳ
ପକ୍ଷୀଙ୍କର କଳରବେ
ଆସେ ପୁଣି ଆଶାର ସକାଳ

ରାତିର ଅନ୍ଧାର ଧୀରେ
ଆଲୋକରେ ହୁଏ ଆତ୍ମସାତ
ନିରାଶାର ଦରିଆରେ
ନାଚେ ପୁଣି ଆଶାର ବୋଇତ

ରାତିର ମାୟା ଅଦ୍ଭୁତ
ଅଦ୍ଭୁତ ତା ଭୟାନକ ନିଶା
ମନକୁ କରେ ବିଭସ୍ତ
ହୃଦୟରେ ଉତ୍କଟ ପିପାସା

କେତେ ସତ୍ୟ ଅନ୍ଧକାରେ
ଅଚାନକ ହୁଏ ଉଜ୍ଜୀବିତ
ଅଭିନୟ ହୁଏ ଶେଷ
ଦୃଶ୍ୟ ହୁଏ ଅପ୍ରକାଶ୍ୟ ସତ୍ୟ

ଦିବସର ଶୁଭ୍ର ଆଲୋକରେ
ପୋଷାକର ରଙ୍ଗ ଖାଲି ଦିଶେ
ରାତିରେ ନଗ୍ନ ଶରୀର
ମନ ଖୋଲା ଖିଲି ଖିଲି ହସେ

ଚରିତ୍ରର ମୁଖା ସବୁ
ଖୋଲିଯାଏ ରାତିର ଅନ୍ଧାରେ
ଅସଲ ଚେହେରା କଣ
ଦିବାଲୋକ କେବେ ଦେଖିପାରେ

ସିନ୍ଦୁରା ଫାଟିଲା ଦେଖ
ରକ୍ତ ବର୍ଣ୍ଣ ଧରିଲାଣି ନଭ
ସକାଳ ଆସୁଛି ଧରି
ଆଲୋକର ବିପୁଳ ବିଭବ

ଦୟାମୟ ଆହେ ହରି
ରାତି ଦିନ କରୁଛ ତ ତୁମେ
ଭିତର ବାହାର ମୋର
ରହୁ ସମ ଦିବସ ଓ ଯାମେ ।

ଭୁବନେଶ୍ୱର

ମୋ ମାଆ

ଧର୍ମାନନ୍ଦ ମହାରଣା

ତୋ କୋଳେ ଜନ୍ମିଛି
ବଢ଼ିଛି ତୋ କୋଳେ
ଦେଖିଛି ତୋ କୋଳେ ସରଗ,
ତୋ କୋଳେ ଖେଳିଛି
କେତେ ମାରିଛି ଲାତ
ପାଇଛି ମଧୁସମ ଆନନ୍ଦ

ଅଝଟ ହୋଇଛି
ଅଳି ମୁଁ କରିଛି
ସବୁ ଯେ ସହିଛୁ ତୁହି,
ରୋଗ ବ୍ୟାଧି ଯେତେ
ଖାତିରି ନକରି
ପୀଡ଼ା ନେଇଛୁ ଦେହେ ବୋହି

ଆମରି ପେଟକୁ
ଭରିଦେବା ଲାଗି
ନିଜେ ତୁ ରହିଛୁ ଭୋକେ,
ତୋର ସେ ତ୍ୟାଗକୁ
କେମିତି ଭୁଲିବି
ତୁ ଜୀବନ୍ତ ମୁରତି ସତେ

କେବେ ପୁଣି ମାତା
ଅଟୁ କେବେ ଧାତ୍ରୀ
କେବେ ଯେ ସାଜୁ ଶିକ୍ଷୟିତ୍ରୀ,
ତୋହରି ଶିକ୍ଷାରେ
ସଂସାର ଜାଣିଲା
ଲଂଘିଗଲି ଅନ୍ଧାର ରାତି

ତୋହର ଋଣକୁ
କିପରି ଶୁଝିବି
ଭାଳଇ ସଦା ମନ ମୋର
ପୁନର୍ଜନ୍ମ ଯଦି
ସମ୍ଭବ ହୁଅଇ
ଜନ୍ମ ନେବି ମୁଁ ବାରମ୍ବାର

ହେ ! ମାଆ ମୋହର
ଦୁନିଆରେ ଆଉ
ତୋ'ଠାରୁ ନାହିଁ କେ ନିଜର
ତୋ' ଆଶିଷ ଥିଲେ
ନାହିଁ କିଛି ଡ଼ର
ତୁ ବିଧାତା ତୁ ମୋ ଈଶ୍ୱର ।

ଗଞ୍ଜାମ
ମୋ- ୮୯୧୭୪୪୬୪୪୧

ଡଙ୍ଗର ଈଶ୍ୱର

ବଳରାମ ପୂଜାରୀ

ଏଇଠୁ !! ଜୀବନ୍ୟାସ ନିଅନ୍ତି
ତଥାସ୍ତୁଲେସା ଜୀବନ,
ଆୟୁଷମଖା ପରମାୟୁ,
'ମାଲ୍ୟବନ୍ତ' ପାହାଡ଼ ତୀଖ ସାରା,
ଖୋଦେଇ ହୋଇଯାଏ, ଝାଲୁଆ ଝାଲୁଆ ଜୀବନ'ର ଝଣ
ଝଣୁଆ:ଜଳଛବି, ଭୋକିଲା ପେଟର ଭାରୁଏ ଭବିତବ୍ୟ,
ଝାଡ଼ଜଙ୍ଗଲ'ର ଜୁଲୁଜୁଲୁଆ ଅଧିନିୟମ,
ନହକା ନହକା
ନନ୍ଦନବନରୁ
ଶୁଭେ,
ପରାସ୍ତ ପରମାୟୁ'ର ବିବ୍ରତ:ବନଯାଗ,
ଭୋକ ଉପାସନାର ଉପାସ୍ୟ ଶ୍ଳୋକ, ଏକାତ୍ମତାର:ଐକ୍ୟତାନ,
ସୁରମ୍ୟ ସରହଦ'ର
ତୃଷାର୍ତ୍ତ:ମନ୍ତ୍ର
ଡହ ଡହ ଗୀତଗୋବିନ୍ଦ

ପାପୀପେଟର ଆଉଟୁ ପାଉଟୁ,
ଭାବ ଅଭାବ'ର ସୁରମ୍ୟ ସ୍ତବକ,
ଡୁମୁଣିଏ ମାଣ୍ଡିଆ ପେଜ ପ୍ରତୀକ୍ଷା'ରେ
ପଥରପିଠିଆ ଗର୍ଭୁଣୀ ଦିହ ?
ଖାଦ୍ୟ ଅନ୍ୱେଷଣରେ,
'ଗୋଇ ପାହାଡ଼'ର ଥାକ ଥାକିଆ ମଥାନ,
ଆବୁଡ଼ାଖାବୁଡ଼ା ଡଙ୍ଗର ସାରା ପାରିଧିକରି
ଥକ୍କି ଯାଆନ୍ତି,
ଡଙ୍ଗର ସାମ୍ରାଜ୍ୟର ନାରାୟଣୀ ସେନା,
ଭୋକିଲା ପେଟରେ
ଚୁପ ଚାପ ଘୁମେଇଁ ପଡନ୍ତି, ଜଙ୍ଗଲଖୋପ'ରେ 'ବସା'
ବାନ୍ଧିଥିବା, ଦିଅଁ ଦେବତା,
ମାଟିମଶାଣି'ର ଡୁମା ଡାହୁନୀ

ସୁଲୁସୁଲିଆ ପବନ ଫୁଆରା'ରେ
ଝୁଲୁ ଥାଆନ୍ତି,
ପେଣ୍ଠା ପେଣ୍ଠା ଭୋକିଲା'ସୁନାରି ଫୁଲ,
ଖେଡଜନା ଖମାଣ'ରେ
ଏବେ!
ଲେସି ହୋଇଛି ଭୋକର' ଭସ୍ତିକା ?
ଅବହେଳିତ ଅଭୟାରଣ୍ୟ, ଦାୟିତ୍ୱରେ
ଭୋକିଲା ଶୋଷିଲା ପ୍ରଜାମଣ୍ଡଳ,
ଏଇଠି ବ୍ରହ୍ମାଣ୍ଡ ଯାକର କଥା ବୁଝୁ ବୁଝୁ
ଥକ୍କି ଯାଆନ୍ତି, ସୃଜନଶୀଳ ସ୍ରଷ୍ଟା,
ଶିଆଡିପତ୍ରର ଦୋଳିରେ ଝୁଲିଝୁଲି,
କାହା କଥା ଭାବି ଭାବି ?
ଆଖିପଲକରେ ଛୁଇଁଯାଏ,
ମହୁଲିଆ ମହକ'ର କେରାଏ,
ହାଇ'ମରା ଅଳସ ନିଦ ?
କୁରେଇଁଫୁଲ ଶେଜରେ
ଫିରିଘାସର ଶେଜସୁପାତିରେ,
ଚୁପ୍ ଚାପ୍, ଅଣ୍ଟା ସଳଖି
ଡୋଳେଇ ପଡନ୍ତି,
ବେଷ୍ଟ ଡଙ୍ଗରିଆ'
ଡଙ୍ଗର:ଈଶ୍ୱର ।

କୁଡୁମୁଲୁଗୁମ୍ମା, ମାଲକାନଗିରି, ବହ୍ନିଭୂମି
ମୋ- ୯୬୬୮୬୮୮୪୭୪



ଭାବନା

ସତ୍ୟନାରାୟଣ ପ୍ରଧାନ

ଦରିଆ କୂଳରେ ବସିବା ଭୁଲିନି
ଖୋଜୁଛି ହଜିଲା ଦିନ
ପ୍ରଥମ ପ୍ରେମର ସାଇତା ସନ୍ତକ
କରେ ଯାହା ହିନିମାନ
ଭଲ ପାଇବାଟା ଶିଖାଇଛ ବୋଲି
ନିତି କରେ ତାକୁ ପୂଜା
ଦୁନିଆଟା କହେ ବିରହ ପ୍ରେମିକ
ପୁରସ୍କାର ଥଟ୍ଟା ମଜା
ତୁମେ ଥାଅ ପଛେ ମୋର ବହୁ ଦୂରେ
କରୁଥିବି ଶୁଭ କାମନା
ବିଶ୍ୱାସ ଜଳିଛି ସ୍ୱାର୍ଥର ନିଆଁରେ
ହସେ ଦେଖି କାଚ ଆଇନା
ଅଛି ସାକ୍ଷୀ ସେଇ ବୁଢ଼ା ବରଗଛ
ମନେ ଆଙ୍କୁଥିଲା ମୂର୍ଚ୍ଛନା
ସ୍ନେହ ପ୍ରେମ ଟିକେ ପାଇବା ପାଇଁକି
କେତେ କରୁଥିଲ ବାହାନା
ଏମିତି ସହଜେ ଭୁଲିଯିବ ବୋଲି
ନ ଥିଲା ମନରେ ଭାବନା
ମୋ ମଲା ଖବର କେବେ ଗଲେ ପାଇ
ଚିରିଦେବ ଚିଠି ପୁରୁଣା ।

ଅଣ୍ଡିଆ, ଜେନାପୁର, ଯାଜପୁର
ମୋ-୯୧୭୮୩୧୩୬୪୪

ଜହ୍ନ ଆଲୁଅ



ପ୍ରଶାନ୍ତ ବ୍ରହ୍ମା

ଜହ୍ନରେ ଜହ୍ନ କାହିଁ ଯାଉଛୁ ରଷି
ଫେରିଆ ତୁ ଆଗ ଭଳି
ତୋ ବିନା ସବୁ ଅଧୁରା ଏ ଦୁନିଆ
ଦିଶେ ନାହିଁ ରାସ୍ତା ଗଳି

ମାମୁ ବୋଲି ପରା ତୋର ପରିଚୟ
ସଭିଙ୍କ ପାଖରେ ଯାଇ
କିଏ ଅବା ନାହିଁ ଏହି ଦୁନିଆରେ
ତୋ ନାମ ନ ଗାଉ ଥାଇ

ଜହ୍ନଟିଏ ହୋଇ ଆସୁଥାଉ ତୁହି
ପୁନେଇଁକୁ ସଙ୍ଗେ ଧରି
ପୁନେଇଁ ଆସିଲେ ପରବ ଆସଇ
ହସ ଖୁସି ପଡେ ଝରି

ଜହ୍ନରେ ଜହ୍ନ କାହିଁ ଯାଉଛୁ ରଷି
ଫେରିଆ ତୁ ଆଗଭଳି
ତୁ ନଥିଲେ ସବୁ ଅନ୍ଧାର ଦିଶଇ
ରାସ୍ତା ଘାଟ ସାହି ଗଳି

ବାର ମାସ ବାର ଥର ଆସୁ ତୁହି
ଆଲୋକକୁ ସଙ୍ଗେ ଧରି
ମଣିଷ ହେଉ ଅବା ପଶୁ ପକ୍ଷୀ
ପ୍ରିୟ ତୁ ଅଟୁ ସବୁରି ।

ପଳାଶପୁର, ଖୋର୍ଦ୍ଧା

କ୍ରିଷ୍ଟିଆନ ରୋନାଲ୍‌ଡୋ ସର୍ବାଧିକ ଦରମା ପ୍ରାପ୍ତ ଆଥ୍‌ଲେଟ୍

ନୂଆଦିଲ୍ଲୀ

ବିଶ୍ୱର ଶ୍ରେଷ୍ଠ ଆୟ କରୁଥିବା ଖେଳାଳିଙ୍କ ତାଲିକା ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି । ଏହି ତାଲିକାରେ ତାରକା ଫୁଟ୍‌ବଲର କ୍ରିଷ୍ଟିଆନ ରୋନାଲଡୋ ଶୀର୍ଷରେ ରହିଛନ୍ତି । କ୍ୟାରିୟରରେ ଚତୁର୍ଥ ଥର ପାଇଁ ରୋନାଲଡୋ ଏହି ଉପଲବ୍ଧି ହାସଲ କରିଛନ୍ତି । ରୋନାଲ୍‌ଡୋ ସାଉଦି ଆରବ କ୍ଲବ୍ ଅଲ ନାସାରରେ ଯୋଗ ଦେବା ପରେ ଗତ ବର୍ଷ ଏହି ତାଲିକାରେ ଶୀର୍ଷରେ ରହିଥିଲେ । ଗଲ୍ଫର ଜନ ରହମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ଫୋର୍ବସ ରିପୋର୍ଟ ଅନୁଯାୟୀ, ୩୯ ବର୍ଷୀୟ ରୋନାଲ୍‌ଡୋ ଗତ ୧୨ ମାସ ମଧ୍ୟରେ ୨୬୦ ମିଲିୟନ ଡଲାର ରୋଜଗାର କରିଛନ୍ତି, ଯାହା ଫଳରେ ତାଙ୍କର ରୋଜଗାର ଏକ ବର୍ଷ ମଧ୍ୟରେ ୧୩୬ ମିଲିୟନ ଡଲାରରୁ ବୃଦ୍ଧି ପାଇ ୨୬୦ ମିଲିୟନ ଡଲାର ହୋଇଛି । ରୋନାଲ୍‌ଡୋଙ୍କ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଲିଓନେଲ ମେସି । ରହମଙ୍କ ପଛରେ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି ।

ସାଉଦି ଅନୁଦାନ ପ୍ରାପ୍ତ ଲିଭ୍ ଗଲ୍ଫକୁ ଯିବା ପରେ ସ୍ପେନ ଗଲ୍ଫର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ଏବଂ ୨୧୮ ମିଲିୟନ ଡଲାର ରୋଜଗାର କରିଥିବା ଜଣାପଡିଛି । ସାଉଦି ପ୍ରୋ ଲିଗ୍‌କୁ ଯିବା ପରେ ଫୁଟ୍‌ବଲ ଖେଳାଳି ନେମାର ଏବଂ କରିମ ବେଞ୍ଜେମା ମଧ୍ୟ ଶ୍ରେଷ୍ଠ ୧୦ରେ ପ୍ରବେଶ କରିଛନ୍ତି ।

ଏହି ତାଲିକାରେ ଜିଆନିସ ଆଣ୍ଟେଟୋକାଉନ୍ମେପା (ପଞ୍ଚମ) ସାଥୀ ବାସ୍କେଟବଲ ତାରକା ଲେବ୍ରନ ଜେମ୍ସ (ଚତୁର୍ଥ) ଏବଂ ଷ୍ଟିଫେନ କ୍ୟୁରୀ (ନବମ)ରେ ଯୋଗ ଦେଇଥିବାବେଳେ ଆମେରିକୀୟ ଫୁଟବଲ କ୍ୱାର୍ଟରବ୍ୟାକ୍ ଲାମାର ଜ୍ୟାକସନ ଦଶମ ସ୍ଥାନରେ ଅଛନ୍ତି ।

ଫୋର୍ବସ ଅନୁଯାୟୀ, ବିଶ୍ୱର ୧୦ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଆଥ୍‌ଲେଟମାନେ ଗତ ୧୨ ମାସ ମଧ୍ୟରେ ଟିକସ ଏବଂ ଏଜେଣ୍ଟମାନଙ୍କ ଦେୟ ପୂର୍ବରୁ ୧.୩୮ ବିଲିୟନ ଡଲାର ରୋଜଗାର କରିଥିଲେ, ଯାହା ଏପର୍ଯ୍ୟନ୍ତ ସର୍ବାଧିକ ଅଟେ ।

ଆଜି ଚେନ୍ନାଇ-ବେଙ୍ଗାଲୁରୁ ମ୍ୟାଚ୍

ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହେଲେ ପ୍ଲେଅଫ୍‌କୁ ଯିବ ସିଏସ୍‌କେ

ନୂଆଦିଲ୍ଲୀ

ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର), ରାଜସ୍ଥାନ ରୟାଲ୍ସ (ଆରଆର) ଏବଂ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଟିମ୍ ପ୍ଲେଅଫ୍‌ରେ ପ୍ରବେଶ କରିସାରିଛି । ଏବେ ୪ର୍ଥ ଦଳକୁ ଅପେକ୍ଷା ରହିଥିବାବେଳେ ରନ୍‌ରେଟ୍ ଏବଂ ପଏଣ୍ଟ ଦୃଷ୍ଟିରୁ ଦୁଇଟି ଦଳ ଏହାର ଦାବିଦାର ରହିଛନ୍ତି । ଗୋଟିଏ ହେଉଛି ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ଏବଂ ଅନ୍ୟଟି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) । କିଏ ୪ର୍ଥ ଦଳ ଭାବେ ପ୍ରବେଶ କରିବ ଆଇପିଏଲ-୨୦୨୪ର ପ୍ଲେଅଫ୍‌ରେ । ଏହାକୁ ନେଇ ଦୁଇ ଦଳର କୋଟି କୋଟି ପ୍ରଶଂସକମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଛି ।

ତେବେ ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ପ୍ଲେଅଫ୍‌ରେ ପ୍ରବେଶ କରିବ । ଶନିବାରର ମ୍ୟାଚ୍ ଏହା ନିର୍ଣ୍ଣୟ କରିବ । ତେବେ ଆରସିବି ପାଇଁ ପ୍ଲେଅଫରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିବ । ଯଦି ନିୟମ ମୁତାବକ ଆରସିବି ଚେନ୍ନାଇକୁ ପରାସ୍ତ କରିବାରେ ସଫଳ ହେବ ତା’ହେଲେ ଦଳ ପ୍ଲେଅଫ୍‌କୁ ଯିବ ନଚେତ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ।

ପାଣିପାଗ ବିଭାଗ ପକ୍ଷରୁ କର୍ଣ୍ଣାଟକରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଖରାପ ରହିବ । ଆକାଶରେ ବାଦଲ ଘୋଡ଼େଇ ହୋଇ ରହିବା ସହିତ ସମୟେ ସମୟେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେଣୁ ଯଦି ବର୍ଷା ଯୋଗୁ ମ୍ୟାଚ୍ ବନ୍ଦ ରୁହେ, ତେବେ ବେଙ୍ଗାଲୁରୁ ପ୍ରଶଂସକମାନଙ୍କୁ ବଡ଼ ଝଟ୍‌କା ଲାଗିବ । ଦୁଇ ଦଳକୁ ଗୋଟିଏ ଲେଖାଏଁ ଅଙ୍କ ମିଳିବ । ଫଳରେ ସିଏସ୍‌କେ ୧୫ ପଏଣ୍ଟ ସହିତ ପ୍ଲେଅଫ୍‌ରେ ପ୍ରବେଶ କରିବ ଏବଂ ଆରସିବି ମୋଟ ୧୪ ଅଙ୍କ ସହ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ।

ସେହିପରି ଯଦି ଖେଳ ହୁଏ, ତେବେ ଆରସିବିକୁ ଚେନ୍ନାଇ ବିପକ୍ଷରେ ୧୮ ରନ୍ ଅଥବା ୨ ଓଭର ଅନ୍ତରରେ ବିଜୟ ହାସଲ କରିବାକୁ ପଡ଼ିବ । ଅର୍ଥାତ ବେଙ୍ଗାଲୁରୁ ଯଦି ପ୍ରଥମେ ବ୍ୟାଟିଂ କରେ ତେବେ ଚେନ୍ନାଇକୁ ୧୮ ରନ୍‌ରେ ପରାସ୍ତ କରିବାକୁ ପଡ଼ିବ । ସେହିପରି ଯଦି ୨ୟରେ ବ୍ୟାଟିଂ ପଡ଼େ ତେବେ ୧୮.୧ ଓଭର ଅର୍ଥାତ ଗୋଟିଏ ଓଭର ୫ଟି ବଲ୍ ବାକି ଥାଇ ଟାର୍ଗେଟ ହାସଲ କରିବାକୁ ହେବ ତା’ହେଲେ ଯାଇ ବେଙ୍ଗାଲୁରୁ ପ୍ଲେଅଫ୍‌ରେ ପ୍ରବେଶ କରିପାରିବ ବୋଲି ଜଣାପଡ଼ିଛି ।

ପଡ଼ିଆରେ ଲଢେଇ, ଡ୍ରେସିଂ ରୁମ୍‌ରେ କୋଳାକୋଳି

ନୂଆଦିଲ୍ଲୀ

ଆଇପିଏଲ ୨୦୨୪ର ୬୮ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯିବ । ଏହି ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସର ଘରୋଇ ଗ୍ରାଉଣ୍ଡ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଏହାପୂର୍ବରୁ ଚେନ୍ନାଇ ଦଳ ବେଙ୍ଗାଲୁରୁରେ ପହଞ୍ଚି ଅଭ୍ୟାସ କରୁଥିବା ବେଳେ ବେଙ୍ଗାଲୁରୁ ଏବଂ ଚେନ୍ନାଇ ପାଇଁ ପ୍ଲେ ଅଫ ପାଇଁ ଏହା ଏକ କର ବା ମର ମ୍ୟାଚ୍ । ଏହି ହାଇ ଭୋଲଟେଜ ମ୍ୟାଚ୍ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛି । ଏଥିରେ ସେ ଋ ଦେଇ ଏମ୍‌ଏସ୍ ଧୋନୀଙ୍କୁ ସ୍ୱାଗତ କରୁଛନ୍ତି ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ସୋସିଆଲ ମିଡିଆ ଟିମ୍ ମଧ୍ୟ ସେମାନଙ୍କର ହୋଷ୍ଟିଂକୁ ପ୍ରଶଂସା କରି ଏକ ପାଷ୍ଟ କରିଛନ୍ତି । ଏହି ପୋଷ୍ଟରେ ୪୨ ବର୍ଷୀୟ ଏମ୍‌ଏସ୍ ଧୋନୀ ନେଟ୍ ଅଭ୍ୟାସ ସମୟରେ ରୟାଲ ଚ୍ୟାଲେଞ୍ଜର୍ସଙ୍କ ଡ୍ରେସିଂ ରୁମ୍‌ରେ ପହଞ୍ଚି ହସୁଥିବା ଦେଖାଯାଇଥିଲା । ସେ ଚେନ୍ନାଇ ସୁପର କିଙ୍ଗ୍ସର ଟ୍ରେନିଂ ଜର୍ସି ପିନ୍ଧିଥିଲେ । ସେଠାରେ ବେଙ୍ଗାଲୁରୁ ଦଳର ସପୋର୍ଟ ଷ୍ଟାଫ୍ ତାଙ୍କୁ ଏକ ଗରମ ଋ ଦେଇଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବବେଙ୍ଗାଲୁରୁ ପୋଷ୍ଟରେ ଲେଖିଛି - ବେଙ୍ଗାଲୁରୁରେ ମାହିଙ୍କୁ ସ୍ୱାଗତ ।

ଟି-୨୦ ବିଶ୍ୱକପ୍ ପାଇଁ ଭାରତ ପାଖରେ ଅଛନ୍ତି ୫ ପ୍ରଭାବଶାଳୀ ଅଲରାଉଣ୍ଡର

କୋଲକାତା

ଆଇସିସି ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଜୁନ୍ ୧ରୁ ବିଶ୍ୱକପ ଆରମ୍ଭ ହେବାକୁ ଯାଉଛି । ସମସ୍ତ ଦଳ ଏଥିପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି । ପାକିସ୍ତାନ ବ୍ୟତୀତ ଅନ୍ୟ ସମସ୍ତ ଦଳ ସେମାନଙ୍କ ଟିମ୍ ଘୋଷଣା କରିଛନ୍ତି । ଅନେକ ବିପଜ୍ଜନକ ଖେଳାଳିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଭାରତୀୟ ଦଳରେ ଏପରି ୫ ପ୍ରଭାବଶାଳୀ ଅଲରାଉଣ୍ଡର ଖେଳାଳି ଅଛନ୍ତି ଯେଉଁମାନେ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ଭାରତୀୟ ପ୍ରଶଂସକ ଏହି ୫ ଖେଳାଳିଙ୍କ ଠାରୁ ବହୁତ କିଛି ଆଶା କରୁଛନ୍ତି । ଏହି ୫ ପ୍ରଭାବଶାଳୀ ଅଲରାଉଣ୍ଡର ବିପକ୍ଷ ଦଳକୁ ଧୂଳି ଚଟାଇବାକୁ ସକ୍ଷମ । ସେମାନେ ପଡ଼ିଆରେ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଉନ୍ନତ ପ୍ରଦର୍ଶନ କରିଥାନ୍ତି ।

ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଭଲ ଫର୍ମରେ ଅଛନ୍ତି । କୋହଲିଙ୍କ ପରିସଂଖ୍ୟାନ ପ୍ରମାଣ କରୁଛି ଯେ ସେ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବାକୁ ଯାଉଛନ୍ତି । ଏପରିକି ଆଇପିଏଲ ୨୦୨୪ରେ, ଏହି ୫ ତାରକା ଖେଳାଳି ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା କିମ୍ବା ଭାରତୀୟ ଦଳର ଉପ-ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ଏହି ପ୍ରଭାବଶାଳୀ ଅଲରାଉଣ୍ଡର ୫ ଖେଳାଳିଙ୍କ ମଧ୍ୟରେ ନାହିଁ । ଏହି ୫ ପ୍ରଭାବଶାଳୀ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୈସ୍ୱାଲ, କୁଲଦୀପ ଯାଦବ ଏବଂ ଜସପ୍ରୀତ ବୁମ୍‌ରାଙ୍କ ନାମ ରହିଛି ।

କୋହଲିଙ୍କ ପରି ତାଙ୍କ ଝିଅ ବି ହେବେ କ୍ରିକେଟର୍ !

ନୂଆଦିଲ୍ଲୀ

ବିରାଟ କୋହଲିଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୪ର ପ୍ଲେ ଅଫରେ ପହଞ୍ଚିବା ଲକ୍ଷ୍ୟରେ ରହିଛି । ଏହି ଦଳ ଶନିବାର ଚେନ୍ନାଇ ସୁପର କିଙ୍ଗ୍ ବିପକ୍ଷରେ କର ବା ମର ମ୍ୟାଚ୍ ଖେଳିବ । ଚଳିତ ସିଜନରେ ଆରସିବି କିମ୍ବଦନ୍ତୀ କୋହଲି ଏକ ଦୃଢ ପ୍ରଦର୍ଶନ ଦେଖାଇଛନ୍ତି । ଚଳିତ ସିଜନରେ ସର୍ବାଧିକ ରନ ସ୍କୋର କରିବାରେ ସେ ଶୀର୍ଷରେ ଅଛନ୍ତି । ନିକଟରେ କୋହଲି ତାଙ୍କ ଝିଅ ଭାମିକାଙ୍କ ବିଷୟରେ ଏକ ରୋଚକ କଥା ପ୍ରକାଶ କରିଛନ୍ତି । କୋହଲି କହିଛନ୍ତି, ମୋ ଝିଅ ଏବେ ବ୍ୟାଟ ବୁଲାଇବାକୁ ପସନ୍ଦ କରୁଛନ୍ତି । କିନ୍ତୁ ଶେଷରେ ସେ କ’ଣ କରିବାକୁ ଋହୁଁଛନ୍ତି ତାହା ତାଙ୍କ ଉପରେ ନିର୍ଭର କରିବ । କୋହଲି ସୋସିଆଲ ମିଡିଆରେ ଭାମିକାଙ୍କ ମୁହଁ ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି । ପୁଅ ଏବଂ ଝିଅର ଗୋପନୀୟତା ବିଷୟରେ ମଧ୍ୟ ସେ ବହୁତ ସଚେତନ । ଗୋପନୀୟତା ସମ୍ପର୍କରେ କୋହଲି ସୋସିଆଲ ମିଡିଆରେ ଅନେକ ଥର ପୋଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ଭାରତରେ ଅନେକ କ୍ରିକେଟର ଅଛନ୍ତି, ଯାହାର ପୁଅମାନେ ମଧ୍ୟ କ୍ରିକେଟର ହୋଇଥିଲେ ସୁନୀଲ ଗାଭାସ୍କରଙ୍କ ପୁଅ ରୋହନ, ରୋଜର ବିନିଙ୍କ ପୁଅ ଷ୍ଟୁଆର୍ଟ ଏବଂ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ୍ୟ ଆଇପିଏଲରେ ଖେଳିଛନ୍ତି । ସେ ମୁମ୍ବାଇ ଇଣ୍ଡିଆନ୍ସର ଏକ ଅଂଶ ହୋଇଛନ୍ତି । କୋହଲିଙ୍କ ଝିଅ ଭାମିକା ବହୁତ ଛୋଟ ଏବଂ ପୁଅ ଅକାୟ ମଧ୍ୟ ବହୁତ ଛୋଟ । ଏହି କାରଣରୁ ବିରାଟ କହିଛନ୍ତି ଯେ ସେ କ’ଣ ହେବାକୁ ଋହୁଁଛନ୍ତି ତାହା ନିଜେ ସ୍ଥିର କରିବେ ।

ବେଲବଣ ମଠ ରାମମନ୍ଦିରରେ ରାମଚରିତ ମାନସ ପାରାୟଣ ଶୁଭାରମ୍ଭ

ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ତିର୍ତ୍ତୋଲ ରାଜସ୍ୱ ଗ୍ରାମର ବେଲବଣ ମଠର ଶ୍ରୀରାମ ମନ୍ଦିରରେ ୧୩ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି । ବାବା ଶ୍ୟାମସୁନ୍ଦର ଦାସ ମହାରାଜଙ୍କ ପୌରୋହିତ୍ୟରେ ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା) ଗୋସ୍ୱାମୀ ତୁଳସୀ ଦାସକୃତ ଶ୍ରୀରାମ ଚରିତ ମାନସ ଗ୍ରନ୍ଥ ପାଠ କରୁଥିବାବେଳେ ପଣ୍ଡିତ ବଟଚରଣ ଦାଶ ପୂଜନ କାର୍ଯ୍ୟ ତୁଲାଉଛନ୍ତି । ପବିତ୍ର ମହାନଦୀରୁ ଭକ୍ତମାନେ କଳସ ଶୋଭାଯାତ୍ରାରେ ଜଳ ଆଣି ପ୍ରଭୁ ଶ୍ରୀରାମଙ୍କ ନିକଟରେ ଘଟ ସ୍ଥାପନ କରାଯାଇ ପାଠ ଆରମ୍ଭ କରାଯାଇଥିଲା । ସନ୍ଧ୍ୟାରେ ଆଦିକବି ସାରଳାଦାସ ମହାବିଦ୍ୟାଳୟର ଅଧ୍ୟାପକ ଡଃ. ଅରୁଣ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା । ପ୍ରବଚନ ପରେ ଭକ୍ତମାନଙ୍କୁ ଶ୍ରୀରାମ ଖେଚୁଡ଼ି ପ୍ରଦାନ ପୂର୍ବକ ସଭାସାଙ୍ଗ କରାଯାଉଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ବୈଶାଖ ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବୋଲି କର୍ମକର୍ତ୍ତାଙ୍କ ଠାରୁ ସୂଚନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ତିର୍ତ୍ତୋଲ ଗ୍ରାମର ଗ୍ରାମବାସୀ ପରିଚାଳନା କରିଥିଲେ ।

ଫିଫା ମହିଳା ବିଶ୍ୱକପ୍ ଆୟୋଜନର ଅଧିକାର ପାଇଲା ବ୍ରାଜିଲ

ନୂଆଦିଲ୍ଲୀ

ଆସନ୍ତା ୨୦୨୭ ଫିଫା ମହିଳା ବିଶ୍ୱକପ୍‌ର ଆୟୋଜନ ପାଇଁ ଅଧିକାର ପାଇଛି ବ୍ରାଜିଲ । ବେଲଜିୟମ, ନେଦରଲ୍ୟାଣ୍ଡ ଓ ଜର୍ମାନୀକୁ ମାତ୍ ଦେଇ ବ୍ରାଜିଲ ପ୍ରଥମ ଦକ୍ଷିଣ ଆମେରିକାନ ଦେଶ ଭାବେ ବ୍ରାଜିଲ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ହକ୍ ପାଇଛି ।

ଫିଫା କଂଗ୍ରେସରେ ଥିବା ୧୧୯ ଦେଶ ବ୍ରାଜିଲ ସପକ୍ଷରେ ଭୋଟ୍ ଦେଇଥିବା ବେଳେ ୭୮ଟି ଦେଶ ୟୁରୋପ ଦେଶ ସପକ୍ଷରେ ମତ ରଖିଥିଲେ । ଶେଷରେ ବ୍ରାଜିଲକୁ ମହିଳା ବିଶ୍ୱକପର ୧୦ମ ସଂସ୍କରଣ ଆୟୋଜନ କରିବାକୁ ଅନୁମତି ମିଳିଛି ।

ବ୍ରାଜିଲ ଫୁଟବଲ ମହାସଂଘର ସଭାପତି ଇଡ଼ନାଲ୍‌ଡୋ ରୋଡ୍ରିଗସ୍ କହିଛନ୍ତି, ଆମେ ଜାଣିଛୁ ଯେ ଆମେ ଦକ୍ଷିଣ ଆମେରିକାରନ ମହିଳା ଫୁଟ୍‌ବଲର ଓ ମହିଳାଙ୍କ ପାଇଁ ଉତ୍ସବ ମନାଇବୁ । ମହିଳାମାନଙ୍କ ପାଇଁ ଶ୍ରେଷ୍ଠ ବିଶ୍ୱକପ ପରିବେଶ ଆମେ ଯୋଗାଇ ଦେବୁ ବୋଲି ନିଶ୍ଚିତ ।

ଫିଫାର ଟେକ୍ନିକାଲ ଟିମ୍ ମଧ୍ୟ ୫ରୁ ବ୍ରାଜିଲକୁ ୪ ମାର୍କ ଓ ବେଲଜିୟମ-ନେଦରଲ୍ୟାଣ୍ଡସ-ଜର୍ମାନୀ ବିଡ୍‌କୁ ୩.୭ ମାର୍କ ଦେଇଥିଲା । ତେଣୁ ଚୂଡ଼ାନ୍ତ ରେଜଲ୍ଟ ବ୍ରାଜିଲ ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଥିଲା । ଆମେରିକା ଓ ମେକ୍ସିକୋ ୨୦୩୧ ଟୁର୍ଣ୍ଣାମେଣ୍ଟ ହୋଷ୍ଟ କରିବା ମୁଡରେ ଥିବାରୁ ୨ ମାସ ତଳୁ ରେସ୍‌ରୁ ଓହରି ଯାଇଥିଲେ ।

ମହିଳା ବିଶ୍ୱକପ ପାଇଁ ବ୍ରାଜିଲରେ ୧୦ଟି ଚମତ୍କାର ଷ୍ଟାଡିୟମ ରହିଛି । ଏଥିସହ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେହିପରି ଫ୍ୟାନ୍ସ ଭେନ୍ୟୁ ମଧ୍ୟ ରହିବ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରେଜିଷ୍ଟ୍ରାରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସଙ୍କ କାର୍ଯ୍ୟକାଳ ମଧ୍ୟରୁ ତିନିବର୍ଷ ପୂରଣ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ବିତ୍ତ□ନିୟନ୍ତ୍ରକ କରନ ସୋରେନ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ ରାଏ ତଥା ଉପସ୍ଥିତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରାଯାଇଛି । ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଗତ ତିନିବର୍ଷ ଧରି ସେ ବିଶ୍ୱବିଦ୍ୟାଳୟର ଅନେକ ଉନ୍ନତିମୂଳକ ସଫଳତା ଦିଗରେ ନିଜର ସମସ୍ତ ସହଯୋଗ ଯୋଗାଇ ଦେଇ ଆସିଛନ୍ତି । ସେ ନିଜର ସରଳତା, ମେଳାପ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ହେତୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ନିକଟରେ ଆଦର୍ଶ ଭାବେ ପରିଚିତ ହୋଇପାରିଛନ୍ତି । ତାଙ୍କର ନିରବିଚ୍ଛିନ୍ନ ଓ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ସହିତ ବିଶ୍ୱବିଦ୍ୟାଳୟର ସାମୂହିକ ଉନ୍ନତିର ଲକ୍ଷ୍ୟ ନେଇ ଅଗ୍ରସର ହେବେ ବୋଲି ପ୍ରକାଶ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଜଳଛତ୍ରକେନ୍ଦ୍ରରେ ସିନେତାରକା ତଥା ବିଜେଡ଼ି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ

ମୃଷାଟିକିରି, ନ୍ୟୁଜ୍‌ବ୍ୟୁରୋ

ଏନ.ଏନ.ଏସ- ବଡଚଣା ବିଜେଡ଼ି ପ୍ରାର୍ଥିନୀ ତଥା ସିନେତାରକା ବର୍ଷା ପ୍ରିୟଦର୍ଶିନୀଙ୍କ ତାଳୁଆ ସ୍ଥିତ ଶନିଷ୍ଟର ମେଳାକୁ ଦର୍ଶନ ପାଇଁ ଆସି ଅହଲ୍ୟା ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତି ଜଳଛତ୍ର କେନ୍ଦ୍ରକୁ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଅମୃତ ଜଳରାଶିକୁ ପଥଚାରୀଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରାଇଥିଲେ । ବଣିଆରି ଗ୍ରାମର ବିଶିଷ୍ଟ ସମାଜସେବୀ ସୁବାଷ ଚନ୍ଦ୍ର ଖଣ୍ଡାଇଙ୍କ ଉଦ୍ୟମରେ ଅହଲ୍ୟା ଫାଉଣ୍ଡେସନ ପାଇଁ ପ୍ରତିବର୍ଷ ଶନିଷ୍ଟର ମେଳାରେ ଜଳଛତ୍ର ପ୍ରଦାନ କରି ଆସନ୍ତି । ଅନ୍ୟମାନଙ୍କ ମଧ୍ୟରେ ଯୁବସମାଜସେବୀ ଇଂ ବିଜୟାନନ୍ଦ ଖଣ୍ଡାଇ ସମାଜସେବୀ ବସନ୍ତ ଦାସ, ଚିରଞ୍ଜିବୀ ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ତୁଷାର ସ୍ୱାଇଁ, ଇଂ ମନୋଜ କୁମାର ନାୟକ ପ୍ରମୁଖ ଜଳଛତ୍ର କେନ୍ଦ୍ରରେ ଜଳ ବିତରଣ କରୁଥିବା ଦେଖାଯାଉଥିଲା । ଶତାଧିକ ପଥଚାରୀ ଶନିଷ୍ଟର ମନ୍ଦିରକୁ ଆସି, ଅହଲ୍ୟା ଫାଉଣ୍ଡେସନ ଶିବିରାର୍ଥୀଙ୍କ ଦ୍ୱାରା ଜଳ ଗ୍ରହଣ କରି ଆତ୍ମ ତୃପ୍ତି ଲାଭ କରୁଥିବା ଦେଖାଯାଇଥିଲା ।

ରୋଡ୍ ଶୋ’ ମାଧ୍ୟମରେ ବିଧାୟିକା ପ୍ରାର୍ଥୀଙ୍କ ଭୋଟ ଭିକ୍ଷା

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ସଦର ବିଧାୟିକା ପ୍ରାର୍ଥୀ ମିନା ମାଝୀ ଗୁରୁବାର ନରଣପୁର ଉପଖଣ୍ଡର ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଭୋଟ ଭିକ୍ଷା କରିଛନ୍ତି । ମିନା ଲୋକଙ୍କ ପାଖକୁ ଯାଇ ଘରକୁ ଘର ବୁଲି ନିର୍ବାଚନରେ ଜିତାଇବା ପାଇଁ ଅନୁରୋଧ କରିଛନ୍ତି । ନରଣପୁର ଛକ ଠାରୁ ଏକ ବ୍ୟାଣ୍ଡ ପାର୍ଟି, ଡିଜେ, ବାଜା ବାଣ ଶୋଭାଯାତ୍ରାରେ ବାହାରି ମିନା ଓ ତାଙ୍କ ସମର୍ଥକଙ୍କ ସହ ଟେଲି ଅଭିନେତ୍ରୀ ଅନନ୍ୟା ମିଶ୍ର ଏହି ରୋଡ଼ ଶୋ’ରେ ଭାଗ ନେଇଥିଲେ । ଶହ ଶହ ସମର୍ଥକ ଏହି ଶୋଭାଯାତ୍ରାରେ ଭାଗ ନେଇଥିଲେ । ଏହି

ଶୋଭାଯାତ୍ରାରେ ନରଣପୁରର ସରପଞ୍ଚ ରୀନା ନାଏକ ସ୍ଥାନୀୟ ବିଜେଡି ନେତା ଝାଡ଼େଶ୍ୱର ସାହୁ, ମିଲନ କୁମାର ସାହୁ, ପଞ୍ଚାନନ ସାହୁ, ସତ୍ୟାନନ୍ଦ ନାଏକ, ରଞ୍ଜନ କୁମାର ସାହୁ, ଆଲୋକ କୁମାର ମହାନ୍ତି, ନିନୁ ମହାନ୍ତି, ବିଜୟ କୁମାର ମହାନ୍ତି, ଅଶ୍ୱିନୀ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା, ଯଶୋବନ୍ତ ବେହେରା କିପୁନ ସାହୁ, ସୁବାସ ବେହେରା, ମାୟାଧର ବେହେରା, ପରୁ ସେନାପତି ପ୍ରମୁଖ ଏହି ରୋଡ଼ ଶୋ’ରେ ମିନାଙ୍କ ସହ ଘରକୁ ଘର ବୁଲି ମାରାଥନ ପ୍ରଚାର କରିଥିଲେ । ଆଗାମୀ ନିର୍ବାଚନରେ ମିନାଙ୍କ ବିଜୟ ହେଲେ ସେ ନରଣପୁର ଅଞ୍ଚଳର ସାମଗ୍ରିକ ବିକାଶ କରାଇବେ ବୋଲି ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି ।

ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଦ୍ୱାରା ଖଲ୍ଲିକୋଟ ହତ୍ୟା ମାମଲାର ତଦନ୍ତ କରାଯିବ:ଡିଜିପି

କଟକ, ନ୍ୟୁଜ୍‌ବ୍ୟୁରୋ

ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଖଲ୍ଲିକୋଟ ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି । ଅଦ୍ୟାବଧି ହତ୍ୟାକାଣ୍ଡରେ ସମ୍ପୃକ୍ତ ୯ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ । ଏହା ସହ ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯିବ ଏବଂ ଏହି ହତ୍ୟା ମାମଲାର ଶୀଘ୍ର ବିଚାର କରାଯିବା ନିମନ୍ତେ ୩୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ଡିଜିପି ଶ୍ରୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅନୁସନ୍ଧାନକାରୀ ଦଳ ସମୟ ସମୟରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କୁ ରିପୋର୍ଟ ପ୍ରଦାନ କରିବେ । ଏହା ସହ ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ରାଧା କିଶନ ଶର୍ମା ଛତ୍ରପୁରରେ ଅବସ୍ଥାନ କରିବେ ଏବଂ ଗଞ୍ଜାମ ଜିଲ୍ଲାର ଆଇନ ଓ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବେ । ସେ ୧୭ ମଇ ଠାରୁ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଛତ୍ରପୁରରେ ଅବସ୍ଥାନ କରି ଆଇନ ଓ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ନଜର ରଖିବେ ।

ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ନିର୍ବାଚନୀ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ନ୍ୟୁଜ୍

ଆସନ୍ତା ମେ’ ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଉଭୟ କେନ୍ଦୁଝର ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି । ଗଣତନ୍ତ୍ରର ଏହି ମହାପର୍ବରେ କିଭଳି ସବୁ ବର୍ଗର ନାଗରିକ ସାମିଲ ହେବେ ଏବଂ ଏହାକୁ ସଫଳ କରାଇବେ ଏନେଇ ଜିଲ୍ଲାବ୍ୟାପୀ ବିଭିନ୍ନ ପ୍ରକାରର ସଚେତନତାଧର୍ମୀ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ର ୧୪ ଓଡ଼ିଶା ବାଟାଲିୟନ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଜିଲ୍ଲାବ୍ୟାପୀ ନିଆରା ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନସିସି ୧୪ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମ ଚନ୍ଦ୍ରଶେଖର ରାଓଙ୍କ

ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟ ଯଥା ଧରଣୀଧର ବିଶ୍ୱ-ବିଦ୍ୟାଳୟ, କୁଶଳେଶ୍ୱର ମହାବିଦ୍ୟାଳୟ, ରେଙ୍ଗୁଟିଆ, ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ, ଆଞ୍ଚଳିକ ମହାବିଦ୍ୟାଳୟ ସୋମପାଟଣା ଇତ୍ୟାଦି ଶିକ୍ଷାନୁଷ୍ଠାନର ଏନସିସି କ୍ୟାଡେଟ୍‌ମାନେ ନିଜ ନିଜ ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ନିର୍ବାଚନୀ ସଚେତନା ରାଲି, ସ୍ୱତନ୍ତ୍ର ପଥପ୍ରାନ୍ତ ନାଟକ ଏବଂ ପିରାମିଡ୍ ଇତ୍ୟାଦି ଜରିଆରେ ଭୋଟରମାନଙ୍କୁ ଆସନ୍ତା ମେ’୨୫ ତାରିଖରେ ବହୁ ସଂଖ୍ୟାରେ ଆସି ମତଦାନ କରିବାକୁ ବାର୍ତ୍ତା ଦେଇଛନ୍ତି । ସମସ୍ତ ଏନସିସି କ୍ୟାଡେଟ୍ ୨୫୦ରୁ ଉର୍ଦ୍ଧ୍ୱ ଏନସିସି କ୍ୟାଡେଟ୍ ଏହିସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଏନସିସି ଅଫିସର ବିଜୟ କୁମାର ବେହେରା, ସତ୍ୟବ୍ରତ ପତି, ଜୟଦେବ ଦାସ, ସଲମା କିସ୍କୁ, ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ବିଭିନ୍ନ କଲେଜ ଦ୍ୱାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଏନସିସିର ଫିଜିକାଲ ଇନ୍‌ଷ୍ଟ୍ରକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

ସହର ସମନ୍ୱୟ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ବର୍ଷା ପୂର୍ବରୁ ସଫା ହେବ ନାଳନର୍ଦ୍ଦମା : କାର୍ଯ୍ୟ ତଦାରଖ ପାଇଁ ଗଠନ ହେଲା କମିଟି

କଟକ, ନ୍ୟୁଜ୍‌ବ୍ୟୁରୋ

ମୌସୁମୀ ବାୟୁର ଆଗମନ ବା ବର୍ଷା ଆରମ୍ଭ ହେବା ପୂର୍ବରୁ କଟକ ସହରର ସମସ୍ତ ନାଳ ନର୍ଦ୍ଦମା ସଫା ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କଟକ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ସମନ୍ୱୟ କମିଟି ବୈଠକରେ ଯୁଦ୍ଧକାଳୀନ ଭିତ୍ତିରେ ସହରର ସମସ୍ତ ନାଳନର୍ଦ୍ଦମା ସଫା ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠିତ ବୈଠକରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନୀଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ । ବର୍ଷାଜଳ ନିଷ୍କାସନ ଓ ନର୍ଦ୍ଦମା ସଫା କାର୍ଯ୍ୟକୁ ଠିକ୍ ରୂପେ କାର୍ଯ୍ୟକାରୀ କରିବା ପାଇଁ ଏକ ତଦାରଖ କମିଟି ଗଠନ କରାଯାଇଛି । ଏହି କମିଟି ବିଭିନ୍ନସ ମୟରେ କଟକ ସହରର ନାଳ ନର୍ଦ୍ଦମା ପରିଦର୍ଶନ କରି ନିଷ୍କାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ପଦକ୍ଷେପ ନେବେ । ସେଥି ସକାଶେ ବିଭିନ୍ନ ବିଭାଗର ଅଧିକାରୀମାନେ ଉକ୍ତ ତଦାରଖ କମିଟିକୁ ସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ବିଶେଷକରି ଏସ୍‌ସିବି ମେଡିକାଲ କଲେଜ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର, କେଶରପୁର, ଗନ୍ଧାଡିଆ, ମେରିଆ ବଜାର ଅଞ୍ଚଳରେ ବର୍ଷାଜଳ କିପରି ଠିକ୍‌ରୂପେ ନିଷ୍କାସନ ହୋଇପାରିବ ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଆଦେଶ ଦିଆଯାଇଥିଲା । ରେଳବାଇ ଓ ଜାତୀୟ ରାଜପଥ ଅଧିନରେ ଥିବା ଡ୍ରେନ୍‌ଗୁଡିକର ନିୟମିତ ସଫେଇ କରିବା ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଏସସିବି ମେଡିକାଲର ଦାୟିତ୍ୱ ୱାଟକୋକୁ ଦିଆଯାଇଛି । ଏଥିସହିତ ସହର ମଧ୍ୟରେ ଥିବା ଛୋଟବଡ ନାଳଗୁଡିକୁ ସଫାକରିବା ଲାଗି କଟକ ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଥିଲା ବେଳେ ଭାଙ୍ଗିଯାଇଥିବା ନାଳକୁ ସଜାଡିବା ଓ ସ୍ଲାବ୍ ପକାଇବା ସହିତ ନିଷ୍କାସନରେ ବ୍ୟବହୃତ ହେଉଥିବା ପମ୍ପଗୁଡିକୁ ସଜାଡି ବର୍ଷାଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ରଖିବାକୁ ସିଏମସି ଇଂଜିନିୟରିଂ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ବୈଠକରେ ସିଡିଏ ଅଧ୍ୟକ୍ଷ ଶ୍ରୀ ସାମଲଙ୍କ ସମେତ ସିଏମସି କମିଶନର ବିଜୟ କୁମାର ଦାଶ, ରେଳବାଇରବରିଷ୍ଠ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ, ପୂର୍ତ୍ତବିଭାଗ ଡିଭିଜନ-୧ ଓ ୨ର ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ, ୱାଟ୍‌କୋ, ସ୍ୱେରେଜ, ଡ୍ରେନେଜ ଓ ଜଳଯୋଗାଣ ବିଭାଗର ସାଧାରଣ ପରିଚାଳକମାନଙ୍କ ସମେତ ଡିପିସି ଓ ଡିଏଲ ଡିଭିଜନ ୧ ଓ ୨ର ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ମଇ ୨୦୨୪ ଶନିବାର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମ୍ବଲପୁର ଓ ଢେଙ୍କାନାଳରେ ବିଜେଡି...

ମୁଖ୍ୟମନ୍ତ୍ରୀଙ୍କ ଠାରୁ ପରାମର୍ଶ ନିଅନ୍ତୁ । ପ୍ରଧାନମନ୍ତ୍ରୀ ନିଜେ କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ । ଦୁଇ ଜଣ ମୁଖ୍ୟମନ୍ତ୍ରୀ ମଧ୍ୟ ଆସି କହୁଛନ୍ତି, ଓଡ଼ିଶାକୁ ଏକ ନମ୍ବର କରିବେ । ତେଣୁ ସେମାନେ କୁହନ୍ତୁ, ତାଙ୍କ ରାଜ୍ୟକୁ କ'ଣ କରିବେ ? କେନ୍ଦ୍ର ଗୃହମନ୍ତ୍ରୀ ମଧ୍ୟ କହୁଛନ୍ତି, କର୍ଣ୍ଣାଟକକୁ, ତେଲେଙ୍ଗାନାକୁ ଏକ ନମ୍ବର କରିବେ। କିନ୍ତୁ ଗୁଜରାଟକୁ ଏକ ନମ୍ବର କରିପାରିଲେ କି ? ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ଭଲପାଇବା ଓ ଜୋସ୍ ଦେଖି ଏ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଡରିକି ନିଜକୁ ସମ୍ବଲପୁରକୁ କୋରିଅର କରିଦେଲେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ତା'ପରେ ସେ କହିଥିଲେ ଯେ ଓଡ଼ିଶା ୧ ନମ୍ବର ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସହଯୋଗରେ ଓଡ଼ିଶାକୁ ଏକ ନମ୍ବର କରିବେ । ଯେଉଁ ରାଜ୍ୟମାନଙ୍କରେ ଡବଲ ଇଞ୍ଜିନ ଚାଲୁଥିଲା । ସବୁ ବନ୍ଦ ହୋଇଗଲାଣି । ଜୁନ ୯ ତାରିଖରେ ୧୧.୩୦ରୁ ଗୋଟାଏ ମଧ୍ୟରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ପ୍ରଥମ ଦସ୍ତଖତ ହେବ ବିଜୁଳି ବିଲ୍ ଛାଡ଼, ଓଡ଼ିଶାର ୯୦ ପ୍ରତିଶତ ପରିବାର ଉପକୃତ ହେବେ । ଜୁଲାଇରୁ ବିଜୁଳି ବିଲ୍ ଆସିବନାହିଁ, ଏହା ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି । ନବୀନ ବାବୁଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିଜେପିକୁ କରେଣ୍ଟ ଲାଗିଲାଣି । କହୁଛନ୍ତି, ସୋଲାର ପ୍ୟାନେଲ ବସାଇ ମାଗଣା ବିଜୁଳି ଦେବେ । ଏଥିପାଇଁ ଆପଣମାନଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ବିଜେପି ଦଳ ଦିନରେ ଲଣ୍ଠନ ଦେଖାଉଛନ୍ତି। ତା'ପରେ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇ କାର୍ଡରେ ସମସ୍ତେ ସାମିଲ ହେବେ । ତୃତୀୟ ଦସ୍ତଖତରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ୬୦ ବର୍ଷରେ ଭତ୍ତା ବ୍ୟବସ୍ଥା ହେବ । ଏହି ତିନୋଟି ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି । ଏହାକୁ ଘରେ ଘରେ ପହଞ୍ଚାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଏହାପରେ ସେ ପଚାରିଥିଲେ କେନ୍ଦୁପତ୍ର ତୋଳାଳୀଙ୍କ ବୋନସ୍ କିଏ ଡବଲ କରିଛନ୍ତି ? ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିପୀଠ ଓ ଜନ୍ମସ୍ଥାନର କିଏ ରୂପାନ୍ତରଣ କରିଛନ୍ତି ? ରେଢ଼ାଖୋଲରେ ବ୍ୟାପକ ଜଳସେଚନର ସୁବିଧା କିଏ କରିଛନ୍ତି ? ପାଣ୍ଡିଆନଙ୍କ ପ୍ରଶ୍ନରେ ଲୋକଙ୍କ ଠାରୁ ଉତ୍ତର ଆସିଥିଲା 'ମୁଖ୍ୟମନ୍ତ୍ରୀ' ଓ ମୁଖ୍ୟମନ୍ତ୍ରୀ । ପାଣ୍ଡିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିପୁଳ ଜନ ସମାବେଶ ଦେଖି ବିରୋଧୀଙ୍କ ଆତ୍ମବିଶ୍ୱାସ ଭାଙ୍ଗି ଗଲାଣି । ତେଣୁ ବାହାରୁ ଆସି ସେମାନଙ୍କ ନେତାମାନେ ନବୀନ ବାବୁଙ୍କୁ ଅସମ୍ମାନିତ କରୁଛନ୍ତି । ଆପଣମାନେ ସେହିବ୍ୟକ୍ତିମାନଙ୍କୁ କଡ଼ା ଜବାବ ଦିଅନ୍ତୁ । ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଥିଲେ ଯେ ଗୋଟିଏ ପଟେ ବିରୋଧୀଙ୍କ ମିଥ୍ୟା ପ୍ରଚାର ଚାଲିଛି, ଅନ୍ୟପଟେ ନବୀନ ପଟ୍ଟନାୟକ ଲୋକମତକୁ ସମ୍ମାନ ଦେଇ କାମ କରିବାର ଚିନ୍ତାଧାରା ରଖିଛନ୍ତି। ଏବେ ସମୟ ଆସିଛି ବିଚାର କରିବା ପାଇଁ, ଆମେ କାହାକୁ ବାଛିବା । ମୁଖ୍ୟମନ୍ତ୍ରୀ ସମ୍ବଲପୁର ପିଏଚ୍‌ଡି ପଡିଆ ଠାରେ ଆୟୋଜିତ ସମାବେଶରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ଅନୁଗୋଳ ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ, ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲ, ଢେଙ୍କାନାଳ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟକ ପ୍ରାର୍ଥୀ ମହେଶ ସାହୁ, କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗ ବିଧାୟକ ପ୍ରାର୍ଥୀ ଡଃ ନୃସିଂହ ସାହୁ ଏବଂ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ପ୍ରମୁଖ ନିଜ ନିଜ ସପକ୍ଷରେ ଭୋଟ ପ୍ରଚାର କରି ସେମାନଙ୍କ ଅଭିଭାଷଣ ରଖିଥିଲେ ।

ଓଡ଼ିଶାରେ ଏବେବି ୨୭ ଲକ୍ଷ ପରିବାରଙ୍କୁ ...

ଶାହ କହିଛନ୍ତି, ଓଡ଼ିଶାର ଚାଷୀଙ୍କ ଆୟ ଦେଶରେ ସବୁଠାରୁ କମ। ଚାଷୀଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରି ନାହାନ୍ତି। ଓଡ଼ିଶାରେ ରୋଜଗାର ପାଇଁ ବ୍ୟବସ୍ଥା ନଥିବାରୁ ବାହାର ରାଜ୍ୟକୁ ଯାଉଥାନ୍ତି। କିନ୍ତୁ ନବୀନ ସରକାର ରାଜ୍ୟରେ ଏକ ଦେଶ ଏକ ରାସନ ବ୍ୟବସ୍ଥା ଲାଗୁ କରି ନଥିବାରୁ ଓଡ଼ିଶାର ଭାଇଭଉଣୀ ଏହି ସୁବିଧାରୁ ଲାଭାନ୍ୱିତ ହୋଇପାରୁ ନାହାନ୍ତି। ମୋଦି ପ୍ରତି ବ୍ୟକ୍ତିଙ୍କୁ ୫ କିଲୋ ଚାଉଳ ଦେଉଛନ୍ତି। ନବୀନ ସରକାର ଖାଲି ବ୍ୟାଗ ଦେଉଛନ୍ତି। ଦମ୍ଭ ଅଛି ଯଦି ବ୍ୟାଗରେ ୨ କିଲୋ ଚାଉଳ ଦିଅନ୍ତୁ ବୋଲି ଶାହ କହିଥିଲେ।

ଜାମିନ ପାଇଁ ଟ୍ରାଏଲ କୋର୍ଟ ଯାଇପାରିବେ...

ଦାବି କରୁଥିବାରୁ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଇଡି ମାର୍ଚ୍ଚ ୨୧ରେ କେଜରିୱାଲଙ୍କୁ ଗିରଫ କରିଥିଲା। ତେବେ ଦେଶରେ ଲୋକସଭା ନିର୍ବାଚନ ଚାଲିଥିବାରୁ ମେ' ୧୦ରେ ୨୧ ଦିନ ପାଇଁ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ହେଲେ ସେ ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରିଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି।

ରାଏବରେଲୀକୁ ପୁଅଙ୍କୁ ସମର୍ପିଲେ ସୋନିଆ...

ଲୋକମାନେ ମୋତେ ଯାହା ଶିଖାଇଥିଲେ, ଠିକ୍ ସେଇଆ ମୁଁ ରାହୁଲ ଓ ପ୍ରିୟଙ୍କାଙ୍କୁ ଶିଖାଇଛି। ସମସ୍ତଙ୍କୁ ସମ୍ମାନ, ଦୁର୍ବଳକୁ ସୁରକ୍ଷା, ଲୋକଙ୍କ ଅଧିକାର ପାଇଁ ଅନ୍ୟାୟ ବିରୋଧରେ ଲଢ଼େଇ କରିବାକୁ ମୁଁ ସେମାନଙ୍କୁ ଶିଖାଇଛି। ଆଦୌ ଡରନ୍ତୁ ନାହିଁ। କାରଣ ଆପଣଙ୍କ ସଂଘର୍ଷର ମୂଳ ଓ ପରମ୍ପରା ଅତ୍ୟନ୍ତ ମଜଭୁତ।" ସୋନିଆ ଗାନ୍ଧି ରାଏବରେଲୀବାସୀଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ସେ କହିଛନ୍ତି, "ଦୀର୍ଘ ସମୟ ପରେ ଆପଣମାନଙ୍କ ପାଖକୁ ଆସିବାର ସୁଯୋଗ ପାଇଥିବାରୁ ମୁଁ ବହୁତ ଖୁସି। ମୁଁ ହୃଦୟରୁ ଆପଣମାନଙ୍କୁ କୃତଜ୍ଞତା ଜଣାଉଛି। ଆପଣମାନଙ୍କ ଆଗରେ ମୁଣ୍ଡ ନୁଆଁଉଛି। ୨୦ ବର୍ଷ ଧରି ଆପଣମାନେ ମୋତେ ସାଂସଦ ଭାବେ ଆପଣମାନଙ୍କ ସେବା କରିବାର ସୁଯୋଗ ଦେଇଥିଲେ। ଏହା ମୋ ଜୀବନର ସବୁଠାରୁ ବଡ଼ ସମ୍ପତ୍ତି।"

ପୁଣି ଫେରିଲା ତାତ...

ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

କେରଳରେ ଦ୍ରୁତ ଗତିରେ...

ସଂକ୍ରମଣର କାରଣ ହୋଇଥାଏ । ଏହି ଜୀବାଣୁ ଯକୃତକୁ ଆକ୍ରାନ୍ତ କରିଥାଏ। ଏହା ମଧ୍ୟ କେତେକ ରୋଗୀଙ୍କଠାରେ ଜଣ୍ଡିସ ସୃଷ୍ଟି କରିଥାଏ । ଯଦି ଠିକ୍ ସମୟରେ ଚିକିତ୍ସା କରା ନ ଯାଏ ତେବେ ଏହା ଯକୃତକୁ କ୍ଷତି ପହଞ୍ଚାଇଥାଏ । ଏହି ରୋଗ ଯକୃତ ବିଫଳତାର କାରଣ ମଧ୍ୟ ହୋଇଥାଏ । ଏପରି ପରିସ୍ଥିତିରେ ଯକୃତ ପ୍ରତିରୋପଣ ଆବଶ୍ୟକ ହୋଇଥାଏ । ଯଦି ଏହା ନହୁଏ ତେବେ ରୋଗୀର ମୃତ୍ୟୁ ହେବାର ଆଶଙ୍କା ରହିଥାଏ । କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଆପଣମାନେ ବିଜୁ ଜନତା ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ ।କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁରର ସାଂସଦ ପ୍ରାର୍ଥୀଙ୍କୁ ଶାଣିତ ପ୍ରଶ୍ନ ମାଧ୍ୟମରେ ପଚାରିଥିଲେ ଯେ ଆପଣ ଏ ଅଞ୍ଚଳ ପାଇଁ, ମହାନଦୀ ପାଇଁ ମା ସମଲେଇଙ୍କ ପାଇଁ କ'ଣ କରିଛନ୍ତି, ଏହାର ଉତ୍ତର ରଖିବେ । ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଏ ଅଞ୍ଚଳର ପରିଚୟ ହେଉଛି ସମ୍ବଲପୁରୀ କୋଶଳୀ ଭାଷା । ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପାଞ୍ଚ ଥର କେନ୍ଦ୍ରକୁ ପ୍ରସ୍ତାବ ପଠାଇଥିଲେ । କେନ୍ଦ୍ରମନ୍ତ୍ରୀ ଉତ୍ତର ଦେଇପାରିବେ କି ? କାହିଁକି ଅନ୍ତର୍ଭୁକ୍ତ ହେଲା ନାହିଁ ? ସେ ଆହୁରି ମଧ୍ୟ ପଚାରିଥିଲେ, ସମ୍ବଲପୁରୀ ଶାଢ଼ୀ ଏ ଅଞ୍ଚଳର ମୁଖ୍ୟ ପରିଚୟ । ସମ୍ବଲପୁରୀ ଶାଢ଼ୀର ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର କଳାଭୂମିଠାରେ ମ୍ୟୁଜିୟମ୍ କରିଛନ୍ତି । ସେ କ'ଣ କରିଛନ୍ତି ? ସମ୍ବଲପୁରୀ ଶାଢ଼ୀ ଡିଜାଇନରେ ଭୁବନେଶ୍ୱର ଠାରେ କୃଷିଭବନ ମୁଖ୍ୟମନ୍ତ୍ରୀ ତିଆରି କରିଛନ୍ତି । ଏହି ଭବନ ସାରା ବିଶ୍ୱରେ ଏକ ନମ୍ବର ହୋଇ ଆୱାର୍ଡ ପାଇଛି, ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଅବଦାନ ସମ୍ବଲପୁରୀ ଶାଢ଼ୀ ପାଇଁ । ମୁଖ୍ୟମନ୍ତ୍ରୀ ବୁଣାକାରମାନଙ୍କ ଉନ୍ନତି ପାଇଁ ଗୁଡ଼ାଏ ପ୍ୟାକେଜ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କଣ କରିଛନ୍ତି ? ଚାହିଁଥିଲେ ଟେକ୍ସଟାଇଲ ପାର୍କ କରିପାରିଥାନ୍ତେ ? ରପ୍ତାନୀ ପାଇଁ ଉଦ୍ୟମ କରିପାରିଥାନ୍ତେ । କିଛି କଲେ ନାହିଁ । ଏ ଅଞ୍ଚଳର ବୀର ସୁରେନ୍ଦ୍ର ସାଏ, ଭୀମ ଭୋଇ, ଗଂଗାଧର ମେହେର, ପାର୍ବତୀ ଗିରିଙ୍କ ପରି ବରପୁତ୍ରମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ବିଜେପି ସରକାର କ'ଣ କରିଛି ? ଆମ ସରକାର ଏହି ବରପୁତ୍ରମାନଙ୍କ ସ୍ମୃତି ପୀଠର ଉନ୍ନତି କରୁଛନ୍ତି । ସେମାନଙ୍କ ସମ୍ମାନାର୍ଥେ ବହୁ ଯୋଜନା ମଧ୍ୟ ନାମିତ କରିଛନ୍ତି । ମହାନଦୀ ଆମ ଓଡ଼ିଆଙ୍କ ଅସ୍ମିତା । ଓଡ଼ିଶାର ମହାନଦୀ ଆନ୍ଦୋଳନ ବେଳେ ବିଜେପି ସରକାର ଛତିଶ୍ଗଡ଼ ସହିତ ଠିଆ ହେଲା, ଅଥଚ ଓଡ଼ିଶାକୁ ଭୁଲିଗଲା । ମହାନଦୀ ଟ୍ରିବୁନାଲ ଗଠନକୁ ବିରୋଧ କଲା । ଓଡ଼ିଶାବାସୀ ଓ ଓଡ଼ିଶାର ଚାଷିକୁଳଙ୍କୁ ସେ ସମୟରେ ବିଜେପି ସରକାର ଭୁଲିଗଲା । ସେ ଆହୁରି ମଧ୍ୟ କହିଲେ ଯେ, ମା ସମଲେଇ ପ୍ରକଳ୍ପ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ସ୍ୱପ୍ନର କାର୍ଯ୍ୟକ୍ରମ ଥିଲା । ସେତେବେଳେ ମଧ୍ୟ ଏହାକୁ ବିରୋଧ କଲେ । ବିରୋଧ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲେ । ମା ସମଲେଇଙ୍କ କୃପାରୁ ସେମାନେ ଏଥିରେ ସଫଳ ହେଲେ ନାହିଁ। ସୁରୁଖୁରୁରେ ସମଲେଇ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହେଲା । ଏହି ପ୍ରକଳ୍ପ ପାଇଁ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବହୁ ପରିଶ୍ରମ କରିଛନ୍ତି । ସମ୍ବଲପୁର ଅଞ୍ଚଳର ବହୁ ଗରିବ ଲୋକ କେନ୍ଦୁପତ୍ର ଉପରେ ନିର୍ଭର କରିଥାନ୍ତି । କେନ୍ଦୁପତ୍ର ତୋଳାଳୀ ଉପରେ କେନ୍ଦ୍ରସରକାର ଜି.ଏସ୍.ଟି. ଲାଗୁ କଲେ । ବଡ଼ ବଡ଼ କମ୍ପାନୀ ଓ ପୁଞ୍ଜୀନିବେଶକାରୀଙ୍କ ଠାରୁ ସିନା ଜି.ଏସ୍.ଟି. ନେବେ, ଜଙ୍ଗଲ ଉପରେ ନିର୍ଭର କରୁଥିବା ଗରିବ ଲୋକଙ୍କ ଠାରୁ ଜି.ଏସ୍.ଟି. ନେବା ଉଚିତ କି ବୋଲି ସେ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରୁ ରାଜ୍ୟ ଜି.ଏସ୍.ଟି. ଫେରାଇ ନେଇଛନ୍ତି । ସେମାନଙ୍କ ପାଇଁ ବହୁତ ବଡ଼ ବଡ଼ ପ୍ୟାକେଜ କରିଛନ୍ତି । ଏ ବାବଦରେ କେବେ ସ୍ୱର ଉତ୍ତୋଳନ କରିଛନ୍ତି କି, କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରାର୍ଥୀ । କହିଥିଲେ ଏମ୍.ଏସ୍.ପି. ଦୁଇଗୁଣ ହେବ, ହେଲା କି ? ଏବେ ଇଲେକ୍ସନ ୧୦ ଦିନ ଅଛି, ପୁଣି ମନେ ପଡୁଛି, ୧୦ ବର୍ଷ ହେଲା କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ସମ୍ବଲପୁରର ସବୁ ହାଇସ୍କୁଲକୁ ୫ଟି ରୂପାନ୍ତରଣ କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଗୋଟିଏ ସ୍କୁଲ କରିଛନ୍ତି କି ? ଅଞ୍ଚଳ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଆଣିଛନ୍ତି କି ? ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ସମ୍ବଲପୁର କିମ୍ବା ଦେଗଗଡ଼ରେ ଦକ୍ଷତା ବିକାଶ କେନ୍ଦ୍ର ଗୋଟିଏ ଖୋଲିଲେ କି ? ଏ ଅଞ୍ଚଳକୁ କାହିଁକି ଅବହେଳା କଲେ ? ତୈଳମନ୍ତ୍ରୀ ଥିବା ବେଳେ ୨ ମାସକୁ ଥରେ ତାଙ୍କ ଦସ୍ତଖତରେ ପେଟ୍ରୋଲ, ଡିଜେଲ ଓ ଏଲ୍.ପି.ଜି. ଦର ବଢୁଥିଲା। ସାଧାରଣ ଖାଉଟିର କଷ୍ଟକୁ ସେତେବେଳେ ସେ କ'ଣ ଅନୁଭବ କରିପାରୁନଥିଲେ। କେନ୍ଦ୍ରମନ୍ତ୍ରୀ ଆତ୍ମସମୀକ୍ଷା କରନ୍ତୁ, ଲୋକଙ୍କ ପାଖରେ ଉତ୍ତରଦାୟୀ ହୁଅନ୍ତୁ । ମୁଖ୍ୟମନ୍ତ୍ରୀ ୩ ବର୍ଷ ମଧ୍ୟରେ ବିଜୁ ଏକ୍ସପ୍ରେସ୍ ୱେ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ । ଅଥଚ କଟକ-ସମ୍ବଲପୁର ରାସ୍ତା ୧୦ ବର୍ଷ ହେଲା ହୋଇପାରୁନାହିଁ । ଲୋକଙ୍କ ଯିବାଆସିବା ଅସୁବିଧା ଠାରୁ ଆରମ୍ଭ କରି ବହୁ ଧନଜୀବନ ଏଥିପାଇଁ କ୍ଷୟକ୍ଷତି ଘଟୁଛି । କେନ୍ଦ୍ରସରକାରଙ୍କୁ ଟାର୍ଗେଟ କରି ସେ ପୁଣି କହିଥିଲେ ଯେ, ଏମ୍.ସି.ଏଲ୍. ପ୍ରତିବର୍ଷ କୋଇଲା ବାବଦକୁ ଓଡ଼ିଶାରୁ ୨୭ ହଜାର କୋଟି ଟଙ୍କା ପାଉଛି । କିନ୍ତୁ ଓଡ଼ିଶାବାସୀ ପାଉଛନ୍ତି ପ୍ରଦୂଷଣ । ଏବଂ ଓଡ଼ିଶା ପାଉଛି ମାତ୍ର ୪ ହଜାର କୋଟି ଟଙ୍କା । ଏଇଟା କ'ଣ ଉଚିତ ହେଉଛି କି ?ସମ୍ବଲପୁର ଓ ରେଙ୍ଗାଲୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କର ବହୁତ ବଡ଼ ମାଷ୍ଟର ପ୍ଲାନ ରହିଛି ବୋଲି ସେ ସୂଚନା ଦେଇ ବିଜୁ ଜନତା ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଥିଲେ।

୧୯ ସନ୍ଧ୍ୟାରେ ଭୁବନେଶ୍ୱର ଆସିବେ...

ରହିପାରନ୍ତି। ସେହିପରି ପୁରୀ ଜିଲ୍ଲାର ବିଜେପି ବିଧାୟକ ପ୍ରାର୍ଥୀମାନେ, ନେତା ଓ କର୍ମୀମାନେ ଉପସ୍ଥିତ ରହିବେ। ବଡ଼ଦାଣ୍ଡରେ ପ୍ରଥମ ଥର ପାଇଁ ରୋଡ ଶୋ'ହେଉଥିବାରୁ ମୋଦିଙ୍କ ଝଲକ ପାଇବାକୁ ସମର୍ଥକମାନେ ସୁଯୋଗ ପାଇପାରିବେ। ରୋଡ୍ ଶୋ' ଅବସରରେ ପ୍ରଧାନମନ୍ତ୍ରୀ କିଛି ବାଟ ଚାଲିଚାଲି ଲୋକଙ୍କ ସହ ହାତ ମିଳାଇବେ। ସକାଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ହେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ରୋଡ ଶୋ' ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ପୁଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାପରେ କଟକ ଓ ଅନୁଗୁଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି।

୬ ରାଜ୍ୟକୁ ହିଟୱେଭ, ୩ ରାଜ୍ୟକୁ ପ୍ରବଳ...

ରାଜସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁ ସାରିଲାଣି। ପଞ୍ଜାବ ଓ ହରିୟାଣର ତାପମାତ୍ରା ମଧ୍ୟ ୪୪ ଡିଗ୍ରୀ ପାଖରେ ପହଞ୍ଚିଛି। ଉତ୍ତର ପ୍ରଦେଶରେ ମଧ୍ୟ ହିଟୱେଭ ସ୍ଥିତି ଦେଖିବାକୁ ମିଳିଛି। ଆସନ୍ତା ୫ ଦିନ ପାଇଁ ରାଜସ୍ଥାନ, ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରେ ହିଟୱେଭ ସ୍ଥିତି ଲାଗି ରହିବ। ମଧ୍ୟପ୍ରଦେଶ ଓ ବିହାରରେ ୪ ଦିନ ପାଇଁ ଏପରି ସ୍ଥିତି ଅନୁଭୂତ ହେବ। ଏହାପରେ ଛୋଟ ଧରଣର କାଳବୈଶାଖୀ ଆସିବ। ଏଥିଯୋଗୁ ତାପମାତ୍ରା ହ୍ରାସ ପାଇବ।" ଅନ୍ୟପକ୍ଷରେ କୁମାର ଦକ୍ଷିଣ ରାଜ୍ୟଗୁଡ଼ିକର ପାଣିପାଗ ସ୍ଥିତିକୁ ଆକଳନ କରିଛନ୍ତି। ତାଙ୍କ କହିବା କଥା, ତାମିଲନାଡ୍ରୁ, କେରଳ ଓ ଦକ୍ଷିଣ କର୍ଣ୍ଣାଟକରେ ଆସନ୍ତା ୫ ଦିନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆମେରିକା-ଦକ୍ଷିଣ କୋରିଆ ସମରାଭ୍ୟାସ ...

ଏହି କ୍ଷେପଣାସ୍ତ୍ର ପ୍ରାୟ ୩୦୦ କିଲୋମିଟର ପର୍ଯ୍ୟନ୍ତ ଗତି କରି କୋରିଆ ଉପଦ୍ୱୀପ ଓ ଜାପାନ ମଧ୍ୟରେ ସମୁଦ୍ରରେ ଖସି ପଡ଼ିଥିଲା। ଆମେରିକା ଓ ଦକ୍ଷିଣ କୋରିଆର ମିଳିତ ସମରାଭ୍ୟାସରେ ଦକ୍ଷିଣ କୋରିଆର ୨ଟି ଏଫ୍-୩୫ଏଏସ୍ ଓ ୨ଟି ୟୁଏସ୍ ଏଫ୍-୨୨ ସାମିଲ ହୋଇଥିଲେ। ଗତ କିଛି ମାସ ହେବ ଉତ୍ତର କୋରିଆ ଲଗାତାର ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରୁଛି। ଇତିମଧ୍ୟରେ ଆମେରିକା ଓ ଦକ୍ଷିଣ କୋରିଆ ମଧ୍ୟ ଏହି ଅଞ୍ଚଳରେ ବାରମ୍ବାର ମିଳିତ ଅଭ୍ୟାସ କରୁଛନ୍ତି। ଏହା ଫଳରେ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଚାଲିଛି। ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଗତ ସପ୍ତାହରେ ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍ ଏକ ନୂତନ ମଲଟିପଲ ରକେଟ୍ ଉତ୍କ୍ଷେପଣ ପ୍ରଣାଳୀର ଆଉ ଏକ ପରୀକ୍ଷଣ ତଦାରଖ କରିଥିଲେ। ଅଧିକ ଉନ୍ନତ ଓ ଘାତକ ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରି ଉତ୍ତର କୋରିଆ ମନେକରୁଛି ଯେ ଆଲୋଚନା ଆରମ୍ଭ ହେଲେ ଆମେରିକା ସହ ଅଧିକ ଫାଇଦା ମିଳିପାରିବ ।

ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ...

ସାମିଲ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସଖି ବୁଥରେ ମହିଳା ପୋଲିଂ ଏଜେଣ୍ଟ ଦେବା ପାଇଁ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ। ଏହା ସହ ସମସ୍ତ ପୋଲିଂ ଏଜେଣ୍ଟମାନଙ୍କୁ 'ପରିଚୟ ପତ୍ର' ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ରାଜନୈତିକ ଦଳର ପ୍ରତିନିଧିମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସଦିଚ୍ଛା ଓ ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହ ଆଦର୍ଶ ଆଚରଣ ବିଧିର ଅନୁପାଳନପୂର୍ବକ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ନେଇ ମତପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ରେଳ ସପ୍ତାହ ପୁରସ୍କାର ବିତରଣ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ, ରେତଙ୍ଗ କଲୋନୀ ରେଲୱେ କଲ୍ୟାଣ ମଣ୍ଡପରେ ୬୮ତମ ରେଳ ସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ରେଳ ସେବା ପୁରସ୍କାର-୨୦୨୩ ଆୟୋଜିତ କରାଯାଇଛି। ଏହି ଉତ୍ସବରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ.ଏସ. ବାଜୱା, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), କଲ୍ୟାଣ ପଟ୍ଟନାୟକ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, ଏହି ଉତ୍ସବରେ ଆସନ ଅଳଙ୍କୃତ କରିଥିଲେ। ଏହି ଅବସରରେ ଏଚ.ଏସ. ବାଜୱା ନିଜ ଅଭିଭାଷଣରେ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଗତିଶୀଳ ମନୋଭାବ ସହିତ କର୍ତ୍ତବ୍ୟ ପ୍ରତି ନିରନ୍ତର ଉଦ୍ୟମ ପାଇଁ ସମସ୍ତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ବିଶିଷ୍ଟ ରେଳ ସେବା ପୁରସ୍କାର-୨୩ରେ ସାମଗ୍ରିକ ଦକ୍ଷତା ସିଲ୍ଡ ସମେତ ଖୋର୍ଦ୍ଧା ରୋଡ୍ ଡିଭିଜନ ଆଠଟା ଦକ୍ଷତା ସିଲ୍ଡ ହାସଲ କରିଛି ବୋଲି ସେ କହିଁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ହୋଇଥିବା ସଫଳତାକୁ ଆଲୋକିତ କରି ସେ କହିଛନ୍ତି ଯେ ମାଲ୍ ପରିବହନରେ (ଲୋଡିଂ ଏବଂ ଅନଲୋଡିଂ) ଖୋର୍ଦ୍ଧା ରୋଡ୍ ଡିଭିଜନ୍, ସମସ୍ତ ଡିଭିଜନ ମଧ୍ୟରେ ପ୍ରଥମ ସ୍ଥାନ ହାସିଲ କରିଛି। ମାଲ୍ ପରିବହନ (ଲୋଡିଂ ଦୃଷ୍ଟିରୁ) ଦେଶର ସମସ୍ତ ଡିଭିଜନ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ତୃତୀୟ ନମ୍ବରରେ ରହିଛି। ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳକୁ ସର୍ବୋତ୍ତମ କରିବା ପାଇଁ ସମସ୍ତେ ଉତ୍ସର୍ଗୀକୃତ ତଥା ସହଯୋଗରେ କାର୍ଯ୍ୟ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ନିବେଦନ କରିଛନ୍ତି। ୬୮ତମ ରେଳ ସପ୍ତାହ ପୁରସ୍କାର ବିତରଣ ସମାରୋହରେ ମଣ୍ଡଳ ରେଳ ପ୍ରବନ୍ଧକ, ଆନ୍ତରିକତା ଏବଂ ଉତ୍ସରଗୀକୃତ ସେବା ପାଇଁ ରେଳବାଇ ପୁରୁଷ ଏବଂ ମହିଳା କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର-୨୦୨୩ ପ୍ରଦାନ କରିଥିଲେ। ସମୁଦାୟ ୬୫ ରେଳ କର୍ମଚାରୀଙ୍କୁ ରେଳ ସେବା ପୁରସ୍କର -୨୦୨୩ ସହିତ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କର୍ମଚାରୀ ଏବଂ ସଙ୍ଗୀତା, ଶ୍ରୀଜନକୁଞ୍ଜ, ବିଜେବି ଇନଷ୍ଟିଚ୍ୟୁଟ୍‌ର ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ସମସ୍ତ ଶାଖା ଅଧିକାରୀ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଦସ୍ୟାମାନେ ଉପସ୍ଥିତ ଥିଲେଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡ଼ା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିଛି

ଲାଞ୍ଜିଗଡ, ନ୍ୟୁଜ୍‌ବ୍ୟୁରୋ

ବେଦାନ୍ତ ଲିମିଟେଡ୍, ଲାଞ୍ଜିଗଡ଼, ଭାରତର ପ୍ରମୁଖ ଗ୍ରେଡ୍ ଆଲୁମିନା ଉତ୍ପାଦକ ସ୍ମେଲଟର ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍, ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଏକ ବ୍ୟାପକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ତଥା ରକ୍ତଦାନ ଡ୍ରାଇଭ୍ ର ଆୟୋଜନ କରିଥିଲା। ଏକ ସପ୍ତାହ ବ୍ୟାପୀ ଇଭେଣ୍ଟ କଳାହାଣ୍ଡିର ବିଭିନ୍ନ ଗ୍ରାମରେ ଏକାଧିକ ସ୍ୱାସ୍ଥ୍ୟ ଶିବିର ଏବଂ ସଚେତନତା ଡ୍ରାଇଭ୍ ମାଧ୍ୟମରେ ଉପଲବ୍ଧ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଥିଲା, ଯେଉଁଥିରେ ସମ୍ପ୍ରଦାୟର ଉଲ୍ଲେଖନୀୟ ଅଂଶଗ୍ରହଣର ପରିଲିଖିତ କରାଯାଇଥିଲା । ୩୫୦ ରୁ ଅଧିକ ସମ୍ପ୍ରଦାୟର ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଏହି ଅଭିଯାନ ଏକ ପ୍ରମୁଖ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଏବଂ ବେଦାନ୍ତ ହସ୍ପିଟାଲରେ ରକ୍ତଦାନ ଡ୍ରାଇଭ୍ ସହିତ ଶେଷ ହୋଇଥିଲା। ସାଧାରଣ ଚିକିତ୍ସା, ଶିଶୁରୋଗ, ସ୍ତ୍ରୀ ରୋଗ, ଚକ୍ଷୁ ଚିକିତ୍ସା, ଏବଂ ଦନ୍ତ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଓ ସହିତ ତତ୍‌ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ ।

ରକ୍ତଦାନ ଡ୍ରାଇଭ୍ ଦ୍ୱାରା ୩୨ ୟୁନିଟ୍ ରକ୍ତ ସଂଗ୍ରହ କରି ଏହି ଅଞ୍ଚଳରେ ଟ୍ରାନ୍ସଫ୍ୟୁଜେବଲ୍ ରକ୍ତର ଗୁରୁତର ଅଭାବକୁ ଦୂର କରିବା ପାଇଁ ଅତୁଳନୀୟ ସମର୍ଥନ ହାସଲ କରିଥିଲା, ଯାହାକି ଆବଶ୍ୟକ କରୁଥିବା ଅନେକ ଲୋକଙ୍କ ଜୀବନ ରକ୍ଷା କରିପାରିବ । ବେଦାନ୍ତ ହସ୍ପିଟାଲର ମେଡିକାଲ୍ ଅଫିସର ଡ.ବୁଦ୍ଧଦେବ ଗମାଙ୍ଗୋ, ଏହି ପଦକ୍ଷେପ ସହିତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ଜଣେ ଡାକ୍ତର ଭାବରେ, ବେଦାନ୍ତ ଲାଞ୍ଜିଗଡ଼ର ଅଖଣ୍ଡତା, ସମ୍ମାନ ଏବଂ ଯତ୍ନ ସହିତ ସମ୍ପ୍ରଦାୟ ପ୍ରତି ଅବିରତ ଅବଦାନ ପ୍ରଶଂସନୀୟ । ସାମାଜିକ ଦାୟିତ୍ୱ ଏବଂ ପରିବେଶ ପରିଚାଳନା ଦାୟିତ୍ୱରେ ସେମାନଙ୍କର ଅଦମ୍ୟ ପ୍ରତିବଦ୍ଧତା ସମସ୍ତ ହିତାଧିକାରୀଙ୍କ ପାଇଁ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଥାଏ । ଏହିପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଏହାର ମୂଲ୍ୟ ଏବଂ ଦୂରଦୃଷ୍ଟି ବଜାୟ ରଖିବାରେ ସମର୍ଥ ହେବାସହିତ ସମସ୍ତଙ୍କ ପାଇଁ ଏକ ସୁସ୍ଥ ଏବଂ ସମୃଦ୍ଧ ଭବିଷ୍ୟତ ଗଠନ କରିବାପାଇଁ ଆଶାରଖିଛି ।

ହାଇୱା ଜବତ, ଜରିମାନା ଆଦାୟ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲାର ବିଭିନ୍ନ ନଦୀରେ ଥିବା ବାଲି ସୈରାତରୁ ଦୈନିକ ଶହ ଶହ ହାଇୱା ବେଆଇନ ବାଲି ଉଠାଇ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ସଂପୃକ୍ତ ଅଞ୍ଚଳର ରାଜସ୍ୱ ଅଧିକାରୀମାନେ ଆଖିବୁଜି ଦେଇ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ତେବେ ଗୁରୁବାର ଟାଉନ ଥାନା ପୋଲିସ କେନ୍ଦ୍ରାପଡ଼ା ପୌରାଞ୍ଚଳର ଲକ୍ ପୋଲ ନିକଟରୁ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ତନଖି କରିଥିଲେ । ତେବେ ଉପଯୁକ୍ତ କାଗଜପତ୍ର ନଥିବା ଏବଂ ଏହା ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଏହି ଟ୍ରକ୍‌କୁ ଟାଉନ ପୋଲିସ ଓ ଜିଲ୍ଲା ଖଣି ଅଧିକାରୀ ଜବତ କରି ଜରିମାନା ଆଦାୟ କରିଥିବା ଜଣାପଡିଛି ।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜଳ ବାହିନୀ ଉଦ୍‌ଘାଟିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ତା୧୯.୪.୨୦୨୪ ରିଖ ସ୍ଥାନୀୟ ବୋମାଲୋଇ ପଞ୍ଚାୟତ କାର୍ଯ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣ ଠାରେ, ଆଦିତ୍ୟ ଆଲୁମିନିୟମ ଦ୍ୱାରା ଚଳିତ ବର୍ଷ ନିମନ୍ତେ ପ୍ରକଳ୍ପ ଜଳ ବାହିନୀର ଶୁଭଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ, ଭବାନି ମହାପାତ୍ର, ମାନବ ସମ୍ବଳ ଅଧିକାରୀ ପ୍ରିତମ ଜେନା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେରା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଅଞ୍ଚଳରେ ଘୋର ପାନୀୟ ଜଳ ସଂକଟକୁ ଅନୁଧ୍ୟାନ କରି, ଦୀର୍ଘ ବର୍ଷରୁ ଅଞ୍ଚଳର ବୁଦ୍ଧିଜୀବୀ, ପଞ୍ଚାୟତ କାର୍ଯ୍ୟକର୍ତ୍ତା, ବ୍ଲକ୍ ପ୍ରଶାସନ ଓ ଜନ ସାଧାରଣଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଜାରି ରହିଅଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ୩୪ଟି ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ୭୮ଟି ଗ୍ରାମର ୨୫୦୦୦ ଜନସାଧାରଣ ଉପକୃତ ହୋଇ ପାଇବେ ବୋଲି ଆଶା କରାଯାଉଛି। ଆଦିତ୍ୟର ଏହି ମହନୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜନ ସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରସଂଶୀତ ହୋଇଅଛି। ଉପସ୍ଥିତ କମ୍ପାନୀର କାର୍ଯ୍ୟକର୍ତ୍ତାମାନେ ଶୁଭ ପତାକା ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ବିଆଇପିଏଫ ସ୍କୁଲର ସଫଳତା

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ସ୍ଥାନୀୟ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ) ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ହୋଇଥିବା ଜଣା ପଡ଼ିଛି । ପରୀକ୍ଷା ଦେଇଥିବା ବିଦ୍ୟାଳୟର ୧୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ୯୧%ରୁ ଉର୍ଦ୍ଧ୍ୱ ଏବଂ ୧୫ଜଣ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଛନ୍ତି । ଛାତ୍ରୀ ମାନ୍ୟତା ଚୌଧୁରୀ ୯୩.୬% ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବାବେଳେ ପ୍ରିତି ସାରନ୍ ଦାସ ୯୩% ଓ ଅଲଭିସ୍ ବିହାରୀ ୯୧.୨% ନମ୍ବର ରଖିଛନ୍ତି । ପିଲାମାନଙ୍କ ଏ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ମଣ୍ଡଳୀ, ଅଧକ୍ଷା ନମଶ୍ରୀ ପତି ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କୃତି ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସାମ୍ବାଦିକ ପ୍ରତାପଙ୍କ ଦେହାନ୍ତ

ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ

ସାମ୍ବାଦିକ ପ୍ରତାପକୁମାର ଭକ୍ତାଙ୍କ ଗୁରୁବାର ୪୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡିତ ଥିଲେ। କିଛି ବର୍ଷ ପୂର୍ବେ ତାଙ୍କର ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। ସେ ଦୈନିକ ଖବରକାଗଜ ସର୍ବସାଧାରଣରେ କିଛି ଦିନ ଆଠଗଡ଼ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଆଠଗଡ଼ ପ୍ରେସକ୍ଲବର ପୂର୍ବତନ ସଭାପତି ତଥା ଦୈନିକ ପ୍ରତିଦିନର ଆଠଗଡ଼ ପ୍ରତିନିଧି ସର୍ବେଶ୍ୱର ପଣ୍ଡା, ସାମ୍ବାଦିକ ଉପେନ୍ଦ୍ର ବାରିକ, ସଂଯୋଗ ସାମନ୍ତ, ପାର୍ଥସାରଥୀ ପଟ୍ଟନାୟକଙ୍କ ସମେତ ବହୁ ଶୁଭେଚ୍ଛୁ ଖବର ପାଇ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ତାଙ୍କର ବିଧବା ପତ୍ନୀ ଓ ଦୁଇ ପୁଅ ଅଛନ୍ତି।

କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜର ୮୧ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜର ୮୧ତମ ପ୍ରତିଷ୍ଠା ଦିବସ ଭଞ୍ଜ ମଣ୍ଡପ ମିଶନ ରୋଡ୍ କଟକ ଠାରେ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଡ ବାଉରୀବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ହରିଶ୍ଚନ୍ଦ୍ର ବେହେରା ଏବଂ ମୁଖ୍ୟ ବକ୍ତା ଥିଲେ ଇଂ ଚନ୍ଦ୍ରଶେଖର ନନ୍ଦ, ପ୍ରଭାତ କୁମାର ନନ୍ଦ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଡାକ୍ତର ଅଂଶୁମାନ କର।

ଭୋଟ୍ ଗଣତି ପାଇଁ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ୍

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜୁନ୍ ୪ ତାରିଖରେ ହେବାକୁ ଥିବା ଗଣତି କାର୍ଯ୍ୟକ୍ରମ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ପିତ କୁମାର ଗଡ଼ନାୟକ, ସି.ଡି.ଓ. ସରୋଜ କୁମାର ଦତ୍ତ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇ ବୈଠକରେ ଉପସ୍ଥିତ ସମସ୍ତ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଓ ପ୍ରଶିକ୍ଷାର୍ଥୀ ଭାବେ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଗଣତି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ଭଲ ଭାବେ ବୁଝି ସନ୍ଦେହ ମୁକ୍ତ ହେବା ଏବଂ ସେଥିପାଇଁ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାର୍ଗ ଦର୍ଶିକାକୁ ଭଲ ଭାବେ ପଢ଼ିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଦୃଶ୍ୟ ଫଳକ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ପୋଷ୍ଟାଲ ଭୋଟ୍‌ରେ ବ୍ୟବହୃତ ବିଭିନ୍ନ ଫର୍ମ ବାଲଟ୍ ପେପର ଓ ତାହାର ଗଣତି ପ୍ରକ୍ରିୟା ସମ୍ବନ୍ଧରେ ଟିକିନିଖି ବୁଝାଇଥିଲେ । ସୂଚନାଯୋଗ୍ୟକି ଗଣତି ଦିନ ସକାଳ ୮ ଘଟିକାରେ ପ୍ରଥମେ ପୋଷ୍ଟାଲ ଭୋଟ୍‌ରୁ ହିଁ ଗଣତି କାର୍ଯ୍ୟ ଆରମ୍ଭ ହେବ। ପୋଷ୍ଟାଲ ଭୋଟ ଗଣତିର ଅଧଘଣ୍ଟାଏ ପରେ ଅର୍ଥାତ ୮ଘ ୩୦ମିରେ ଇଭିଏମ୍‌ର ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ। ଇ.ଭି.ଏମ୍.ର ଭୋଟ ଗଣତି ପ୍ରକ୍ରିୟାର ପ୍ରତିଟି ପର୍ଯ୍ୟାୟ ସମ୍ବନ୍ଧରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପ୍ରଶ୍ନୋତ୍ତର ଜରିଆରେ ତାଲିମ ପ୍ରଦାନ କରାଯାଇ ଥିଲା । ପ୍ରକାଶଥାଉକି ୪୬-ଧାମନଗର(ଏସ.ସି.) ବିଧାନ ସଭା ଓ ବିଧାନସଭା ସେଗମେଣ୍ଟ ପାଇଁ ଜିଲ୍ଲା କାର୍ଯ୍ୟାଳୟ ନିକଟସ୍ଥ ସଂସ୍କୃତି ଭବନରେ ଓ ଜିଲ୍ଲାର ଅନ୍ୟ ୪ଟି ବିଧାନସଭା ଓ ବିଧାନସଭା ସେଗମେଣ୍ଟ ପାଇଁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗଣତି ପାଇଁ ପ୍ରସ୍ତୁତି କରାଯାଇଛି ।

ଘସିପୁରା ନିର୍ବାଚନମଣ୍ଡଳୀରୁ ଗୁଣ୍ଡାରାଜ ବନ୍ଦ କରାଯିବ : ସୌମ୍ୟରଞ୍ଜନ

ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ

ଆନନ୍ଦପୁର ଉପଖଣ୍ଡ ଘସିପୁରା ଠାରେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ରାତିରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ମତ ରଖି ସାମ୍ବାଦିକ ମାନଙ୍କର ଉତ୍ତର ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହ ଯୁବ ନେତା ଯଜ୍ଞ ପ୍ରସାଦ ସାହୁ ଓ ଘସିପୁରା ନିର୍ବାଚନ ମଣ୍ଡଳୀର ପୁରୁଖା ନେତା ଉପସ୍ଥିତ ଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଘସିପୁରା ନିର୍ବାଚନ ମଣ୍ଡଳୀରେ କିପରି ନିରପେକ୍ଷ, ଶାନ୍ତି ଶୃଙ୍ଖଳରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ଘସିପୁରା ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଆଗାମୀ ନିର୍ବାଚନରେ ଜିତାଇ ନିର୍ବାଚିତ କରାଇଲେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ଗୁଣ୍ଡାରାଜ, ମାଫିଆମାନଙ୍କର ପ୍ରାଦୁର୍ଭାବ ଦୂର କରିବା ସହିତ ଘସିପୁରା ନିର୍ବାଚନ ମଣ୍ଡଳୀର ବିକାଶ କରିବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ ବୋଲି ସଂକେତ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆନନ୍ଦପୁର ଉପଖଣ୍ଡର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୧୮ ମଇ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଅସ୍ଥିର ସେନ୍‌ସେକ୍ସ ୬୭୬ ପଏଣ୍ଟ ବଢ଼ିଲା: ନିବେଶକଙ୍କୁ ୩ ଲକ୍ଷ କୋଟି ଲାଭ

ମୁମ୍ବାଇ, ୧୭/୦୫
ନ୍ୟୁଜ ବ୍ୟୁରୋ

ଷ୍ଟକ୍ ବଜାର କାରବାରରେ ଅସ୍ଥିରତା ଲାଗିରହିଛି। କେତେବେଳେ ଉତ୍ସାହଜନକ କାରବାର ହେଉଥିବା ବେଳେ ଆଉ କେତେବେଳେ ହଠାତ୍ ନିବେଶକମାନେ ସେୟାର ବିକ୍ରି କରୁଛନ୍ତି। ଗୁରୁବାର ବଜାରରେ ସେଭଳି ଅସ୍ଥିର କାରବାର ହୋଇଥିଲା। ସେନସେକ୍ସ ଶୁକ୍ରବାର ୧୨୨୦ ପଏଣ୍ଟ ତଳ ଉପର ହେବା ପରେ ଶେଷରେ ଗୁରୁବାରର ବନ୍ଦ ତୁଳନାରେ ୬୭୬ ପଏଣ୍ଟ ବୃଦ୍ଧି ସହ ୭୩,୬୬୩ ପଏଣ୍ଟରେ ବନ୍ଦ ହୋଇଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୦୩ ପଏଣ୍ଟ ବୃଦ୍ଧି ସହ ୨୨,୪୦୩ ପଏଣ୍ଟରେ

ବନ୍ଦ ହୋଇଛି। ଗୁରୁବାର ବୈଦେଶିକ ସଂସ୍ଥାଗତ ନିବେଶକମାନେ ୨,୮୩୨ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି।

ଷ୍ଟକ୍ ବଜାରରେ ଘଟିଥିବା ବୃଦ୍ଧି ପ୍ରଭାବରେ ନିବେଶକମାନଙ୍କ ସମ୍ପତ୍ତିରେ ଶୁକ୍ରବାର ୩ ଲକ୍ଷ କୋଟି ଟଙ୍କାର ବୃଦ୍ଧି ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ପୁଣି ଥରେ ୪୦୦ ଲକ୍ଷ କୋଟି ଟଙ୍କା ମାଇଲଖୁଣ୍ଟ ଅତିକ୍ରମ କରିଛି। ଷ୍ଟକ୍ ବଜାରରେ ଶୁକ୍ରବାର ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍, ଟେକ୍ ମହିନ୍ଦ୍ରା, ଭାରତୀ ଏୟାରଟେଲ୍, ଏଲ୍‌ଟିଆଇମାଇଣ୍ଡଟ୍ରି, ଇନ୍‌ଫୋସିସ୍, ଟାଇଟାନ୍ ଓ ଏଚ୍‌ଡିଏଫ୍‌ସି ଲାଇଫ୍‌ର ସେୟାର ମୂଲ୍ୟରେ ୨-୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସୂଚୀରେ ଶୁକ୍ରବାର ହ୍ରାସ ଘଟିଥିବା ବେଳେ ନିଫ୍ଟି ରିଅଲ୍‌ଟି, ନିଫ୍ଟି ମିଡିଆ ଓ ନିଫ୍ଟି ଫାଇନାନ୍ସିଆଲ୍ ସର୍ଭିସେସ୍ ବୃଦ୍ଧି ସହ ବନ୍ଦ ହୋଇଛି। ଶୁକ୍ରବାର କାରବାର ଆରମ୍ଭ ବେଳକୁ ନିବେଶକମାନେ ନିରାଶ ଥିଲେ। ମାତ୍ର ଆମେରିକାରେ ମୁଦ୍ରାସ୍ଫୀତି ହାର କମ୍ ହେବା ଖବର ଆସିବା ପରେ ସେମାନଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା।

କୋଟିଏ ଟଙ୍କାର ଗଞ୍ଜେଇ ଜବତ

ବୌଦ୍ଧ, ୧୭/୫ ନ୍ୟୁଜ ବ୍ୟୁରୋ

ବୌଦ୍ଧ ଜିଲ୍ଲା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଆଙ୍କୁନ ଓ ସାନବବଡ଼ା ଜଙ୍ଗଲରେ ଚୋରା ଚାଲାଣ ପାଇଁ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ରହିଥିବା କୌଣସି ସୂତ୍ରରୁ ଖବର ପାଇଥିଲେ ବୌଦ୍ଧ ଅବକାରୀ ବିଭାଗ। ସୂଚନାକୁ ଭିତ୍ତିକରି ଅବକାରୀ ବିଭାଗ ସେଠାରେ ପହଞ୍ଚି ଅତର୍କିତ ଭାବେ ଚଢ଼ଉ କରିଥିଲା। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ୭ଲକ୍ଷ ୫୦ହଜାର ଟଙ୍କା ହେବବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚଳାଇ ଥିଲେ ମାଫିଆ ମାନେ। ଠିକ୍ ସେଇ ସମୟରେ ଅବକାରୀ ବିଭାଗ ହଠାତ୍ ଚଢଉ କରିଥିଲା। ପୁଲିସ ଗାଡ଼ିକୁ ଦେଖି ଜଙ୍ଗଲ ଭିତରେ କୋଟି କୋଟି ଟଙ୍କାର ଗଞ୍ଜେଇ ଛାଡ଼ି ଫେରାର ହୋଇଯାଇଥିଲେ ମାଫିଆ।

୫ ବର୍ଷରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ୨୫,୦୦୦ କମିଲା

ନୂଆଦିଲ୍ଲୀ, ୧୭/୦୫

ଦେଶର ଏକ ନମ୍ବର ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଗତ ପାଞ୍ଚ ବର୍ଷ ଭିତରେ କର୍ମଚାରୀ ସଂଖ୍ୟାରେ ୨୫ ହଜାର ହ୍ରାସ ଘଟିଛି। ୨୦୧୮-୧୯ ଶେଷ ସୁଦ୍ଧା ବ୍ୟାଙ୍କରେ ୨.୫୭ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଥିଲେ। ୨୦୨୩-୨୪ ସୁଦ୍ଧା ସେହି ସଂଖ୍ୟା ୨.୩୨ ଲକ୍ଷକୁ ହ୍ରାସ ପାଇଛି। ଏହି ପାଞ୍ଚ ବର୍ଷ ଭିତରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଖ୍ୟାରେ ବର୍ଷକୁ ହାରାହାରି ୫୦୦୦ ହ୍ରାସ ଘଟିଛି। ୨୦୨୨-୨୩ରେ ସର୍ବାଧିକ ୮,୩୯୨ କର୍ମଚାରୀ କମ୍ ହୋଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଏହାର କର୍ମଚାରୀଙ୍କ ବାବଦରେ ୭୧,୨୩୭ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହି ଖର୍ଚ୍ଚ ୨୦୨୩-୨୪ରେ ୨୪ ପ୍ରତିଶତ ବୃଦ୍ଧି ପାଇଛି। ବେତନ ସଂଶୋଧନ ଫଇସଲା ପାଇଁ ବ୍ୟାଙ୍କ ୧୩,୩୮୭ କୋଟି ଟଙ୍କାର ବ୍ୟବସ୍ଥା କରିଛି। ୨୦୨୪-୨୫ ପରଠାରୁ ପ୍ରତି ମାସରେ ବ୍ୟାଙ୍କର କର୍ମଚାରୀ ଖର୍ଚ୍ଚ ୫୦୦ କୋଟି ଟଙ୍କା ବଢ଼ିବ ବୋଲି ଆକଳନ କରାଯାଇଛି।

ରେକର୍ଡ କଲା ରୁପା ଦର: ଦିନକରେ ଦେଢ଼ ହଜାର ବଢ଼ିଲା

ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ

ଦେଶରେ ସୁନା ଓ ରୁପା ଦରରେ ପୁଣି ବଡ଼ ଧରଣର ବୃଦ୍ଧି ଦେଖାଦେଇଛି। ରୁପା ଦର ଶୁକ୍ରବାର ନୂଆ ରେକର୍ଡ କରିଛି। ଭୁବନେଶ୍ୱର ବଜାରରେ କିଲୋଗ୍ରାମ ପିଛା ଦର ୯୨,୫୦୦ ଟଙ୍କା ଛୁଇଁଛି। ଗୁରୁବାର ତୁଳନାରେ ଶୁକ୍ରବାରର ଦାମ୍ ୧୫୦୦ ଟଙ୍କା ବଢ଼ିଛି। ଗତ କିଛିଦିନ ହେଲା ସୁନା ଓ ରୁପା ଦରରେ ଦେଖାଦେଇଥିବା ଏହି ବୃଦ୍ଧି ଗ୍ରାହକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେହିଭଳି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ଶୁକ୍ରବାର ଭୁବନେଶ୍ୱରରେ ୭୪ ହଜାର ୨୦ ଟଙ୍କାରେ ପହଞ୍ଚିଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୬୭,୮୫୦ ଟଙ୍କାକୁ ବୃଦ୍ଧି ପାଇଛି। ୨୪ କ୍ୟାରେଟ୍ ସୁନା ଦର ଶୁକ୍ରବାର ୧୦ ଗ୍ରାମ ପିଛା ୭୭୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୭୦୦ ଟଙ୍କା ବଢ଼ିଛି। ସୁନା ଦର ଉପରେ ନଜର ପକାଇଲେ ଅକ୍ଷୟ ତୃତୀୟା ପରଠାରୁ ଏହା ଲଗାତାର ଗତ ୧୪ ତାରିଖ ପର୍ଯ୍ୟନ୍ତ କମିଥିଲା। କିନ୍ତୁ ୧୪ ତାରିଖରୁ ଏହା ପୁଣି ବଢୁଛି। ଗତ ଦୁଇ ଦିନ ଭିତରେ ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୨୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୧୧୦୦ ଟଙ୍କା ବୃଦ୍ଧି ଘଟିଛି। ମେ ମାସର ସୁନା ମୂଲ୍ୟକୁ ଦେଖିଲେ ଚଳିତମାସର ପ୍ରଥମ ୧୬ ଦିନରେ ୨୪ କ୍ୟାରେଟ ସୁନା ଦାମ୍ ୩.୫୧ ପ୍ରତିଶତ ଏବଂ ୨୨ କ୍ୟାରେଟ୍ ସୁନା ଦାମ୍ ୩.୫୧ ପ୍ରତିଶତ ବୃଦ୍ଧି ଘଟିଲାଣି। ଚଳିତମାସ ପହିଲାରେ ସୁନା ଦାମ୍ ଯଥାକ୍ରମେ ୭୧,୫୧୦ ଟଙ୍କା ଏବଂ ୬୫,୫୫୦ ଟଙ୍କା ରହିଥିଲା। ବିଭିନ୍ନ କାରଣରୁ ସୁନା ଓ ରୁପା ମୂଲ୍ୟରେ ବୃଦ୍ଧି ଘଟୁଛି। ମୁଖ୍ୟତଃ ବିଶ୍ୱରେ ଭୂ-ରାଜନୈତିକ ଅସ୍ଥିରତା ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏଥିସହିତ କେନ୍ଦ୍ରୀୟ ବ୍ୟାଙ୍କ ଅଧିକ ମାତ୍ରାରେ ସୁନା କିଣୁଛନ୍ତି। ସୁନା ଓ ରୁପାରେ ପ୍ରସ୍ତୁତ ଗହଣା ଚାହିଦା ବି ବଢୁଛି। ସେହିଭଳି ନିବେଶକମାନେ ସୁନା ଓ ରୁପାକୁ ଏକ ଉତ୍ତମ ନିବେଶ ବିକଳ୍ପ ଭାବେ ଚୟନ କରୁଛନ୍ତି। ଏସବୁ କାରଣରୁ ଉକ୍ତ ଦୁଇ ମୂଲ୍ୟବାନ ଧାତୁ ଦର ବଢୁଛି। ବିଶେଷକରି ରୁପା ମୂଲ୍ୟ ବୃଦ୍ଧି ସଂପର୍କରେ ରାଜ୍ୟର ପ୍ରମୁଖ ରୁପା ଗହଣା ପ୍ରତିଷ୍ଠାନ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ରୁପାକୁ ମଧ୍ୟ ଗ୍ରାହକମାନେ ସୁନା ଭଳି ଏକ ନିବେଶ ବିକଳ୍ପ ଭାବେ ବିବେଚନା କରୁଛନ୍ତି।

ସମ୍ବଲପୁର ମାଟିରୁ କେନ୍ଦ୍ରମନ୍ତ୍ରୀଙ୍କୁ ଏକାଧିକ ପ୍ରଶ୍ନ କଲେ କାର୍ତ୍ତିକ ପାଣ୍ଡିଆନ

ସମ୍ବଲପୁର, ୧୭/୦୫ ନ୍ୟୁଜ ବ୍ୟୁରୋ

ସମ୍ବଲପୁର ମାଟିରୁ କେନ୍ଦ୍ରକୁ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସମାଲୋଚନା କରିଛନ୍ତି। ସମ୍ବଲପୁରରୁ ବିଜେପି ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିଛନ୍ତି ଏକାଧିକ ପ୍ରଶ୍ନ। କହିଥିଲେ, ଏ ଅଞ୍ଚଳର ଭାଷା, କଳା ଓ ସଂସ୍କୃତି ଲାଗି ସମ୍ବଲପୁର ପାଇଛି ସ୍ୱତନ୍ତ୍ର ପରିଚୟ। ସମ୍ବଲପୁରୀ କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଲାଗି ଲଗାତର ୫ ଥର ଧରି ପ୍ରସ୍ତାବ ପଠାଇଥିଲେ ମୁଖ୍ୟମନ୍ତ୍ରୀ। ହେଲେ କେନ୍ଦ୍ର କିଛି କଲେ ନାହିଁ। କାହିଁକି କୋଶଳୀ ଭାଷା ଆଜି ପର୍ଯ୍ୟନ୍ତ ଅଷ୍ଟମ ଅନୁଚ୍ଛେଦରେ ସାମିଲ

କରାଯାଇନାହିଁ ବୋଲି ପଚାରିଛନ୍ତି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ସମ୍ବଲପୁରୀ ଶାଢୀରେ ଥିବା ଇକତ ଡିଜାଇନକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ଦିଲ୍ଲୀରେ ଥିବା କୃଷି ଭବନର ଡିଜାଇନ ଏହି ସମ୍ବଲପୁରୀ ଶାଢୀ ଡିଜାଇନରେ କରାଯାଇଛି। ଏହି କୋଠାର ଡିଜାଇନ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। କଳାଭୂମିରେ ସମ୍ବଲପୁରୀ ଶାଢୀ ମ୍ୟୁଜିୟମ ତିଆରି କରୁଛନ୍ତି। ଅଞ୍ଚଳରୁ ଥିବା କେନ୍ଦ୍ରମନ୍ତ୍ରୀ ସମ୍ବଲପୁରୀ ଶାଢୀର ଉନ୍ନତି ଓ ଏହାକୁ ଜୀବିକା କରିଥିବା ବୁଣାକାରଙ୍କ ପାଇଁ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। କେନ୍ଦ୍ରମନ୍ତ୍ରୀ ଚାହିଁଥିଲେ ଏଠାରେ ଟେକ୍ସଟାଇଲ ପାର୍କ କରିପାରିଥାନ୍ତେ। ହେଲେ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ବୁଣାକାରଙ୍କ ସହଯୋଗ ଲାଗି ସମ୍ବଲପୁରୀ ଶାଢୀର ରପ୍ତାନୀ ଲାଗି ପଦକ୍ଷେପ ନେଇପାରିଥାନ୍ତେ। ଏ ଅଞ୍ଚଳର ବରପୁତ୍ରଙ୍କ ସ୍ମୃତି ପୀଠ ଲାଗି କେନ୍ଦ୍ରମନ୍ତ୍ରୀ କିଛି କରିନାହାନ୍ତି। ଯାହା ବି କରିଛନ୍ତି ମୁଖ୍ୟମନ୍ତ୍ରୀ ବଡ଼ ବଡ଼ ସ୍ମୃତି ପୀଠ କରିଛନ୍ତି। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର କେନ୍ଦ୍ର ସହ ମିଶି ବେଆଇନ ଆଡ଼ିବନ୍ଧ ଓ ଡ୍ୟାମ ନିର୍ମାଣ କଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସୁପ୍ରିମକୋର୍ଟରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲା। ଏହି ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରିଥିଲେ କେନ୍ଦ୍ର ସରକାର। ସେହି ସମୟରେ ଏଠାକାର କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହ ଠିଆ ହୋଇଥିଲେ। ସମ୍ବଲପୁର, ବରଗଡ଼ ସହ ଶେଷରେ ଓଡ଼ିଶାକୁ ଭୁଲିଗଲେ କେନ୍ଦ୍ରମନ୍ତ୍ରୀ ବୋଲି ସେ କହିଛନ୍ତି।

ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Issue-54 • 15th-21st May 2024 • Bhubaneswar
ଶତ ପ୍ରତିଶତ ହେଲାନି ଭୂତଳ ଅପ୍ଟିକାଲ ଫାଇବର
ସହରସାରା ମୁଣ୍ଡ ଉପରେ ଝୁଲୁଛି ତାର
ପାଣି ମୁନ୍ଦାଏ ପାଇଁ ଗାଁ ଲୋକେ ଡହଳ ବିକଳ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ସଡ଼କ ଦୁର୍ଘଟଣା : ୩ ମୃତ , ୫ ଗୁରୁତର

ଭବାନୀପାଟଣା/ ରାୟଗଡା, ୧୭/୦୫ ନ୍ୟୁଜ ବ୍ୟୁରୋ

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦ୍ରୁତ ଗତିରେ ଆସି ମାଡିଗଲା କାର୍। ଗୁରୁବାର ରାତିରେ କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅନ୍ତର୍ଗତ ମହିଚଲା ଗାଁ ଛକ ନିକଟରେ ଦୁର୍ଘଟଣା ଘଟିଛି । ଦ୍ରୁତ ଗତିରେ ଏକ କାର୍ ଆସି ମାଡିଯିବା ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖିବାକୁ ମିଳିଥିଲା । କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟପଟେ ରାୟଗଡାରେ ଏକ ବାଇକ ଧକ୍କାରେ ୨ ଜଣଙ୍କ ଜୀବନ ଯାଇଛି । ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅନ୍ତର୍ଗତ ମହିଚଲା ଗାଁ ଛକରେ ଗୁରୁବାର ରାତି ୮ଟା ସମୟରେ ୬ ଜଣ ବ୍ୟକ୍ତି ଛିଡା ହୋଇ କଥା ହେଉଥିବା ବେଳେ କୋକସରା ପଟୁ ଏକ ଇନୋଭା କାର୍ ଦ୍ରୁତ ଗତିରେ ଆସି ସେମାନଙ୍କ ଉପରେ ମାଡ଼ିଯାଇଥିଲା । ପରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ କାର୍‌ଟି ପିଟି ହୋଇଯାଇଥିଲା । ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତ ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ଜୁନାଗଡ଼ ଓ ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା କାର୍‌ଟି ଫେରାର ମାରିଥିବା ବେଳେ ରାଜରାସ୍ତାରେ ଉତ୍ତେଜନା ଦେଖାଦେଇଛି । ଏହି ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀ ମହିଚଲା ନିକଟସ୍ଥ ବରଗଡ଼ ବାରିଗୁମା ୨୬ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତାକୁ ଅବରୋଧ କରିଥିଲେ। ଅନ୍ୟପଟେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କୃଷ୍ଣ ନଗର ଗ୍ରାମ ନିକଟରେ ମଧ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକ ଧକ୍କାରେ ୨ଜଣଙ୍କ ଜୀବନ ଯାଇଛି । ସୂଚନା ଅନୁଯାୟୀ, ଗୁରୁବାର ଦିନ ସ୍ଥାନୀୟ ରେଲୱେ ଶ୍ରମିକ ଭାବେ କାର୍ଯ୍ୟରତ କଳାହାଣ୍ଡି ଜିଲ୍ଲାର ବିଶ୍ୱଜିତ ଏକ ବାଇକରେ ସିକରପାଇ ଠାରୁ ଭିତର୍ଝୋଲା ଯାଉଥିଲେ । ଏହି ସମୟରେ କୃଷ୍ଣ ନଗର ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟରରେ ନିଳଗିରି କାଠ ବୋଝେଇ କରୁଥିବା ଶ୍ରମିକଙ୍କୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ୨ ଜଣଙ୍କ ଜୀବନ ଚାଲିଯାଇଛି । ତେବେ ମୃତ ଶ୍ରମିକ ଜଣକ ସ୍ଥାନୀୟ ସାଜା ଗ୍ରାମର ଯୋଗେଶ ମିନିଆକା ହୋଇଥିବା ଜଣାପଡିଛି । ଅନ୍ୟପଟେ ସୂଚନା ପାଇ କଲ୍ୟାଣ ସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ନାୟକ ଓ ସବଇନ୍‌ସପେକ୍ଟର ଶିବ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

+୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ୍ ଗ୍ରହଣ ନକରିବାକୁ ଓଡ଼ିଶା ପୁଲିସ୍‌ର ଚେତାବନୀ

ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ

ହ୍ୱାଟସ୍ ଆପ୍‌ରେ +୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ ଗ୍ରହଣ ନ କରିବାକୁ ଓଡ଼ିଶା ପୁଲିସ୍ ଗୁରୁବାର ଦିନ ମୋବାଇଲ୍ ବ୍ୟବହାରକାରୀଙ୍କୁ ଚେତାବନୀ ଦେଇଛି। ମୋବାଇଲ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ତଥା ପୁଲିସ୍ ଏକ୍ସ-ହ୍ୟାଣ୍ଡେଲରେ ଏନେଇ ପରାମର୍ଶ ଦେଇଛି। ଠକେଇ ହେଉଥିବା ନେଇ ପୁଲିସ୍ ସତର୍କ ସୂଚନା ଜାରି କରିଛି। ଜାଣିବାକୁ ମିଳିଛି ଯେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୋଲିସ୍ ଅଧିକାରୀଙ୍କ ଛଦ୍ମନାମରେ ଠକେଇର ଖବର ଆସିବା ପରେ ଓଡ଼ିଶା ପୋଲିସ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ସତର୍କ କରାଇବାକୁ ନିଷ୍ପତ୍ତି ନେଇଛି। ସାଇବର ଠକମାନେ ଏହି ନୂତନ କୌଶଳ ଆପଣେଇ ନିଜକୁ ପୋଲିସ୍ ଅଧିକାରୀ ଭାବରେ ପରିଚିତ କରି ମୋବାଇଲ ବ୍ୟବହାରୀଙ୍କ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ସାଧାରଣ ଲୋକଙ୍କୁ ପ୍ରତାରଣା କରୁଛନ୍ତି। ତେଣୁ ଓଡ଼ିଶା ପୋଲିସ ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛି ଏବଂ ଏପରି କଲ୍ ଗ୍ରହଣ ନ କରିବା ସହିତ କୌଣସି ସୂଚନା ସେୟାର ନକରିବାକୁ କହିଛି। ଏହାପୂର୍ବରୁ ଟେଲି ଯୋଗାଯୋଗ ବିଭାଗ, ଯୋଗାଯୋଗ ମନ୍ତ୍ରଣାଳୟ ଏକ ସତର୍କ ସୂଚନା ଜାରି କରି ମୋବାଇଲ୍ ବ୍ୟବହାରକାରୀଙ୍କୁ ହ୍ୱାଟସ୍ ଆପ୍‌ରେ +୯୨ରୁ ଆରମ୍ଭ ହେଉଥିବା ବିଦେଶୀ ନମ୍ବରରୁ କଲ୍ ନେଇ ସତର୍କ ରହିବାକୁ କହିଥିଲେ। ଯୋଗାଯୋଗ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏହି ସୂଚନାରେ ମୋବାଇଲ ବ୍ୟବହାରକାରୀମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା କହି ଠକମାନେ ମୋବାଇଲ୍ ନମ୍ବର ବିଚ୍ଛିନ୍ନ କରିବାକୁ ଧମକ ଦେଉଥିବା ଘଟଣା ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା।

ଆତଙ୍କ ଖେଳାଇଥିବା ବାଘକୁ ଧରିଲା ବନବିଭାଗ

ରାଇରଙ୍ଗପୁର, ୧୭/୦୫ ନ୍ୟୁଜ ବ୍ୟୁରୋ

୨ ଦିନର କସରତ ପରେ କାବୁ ହେଲା ବାଘ । ବାରିପଦାରେ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘକୁ ଠାବ କରିବାରେ ସଫଳ ହୋଇଛି ବନବିଭାଗ । ଭଞ୍ଜପୁର ଥାନା ବୁଢ଼ୀଖମାରୀରୁ ଟ୍ରାଙ୍କୁଲାଇଜ୍ କରି ବାଘକୁ ଧରିଲା ବନବିଭାଗର ରେସ୍କ୍ୟୁ ଟିମ୍। ବାଘଟିର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଶିମିଳିପାଳରେ ଛଡ଼ା ଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେପଟେ ବାଘକୁ ଦେଖିବା ପାଇଁ ଭଞ୍ଜପୁରରେ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ଼ ଜମିଛି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଦିନ ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ତଥା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବାଘକୁ ନେଇ ଆତଙ୍କ ଖେଳି ଯାଇଥିଲା । ଏହାପରେ ବାଘ ବାରିପଦା



ସହରକୁ ପଶି ଆସିଥିଲା। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା । ୦୨ ନମ୍ବର ୱାର୍ଡ ବାଘଘର ଗଳି ଠାରେ ମକରଧ୍ୱଜ ସୋରେନ ନାମକ ଜଣେ ବ୍ୟକ୍ତି ତାଙ୍କ ପିଲାକୁ ଟିଉସନ ଛାଡିବାକୁ ଯିବା ସମୟରେ ବାଘକୁ ଦେଖିଥିଲେ । ପରେ ଘଟଣା ସମ୍ପର୍କରେ ବନବିଭାଗ ଖବର ପାଇବା ପରେ ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଭଞ୍ଜପୁର ଥାନା ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବାଘର ସନ୍ଧାନ ପାଇଁ ଲାଗି ପଡ଼ିଥିଲେ । ଶେଷରେ ବାଘଟି କାବୁ ହୋଇଛି ।

ଓଡ଼ିଶାରେ ସୁଭଦ୍ରା ଯୋଜନା ଲାଗୁ ହେବ : ହେମାମାଳିନୀ

ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ

ରାଧେ ରାଧେ କହି ଭୁବନେଶ୍ୱରର ସାଲିଆସାହି ଆଶୀର୍ବାଦ ସମାବେଶରେ ଶୁକ୍ରବାର ନିଜ ଭାଷଣ ଆରମ୍ଭ କରିଥିବା ହେମା ମାଳିନୀ ମୁମ୍ବାଇର ଧରାବୀର ଉଦାହରଣ ଦେଇ ସାଲିଆସାହିର ବିକାଶ କଥା କହିଛନ୍ତି । ଏହି ରାଜ୍ୟରେ କଂଗ୍ରେସ ଓ ବିଜେଡି ସରକାର ବହୁ ବର୍ଷ କ୍ଷମତାରେ ରହିବା ପରେ ବି ରାଜ୍ୟର ସେପରି ଆଖିଦୃଶିଆ ବିକାଶ ହୋଇନି, ବରଂ ଭ୍ରଷ୍ଟାଚାର ବଢ଼ିଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର କିଛି କାମ କରୁ ନ ଥିବା ବେଳେ

ଭାବୁଛନ୍ତି ବହୁ ବିକାଶ କରୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ୧୮ ଲକ୍ଷ କୋଟି ଦେଇଛନ୍ତି, କିନ୍ତୁ ବିକାଶ ହୋଇନି। ଏଠାରେ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ହୋଇପାରିବ । ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏଠି ସୁଭଦ୍ରା ଯୋଜନା ଲାଗୁ କରାଯିବ । ସବୁ ମହିଳାଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ମିଳିବ ବୋଲି କହିଛନ୍ତି ହେମା ମାଳିନୀ। ମୋଦିଜୀଙ୍କ ନେତୃତ୍ୱରେ ସମଗ୍ର ଦେଶର ନବନିର୍ମାଣ ହେଉଛି। ତେଣୁ ଓଡ଼ିଶାର ବିକାଶ ପାଇଁ ଏଠାରେ ବି ଡବଲ ଇଞ୍ଜିନ ସରକାର ଆସିବା ଦରକାର। ତେଣୁ ଓଡ଼ିଶାରେ ବି ଏଥର ସରକାରରେ ପରିବର୍ତ୍ତନ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ହେମା ମାଳିନୀ।

ରବିବାସରୀୟ କଳିକା
ଜଳବାୟୁ ପରିବର୍ତ୍ତନ ବଳି ପଡୁଛନ୍ତି ଭଅଁର

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଏବେବି ବହୁ ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନାହିଁ: ବଜ୍ରପାତ ଭୟରେ ଭକ୍ତ ଓ ପୂଜକ

ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ

କିଛିଦିନ ତଳେ ରାଜଧାନୀରେ ହୋଇଥିବା କାଳବୈଶାଖୀରେ ପ୍ରବଳ ବର୍ଷା ଓ ପବନ ସହିତ ବଜ୍ରପାତ ହୋଇଥିଲା। ଚଳିତ ଗ୍ରୀଷ୍ମଋତୁରେ ଆଗକୁ ଏପରି ସ୍ଥିତି ଆହୁରି ଏକାଧିକ ଥର ହେବ ନିଶ୍ଚୟ। ଯେତେଥର ଏହି ଅଞ୍ଚଳରେ ବଜ୍ରପାତ ହୁଏ, ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ମନ୍ଦିର ଭିତରେ ସେହି ସମୟରେ ଥିବା ପୂଜକ ଓ ଶ୍ରଦ୍ଧାଳୁ ଭୟଭୀତ ହୋଇପଡ଼ନ୍ତି। କାରଣ ଏହି ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକୁ ରହିଛି ବଜ୍ରପାତର ଭୟ। ଆର୍ଥିଂ ବ୍ୟବସ୍ଥା ଠିକ୍ ନଥିବାରୁ ବଜ୍ରପାତରେ ମନ୍ଦିରଗୁଡ଼ିକର ବ୍ୟାପକ କ୍ଷତି ଘଟିବାର ଆଶଙ୍କା ସବୁ ସମୟରେ ରହିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏଥିପ୍ରତି ଆଦୌ ଯତ୍ନବାନ ହେଉନଥିବା ସେବାୟତମାନେ ଅଭିଯୋଗ କରିଆସୁଛନ୍ତି। ପୂର୍ବରୁ ଏଠାକାର ବହୁ ମନ୍ଦିରରେ ବଜ୍ରପାତ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଏସ୍‌ଆଇ ମନ୍ଦିରରେ ଆର୍ଥିଂ ଲଗାଇଥିଲେ ହେଁ ଏହା କାମ କରୁନାହିଁ ବୋଲି ସେବାୟତମାନେ କହିଛନ୍ତି। ତେଣୁ ବଜ୍ରପାତ ଯୋଗୁଁ

ମନ୍ଦିରଗୁଡ଼ିକୁ ବିପଦ ରହିଛି ବୋଲି ସେବାୟତ ଗୋପାଳ ମକଦ୍ଦମ କହିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିରର ସୁପରଭାଇଜର ତଥା ସେବାୟତ ରାଜକିଶୋର ମହାପାତ୍ର କହନ୍ତି, ପୂର୍ବରୁ ବହୁ ମନ୍ଦିରରେ ବଜ୍ରପାତ ହେବାରୁ ବ୍ୟାପକ କ୍ଷୟକ୍ଷତି ଘଟି ସାରିଛି। ନୂଆ ପଦ୍ଧତିରେ ଆର୍ଥିଂ କରାଯାଇଥିଲେ ମଧ ଏହା ବଜ୍ରପାତକୁ ନିରୋଧ କରିପାରୁନି। ଏଣୁ ପୁରୀ ଶ୍ରୀମନ୍ଦିର ପରି ପୁରାତନ ପଦ୍ଧତିରେ ଆର୍ଥିଂ କରାଯିବା ଉଚିତ। ଏକାମ୍ର କ୍ଷେତ୍ରରେ ବାସୁଦେବ ମନ୍ଦିର, କପିଳେଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର, ନାଗେଶ୍ୱର ମନ୍ଦିର, ଗୋସାଗରେଶ୍ୱର ମନ୍ଦିର, ସୂକ୍ଷ୍ମେଶ୍ୱର ମନ୍ଦିର, ଡାକରା ବିଭୀଷଣେଶ୍ୱର ମନ୍ଦିର, ଉତ୍ତରେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନାହିଁ। କେବଳ ସେତିକି ନୁହେଁ, ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ମୁଖ୍ୟ ମନ୍ଦିରକୁ ଛାଡ଼ିଦେଲେ ଅନ୍ୟ ସବୁ ମନ୍ଦିରରେ ମଧ ଆର୍ଥିଂ ବ୍ୟବସ୍ଥା ନାହିଁ। ପୂର୍ବରୁ ମୈତ୍ରେଶ୍ୱର ମନ୍ଦିର, ଜମେଶ୍ୱର ମନ୍ଦିର, ଶୁକଶାରୀ ମନ୍ଦିର, ରାଜାରାଣୀ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ଏଏସ୍‌ଆଇ ପକ୍ଷରୁ କରା ଯାଇଥିଲେ ହେଁ ସୁରକ୍ଷାରେ ଥିବା ଅବହେଳା କାରଣରୁ ଦୁର୍ବୃତ୍ତମାନେ ମନ୍ଦିରଗୁଡ଼ିକର ଆର୍ଥିଂ ତାଡ଼ି ନେଇଛନ୍ତି। କେଉଁ ମନ୍ଦିରରେ ସମ୍ପୂର୍ଣ୍ଣ ଆର୍ଥିଂ ତାରକୁ ନେଇଯାଇଛନ୍ତି ତ ଆଉ କେତେକ ମନ୍ଦିରରେ ଅଧା ତାର ହିଁ ରହିଛି। ଫଳରେ ଏହି ମନ୍ଦିରଗୁଡ଼ିକରେ ପୁଣି ବଜ୍ରପାତର ଭୟ ରହିଛି। ପ୍ରକାଶ ଥାଉକି ୨୦୧୮ ଜୁଲାଇ ୩୦ରେ ଶ୍ରୀଜମେଶ୍ୱର ମନ୍ଦିର ଉପରେ ବଜ୍ରପାତ ହୋଇଥିଲା। ଫଳରେ ଦଧିନଉତିର ପଥର ଭାଙ୍ଗି ନଷ୍ଟ ହେବାସହ ପତାକା ପୋଡ଼ି ଯାଇଥିଲା। ଦଧିନଉତି ତଳେ ଥିବା ୪ଟି ସ୍ଥାନରେ ଅଙ୍ଗ ଶିଖର ଓ ରାହାପାଗ ଭାଙ୍ଗି ତଳେ ପଡ଼ିଥିଲା ଓ ବହୁ ସ୍ଥାପତ୍ୟ ନଷ୍ଟ ହୋଇଯାଇଥିଲା। ସେହିଭଳି ସେଦିନ ହିଁ ଅନନ୍ତ ବାସୁଦେବ ମନ୍ଦିରରେ ବଜ୍ରପାତ ହୋଇଥିଲା ଓ ପତାକା ପୋଡ଼ିଯାଇଥିଲା। ବଜ୍ରପାତ ଯୋଗୁଁ ସର୍ଟ ସର୍କିଟ୍ ହୋଇ ମନ୍ଦିରର ୱାରିଂ ନଷ୍ଟ ହୋଇଥିଲା ଓ ବହୁ ବୈଦ୍ୟୁତିକ ଉପକରଣ ପୋଡ଼ି ଯାଇଥିଲା। ପରେ ପରେ ଜମେଶ୍ୱର ମନ୍ଦିରରେ ଏଏସ୍‌ଆଇ ପକ୍ଷରୁ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା। ତେବେ କିଛି ସପ୍ତାହ ପରେ ଆର୍ଥିଂ ତାରକୁ ଦୁର୍ବୃତ୍ତମାନେ ତାଡ଼ି ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୁରୁଣା ଭୁବନେଶ୍ୱରରେ ମୋଟ୍ ୧୯୯ଟି ମନ୍ଦିର ରହିଛି। ଶ୍ରୀଲିଙ୍ଗରାଜ ମନ୍ଦିର ସହିତ ପର୍ଯ୍ୟଟକଙ୍କୁ ସବୁଠୁ ଅଧିକ ଆକୃଷ୍ଟ କରୁଥିବା ମନ୍ଦିରଗୁଡ଼ିକ ହେଉଛି ମତ୍ରେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର, ଗୋସାଗରେଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର, ଲକ୍ଷ୍ମଣେଶ୍ୱର ମନ୍ଦିର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର। ପ୍ରାୟ ନବମ ଓ ଦଶମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରଗୁଡ଼ିକର ଭାସ୍କର୍ଯ୍ୟ ଓ କଳାକୃତି ହିଁ ପର୍ଯ୍ୟଟକମାନଙ୍କୁ ଟାଣି ଆଣିଥାଏ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ୨୪ଟି ମନ୍ଦିର ଥିବାବେଳେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ୧୨ଟି ମନ୍ଦିର ତଥା ଐତିହ୍ୟସ୍ଥଳୀ ରହିଛି। ସମସ୍ତ ଐତିହ୍ୟର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟୟ ହେଉଛି କୋଟି କୋଟି ଟଙ୍କା। କିନ୍ତୁ କୌଣସି ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ବି ହୋଇନଥିବା ପୂରା ନିଷ୍ପାର ଚିତ୍ରକୁ ବୟାନ କରୁଛି। ଏନେଇ ଏଏସ୍‌ଆଇ ଭୁବନେଶ୍ୱରର ସଂଗ୍ରାଧୀକ୍ଷକ ସୁଶାନ୍ତ ଗୋଛାୟତ କହିଛନ୍ତି, ''ଏକାମ୍ର କ୍ଷେତ୍ରର ମୈତ୍ରେଶ୍ୱର, ଜମେଶ୍ୱର ମନ୍ଦିର ସମେତ ଆଉ କିଛି ମନ୍ଦିରର ଆର୍ଥିଂ ପାଇଁ ବଜେଟ୍ କରିଛୁ। ଖୁବ୍‌ଶୀଘ୍ର ଏଗୁଡ଼ିକରେ ଆର୍ଥିଂ ପାଇଁ ବ୍ୟବସ୍ଥା କରିବୁ। ଲିଙ୍ଗରାଜ ମନ୍ଦିରରେ ଏବେ ଗୋଟିଏ ଆଧୁନିକ ନୂତନ ପଦ୍ଧତିରେ ଆର୍ଥିଂ ଲଗାଯାଇଛି। ପୁରାତନ ପଦ୍ଧତି ମଧ୍ୟ ଅନୁସରଣ କରାଯିବ।''

ଚିଙ୍ଗୁଡ଼ି ପ୍ଲାଣ୍ଟରେ ବିଷାକ୍ତ ଗ୍ୟାସ୍ ଲିକ୍ ୧୫ରୁ ଉର୍ଦ୍ଧ୍ୱ ଗୁରୁତର

ବାଲେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ

ସ୍ନୋ ୱାର୍ଡ ଚିଙ୍ଗୁଡି ପ୍ରୋସେସିଂ ୟୁନିଟରେ ଅଘଟଣ । ବିଷାକ୍ତ ଗ୍ୟାସ ଲିକ୍ ହେବାରୁ ୧୫ରୁ ଉର୍ଦ୍ଧ୍ୱ ମହିଳା ଶ୍ରମିକ ଗୁରୁତର ହୋଇଛନ୍ତି । ଏଭଳି ଘଟଣା ଘଟିଛି ନୀଳଗିରି ନିକଟ ଗଡ଼ିଆମାଳ ଠାରେ ଥିବା ଚିଙ୍ଗୁଡ଼ି ପ୍ରୋସେସିଂ ୟୁନିଟରେ। ସମସ୍ତ ଗୁରୁତରଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଚିଙ୍ଗୁଡ଼ି ପ୍ରୋସେସିଂ ବେଳେ ବିଷାକ୍ତ ଗ୍ୟାସ ଲିକ୍ ହୋଇ ଏମିତି ଅଘଟଣ ଘଟିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଏ ସିଫ୍ଟରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଗତ ସନ୍ଧ୍ୟାରେ କାମ କରୁଥିବା ବେଳେ ହଠାତ ମୁଣ୍ଡ ବୁଲାଇ ଅଚେତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରାଯାଇ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତରଙ୍କ ମଧ୍ୟରୁ ଅଧିକାଂଶ ନାବାଳିକା ଥିବା ଅନୁମାନ କରାଯାଉଛି। କମ୍ପାନୀର କୌଣସି ଅଧିକାରୀ ମେଡ଼ିକାଲରେ ପହଞ୍ଚି ନଥିବା ବେଳେ ଅସୁସ୍ଥ କର୍ମଚାରୀମାନଙ୍କ ଚିକିତ୍ସା ଜାରି ରହିଛି।